NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
TUESDAY 29 APRIL 2025
ମଙ୍ଗଳବାର ୨୯ ଏପ୍ରିଲ୍ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 339 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ ● ସଂଖ୍ୟା ୩୩୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ଦାଉ ଦାଉ ଜଳୁଛି ପହଲଗାମ ପ୍ରତିଶୋଧର ନିଆଁ

## ନୌସେନାକୁ ମିଳିବ ବଳ, ଆସୁଛି ଆଉ ୨୬ ରାଫେଲ୍





**ଭାରତ-ଫ୍ରାନ୍ସ ଚୁକ୍ତିନାମା ସ୍ୱାକ୍ଷରିତ**

**୬୩ ହଜାର କୋଟି ବ୍ୟୟରେ କିଣାଯିବ**

**ମୋଟ୍ ସଂଖ୍ୟା ହେବ ୬୨**

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ମଧ୍ୟରେ ମୋଦୀ ସରକାରଙ୍କ ଦ୍ୱାରା ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି ଚୂଡ଼ାନ୍ତ ରୂପ ନେଇଛି । ଏହି ଚୁକ୍ତି ପାକିସ୍ତାନ ପାଇଁ ବଡ଼ ଚିନ୍ତାର କାରଣ ହେବାକୁ ଯାଉଛି । କାରଣ ଚୁକ୍ତି ଅନୁଯାୟୀ ଭାରତ ଫ୍ରାନ୍ସରୁ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବାକୁ ଯାଉଛି । ଏହି ବିମାନ କ୍ରୟ ପାଇଁ ଆଜି ନୂଆଦିଲ୍ଲୀରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ସମ୍ପୂର୍ଣ୍ଣ ଡିଲ୍ ୬୩ ହଜାର କୋଟି ଟଙ୍କାର ବୋଲି ପ୍ରତିରକ୍ଷା ଅଧିକାରୀମାନେ ସୂଚନା ଦେଇଛନ୍ତି । ଏହି ଅବସରରେ ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଚୁକ୍ତିନାମାକୁ ଭାରତୀୟ ପକ୍ଷ ପକ୍ଷରୁ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ପ୍ରତିନିଧିତ୍ୱ କରିଥିଲେ । ଏହି ଅବସରରେ ନୌସେନାର ଉପମୁଖ୍ୟ ଭାଇସ୍ ଆଡମିରାଲ କେ. ସ୍ୱାମୀନାଥନ୍ ମଧ୍ୟ ଉପସ୍ଥିତ ଥିଲେ । ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ଏହି ସ୍ୱାକ୍ଷର ଉତ୍ସବରେ ଯୋଗଦେବା ପାଇଁ ବ୍ୟକ୍ତିଗତ ଭାବେ ଆସିବାର ଥିଲା, କିନ୍ତୁ କୁହାଯାଉଛି ଯେ, ବ୍ୟକ୍ତିଗତ କାରଣରୁ ତାଙ୍କୁ ତାଙ୍କର ଗସ୍ତ ବାତିଲ କରିବାକୁ ପଡ଼ିଲା । ଏହି ମାସ ଆରମ୍ଭରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ଏହି ଚୁକ୍ତିକୁ ଅନୁମୋଦନ କରିଥିଲା । ଭାରତୀୟ ବିମାନ ବାହକ, ବିଶେଷକରି ଆଇଏନଏସ ବିକ୍ରାନ୍ତରେ ନିୟୋଜିତ କରିବା ପାଇଁ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନର ଜରୁରୀ ଆବଶ୍ୟକତା ରହିଛି । ରିପୋର୍ଟ ଅନୁଯାୟୀ, ରକ୍ଷଣାବେକ୍ଷଣ ସମସ୍ୟା ଯୋଗୁଁ ପୂର୍ବରୁ ଥିବା ମିଗ୍-୨୯ ଲଢୁଆ ବିମାନଗୁଡ଼ିକର ପ୍ରଦର୍ଶନ ଖରାପ ହୋଇଛି । ଫ୍ରାନ୍ସରୁ କିଣାଯିବାକୁ ଥିବା ରାଫେଲ-ଏମ୍ ଜେଟ୍ ବିମାନକୁ ଭାରତୀୟ ଯୁଦ୍ଧଜାହାଜରେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସ୍ଥାପନ କରାଯିବ । ଏହାକୁ ଆଇଏନଏସ ବିକ୍ରାନ୍ତରେ ରଖାଯିବ ବୋଲି କୁହାଯାଉଛି । ସରକାରଙ୍କ ମତରେ, ଏହି ରାଫେଲ ଡିଲ୍ ଏକ ଅସ୍ଥାୟୀ ସମାଧାନ । ଭାରତରେ ମଧ୍ୟ ଗୋଟିଏ ପରେ ଗୋଟିଏ ଅନେକ ଯୁଦ୍ଧ ବିମାନ ବିକଶିତ ହେଉଛି । ଏହି ଚୁକ୍ତିକୁ ଚଳିତ ମାସ ୯ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକରେ ମଞ୍ଜୁରୀ ଦିଆଯାଇଥିଲା । ଏହାକୁ ▶▶ ୫

**ଭାରତର ଡିଜିଟାଲ୍ ଷ୍ଟ୍ରାଇକ୍**

## ୧୬ ପାକ୍ ୟୁଟ୍ୟୁବ୍ ଚ୍ୟାନେଲ୍ ବ୍ୟାନ୍

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:**




**ଦେଉଥିଲେ ବିଭ୍ରାନ୍ତିକର ସୂଚନା**

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଆକ୍ସନ ମୁଡରେ ଅଛନ୍ତି ଭାରତ ସରକାର । ଏହାରି ମଧ୍ୟରେ ସୋମବାର ଭାରତ ସରକାର ୧୬ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟାନ୍ କରିଛନ୍ତି । ଏହି ଚ୍ୟାନେଲରେ ଉତ୍ତେଜନାମୂଳକ, ସାମ୍ପ୍ରଦାୟିକ, ସମ୍ବେଦନଶୀଳ ବିଷୟବସ୍ତୁ ସହ ମିଥ୍ୟା ଓ ବିଭ୍ରାନ୍ତିକର କାହାଣୀ ଏବଂ ଭୁଲ ତଥ୍ୟ ବିସ୍ତାର କରାଯାଉଥିଲା । ଏନେଇ ଗୃହ ମନ୍ତ୍ରଣାଳୟର ସୁପାରିଶ ଆସିବା ପରେ ଭାରତ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏହି ବ୍ୟାନ୍ ତାଲିକାରେ ପାକିସ୍ତାନର ମିଡିଆ ସଂସ୍ଥା ଯେପରିକି ଡନ୍, ସାମା ଟିଭି, ଏଆରୱାଇ ନ୍ୟୁଜ୍, ଜିଓ ନ୍ୟୁଜ୍ , ରାଜି ନାମା, ଜିଏନଏନ ଓ ଇର୍ଶାଦ ଭାଟି ପ୍ରମୁଖ ସାମିଲ । ସରକାରୀ ସୂତ୍ରରୁ କୁହାଯାଇଛି, 'ଗୃହ ମନ୍ତ୍ରଣାଳୟର ସୁପାରିଶ କ୍ରମେ ଜମ୍ମୁ କାଶ୍ମୀରରେ ଘଟିଥିବା ଦୁଃଖଦ ପହଲଗାମ ଆତଙ୍କବାଦୀ ଘଟଣାରେ ଭାରତୀୟ ସେନା ଏବଂ ସୁରକ୍ଷା ଏଜେନ୍ସି ବିରୁଦ୍ଧରେ ଉତ୍ତେଜନାମୂଳକ ତଥା ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟବସ୍ତୁ, ମିଥ୍ୟା ତଥା ବିଭ୍ରାନ୍ତିକର କାହାଣୀ ଏବଂ ଭୁଲ ତଥ୍ୟ ପ୍ରଚାର କରିବା ପାଇଁ ୧୬ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ଭାରତ ସରକାର ବ୍ୟାନ୍ କରିଛନ୍ତି । ବ୍ୟାନ୍ ହେବା ପରେ ଏହି ଚ୍ୟାନେଲଗୁଡ଼ିକର ଭିଡିଓ ଭାରତରେ ଷ୍ଟ୍ରିମିଂ ହେବା ବନ୍ଦ ହେବ ।

**ବଡ଼ ଆକ୍ସନର ପ୍ରସ୍ତୁତି**

## ମୋଦୀ-ରାଜନାଥ ବୈଠକ

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:**



ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ନୂଆଦିଲ୍ଲୀରେ ଘନଘନ ବୈଠକ ଜାରି ରହିଛି । ଏହିକ୍ରମେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ସୋମବାର ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାରକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । କୁହାଯାଉଛି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରାଜନାଥ ସୁରକ୍ଷା ପ୍ରସ୍ତୁତି ସମ୍ପର୍କରେ ଅବଗତ କରିଛନ୍ତି । ଏତଦ୍‌ବ୍ୟତୀତ ସୀମାରେ ଏବେ ପାକିସ୍ତାନୀ ସେନା ପକ୍ଷରୁ ଜାରି ରହିଥିବା ଗୁଳିମାଡ଼ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି । ମୋଦୀ-ରାଜନାଥଙ୍କ ସାକ୍ଷାତକାର ଏପରି ଏକ ସମୟରେ ଆସିଛି ଯେତେବେଳେ କି ପହଲଗାମ୍ ଆତଙ୍କବାଦୀ ଘଟଣାକୁ ନେଇ ଦେଶରେ ତୀବ୍ର ଅଶାନ୍ତି ତଥା ଉତ୍ତେଜନା ଜାରି ରହିଛି । ସେହିପରି ଦିନକ ପୂର୍ବେ ଦେଶର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ୍, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥଙ୍କୁ ସାକ୍ଷାତ କରିଥିଲେ । ପ୍ରକାଶ, ପହଲଗାମ୍ ଘଟଣାକୁ ନେଇ ଭାରତ ଏବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଉଥିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷେ ପାକିସ୍ତାନ ଭାରତର ଏପ୍ରକାର କାର୍ଯ୍ୟକଳାପକୁ ନେଇ ସମ୍ପୂର୍ଣ୍ଣ ଭୟଭୀତ ହୋଇପଡିଛି । ଭାରତ ନିୟମିତ ଭାବେ ପାକିସ୍ତାନ ଉପରେ ଏବେ କୂଟନୀତି ସ୍ତରରେ ପ୍ରହାର ଜାରି ରଖିଛି ।

## କଟିବ ବିଦେଶୀଙ୍କ ରାସନକାର୍ଡ

**ଚିହ୍ନଟ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି**

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:**



ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଓଡ଼ିଶା ସରକାରଙ୍କ ବଡ଼ ପଦକ୍ଷେପ । ଓଡ଼ିଶାରେ ଥିବା ବିଦେଶୀ ନାଗରିକଙ୍କ କଟିବ ରାସନ କାର୍ଡ । ଓଡ଼ିଶାରେ ପାକିସ୍ତାନୀ, ବାଂଲାଦେଶୀ ଓ ମିଆଁମାରର ନାଗରିକ ବସବାସ କରିବା ସହିତ ରାସନ କାର୍ଡ ହାତେଇଛନ୍ତି । ସେମାନଙ୍କର ଭୋଟର କାର୍ଡ ଏବଂ ଆଧାର କାର୍ଡ ମଧ୍ୟ ରହିଛି । ସେମାନଙ୍କୁ ଖୁବ୍‌ଶୀଘ୍ର ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏସବୁ ବିଦେଶୀ ନାଗରିକଙ୍କ ରାସନ କାର୍ଡ କଟାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଏପରିକି ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ପୁରୀ ଜିଲ୍ଲାରେ ବିଦେଶୀ ନାଗରିକ ରହିଥିବା ସେ କହିଛନ୍ତି ।

ଏହାଛଡ଼ା ସେ କହିଛନ୍ତି ଯେ ରାସନ କାର୍ଡ ପାଇଥିବା ବିଦେଶୀଙ୍କୁ ଚିହ୍ନଟ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ସେମାନଙ୍କୁ ଚିହ୍ନଟ କରି ରାସନ କାର୍ଡ ତାଲିକାରୁ ନାମ କାଟିବାକୁ କଡ଼ା ନିର୍ଦ୍ଦେଶ ଜାରି ହୋଇଛି । ଏସବୁ ବିଦେଶୀ ସୁଯୋଗ ▶▶ ୫

## ଦିନରେ ଖରା, ଅପରାହ୍ଣରେ ଛେଚୁଛି

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:**

**୨ ପର୍ଯ୍ୟନ୍ତ ଜାରି ରହିବ କାଳବୈଶାଖୀ ବର୍ଷା**



ଦିନରେ ପ୍ରବଳ ଖରା ହେଉଥିବା ବେଳେ ଅପରାହ୍ଣରେ ବର୍ଷା ଛେଚୁଛି । ରାଜ୍ୟରେ ଅସମ୍ଭାଳ ତାତିକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଟ୍ରଫ ଲାଇନ୍ ପ୍ରଭାବରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ କାଳବୈଶାଖୀ ବର୍ଷା । କୁଆପଥର ବର୍ଷା, ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଝଟକା ପବନ ଘଣ୍ଟାପ୍ରତି ୫୦-୬୦ କିମି ବେଗରେ ବହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ▶▶ ୫

**ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ୍**

## ୧୧୭ ଜମାକାରୀ ଫେରିପାଇଲେ ୨.୮କୋଟି

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:**



- ଜମା ଫେରସ୍ତର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୯,୫୩୭ ଜମାକାରୀ ଫେରିପାଇବେ ୨୦.୯୬ କୋଟି
- ଆଉ ୪ ବ୍ୟାଙ୍କ୍ ଜମାକାରୀଙ୍କ ଅର୍ଥ ବି ହେବ ଫେରସ୍ତ
- ୨୦୩୬ ସୁଦ୍ଧା ସବୁ କୃଷକ ହେବେ ସମବାୟ ପରିସରଭୁକ୍ତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଜମାକାରୀଙ୍କ ଜମା ଅର୍ଥ ଫେରସ୍ତ କରାଯାଇଛି । ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ଜମାକାରୀଙ୍କ ଅର୍ଥ ଫେରସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଜମା ଅର୍ଥ ଫେରସ୍ତ କରାଯାଇଛି । ପର୍ଯ୍ୟାୟ କ୍ରମେ ୯୫୩୭ ଜମାକାରୀଙ୍କ ୨୦ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ ।

ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ପ୍ରତିକାତ୍ମକ ଭାବେ ୯ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଛନ୍ତି । ସେହିପରି ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ । ଏହି ୪ଟି ବ୍ୟାଙ୍କର ୧୭,୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି ।

ସୋମବାର ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରି କହିଛନ୍ତି ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା । ୨୦୧୫ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧, ୬୭୩ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା । ଇତି ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ । ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ । ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ । ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ । ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ପାକ୍ସ, ଲ୍ୟାମ୍ପସ ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି । ରାଜ୍ୟରେ ୨୭୧୧ଟି ପାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ▶▶ ୫

**କଠୋର ହେଲେ ଭିସୁଟ୍ କର୍ତ୍ତୃପକ୍ଷ**

## ୧୦୦ ଛାତ୍ରଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ସମ୍ବଲପୁର,୨୮।୪/ଏନ୍ଏନ୍ଏସ୍:**

ବୁର୍ଲା ସ୍ଥିତି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଭିସୁଟ)ର ୧୦୦ଜଣ ଛାତ୍ରଛାତ୍ରୀଙ୍କ ବିରୋଧରେ ଭିସୁଟ କର୍ତ୍ତୃପକ୍ଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । କମ୍ ଉପସ୍ଥାନ ସହ ଶୃଙ୍ଖଳା ଭଙ୍ଗ ଘଟଣାରେ ବିଶ୍ୱ ବିଦ୍ୟାଳୟର ଶୃଙ୍ଖଳା କମିଟିର ସୁପାରିଶ ଓ କୁଳପତିଙ୍କ ସ୍ୱୀକୃତି ଅନୁସାରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ନୋଟିସ ଜରିଆରେ ସୂଚନା ଦିଆଯାଇଛି । ବି.ଟେକ, ସିଏଚ୍ଏମ୍ ବ୍ରାଞ୍ଚ ତୃତୀୟ ବର୍ଷର ଦୁଇ ଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ଦଣ୍ଡ ଦିଆଯିବା ସହ ଗୋଟିଏ ଥିଓରୀ ସବଜେକ୍ଟରେ ସେମାନଙ୍କ ଗ୍ରେଡକୁ ପାସ ଗ୍ରେଡ଼ରୁ ଏଫ୍ ଗ୍ରେଡ଼କୁ ଖସାଯାଇପାରେ । ଏହା ସହ ଅନ୍ୟ କେତେକ ଛାତ୍ରଛାତ୍ରୀଙ୍କୁ ମଧ୍ୟ ୫୦୦୦ ଟଙ୍କାର ଆର୍ଥିକ ଦଣ୍ଡ ଓ ଚଳିତ ସେମିଷ୍ଟରର ୨ଟି ଥିଓରୀ ସବଜେକ୍ଟରେ ପାସ ଗ୍ରେଡ୍‌ରୁ ଏଫ୍ ଗ୍ରେଡ୍‌କୁ ଖସା ଯାଇପାରେ ବୋଲି ନୋଟିସ ଜାରି କରାଯାଇଛି । ଅନ୍ୟ କେତେକ ଛାତ୍ରଛାତ୍ରୀଙ୍କୁ ୨୦୦୦ ଓ ୧୦୦୦ ଟଙ୍କା ଲେଖାଏଁ ଆର୍ଥିକ ଦଣ୍ଡ ଦିଆଯାଇଛି । କେତେକ ବିଦ୍ୟାର୍ଥୀଙ୍କୁ ଚଳିତ ସେମିଷ୍ଟରର ସବୁ ଥିଓରୀ ସବଜେକ୍ଟରେ ପାସ ଗ୍ରେଡ଼ରୁ ଏଫ୍ ଗ୍ରେଡ଼କୁ ଖସାଇ ଦିଆ ଯାଇପାରେ ବୋଲି ନୋଟିସ୍‌ରେ କୁହାଯାଇଛି । କେତେକ ଛାତ୍ରଛାତ୍ରୀଙ୍କୁ ୱାର୍ଡେନ ଓ ଡିଏସଡବ୍ଲ୍ୟୁଙ୍କ ତତ୍ତ୍ୱାବଧାନରେ ସମାଜ ସେବା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆର୍ଥିକ ଦଣ୍ଡର ଟଙ୍କା ମଇ ୯ ତାରିଖ ପୂର୍ବରୁ ପୈଠ ନ କରାଗଲେ ଦୈନିକ ୧୦୦ ଟଙ୍କା ଅଧିକ ଫାଇନ ବଢ଼ି ବଢ଼ି ଚାଲିବ । ଅନ୍ୟପଟେ କେତେକ ଛାତ୍ରଛାତ୍ରୀ କ୍ରୀଡା କ୍ଷେତ୍ରରେ ପଦ ପଦବୀ ଓ ମେଡାଲ, ସାର୍ଟିଫିକେଟ, ପ୍ରାଇଜରୁ ବଞ୍ଚିତ ରହିବେ ପରି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି । ୫ ଜଣ ବିଦ୍ୟାର୍ଥୀଙ୍କୁ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି ।ଗତ ଏପ୍ରିଲ ୧୦ ଏପ୍ରିଲରେ ଜଣେ ଛାତ୍ରୀ ହୀରାକୁଦ ଜଳଭଣ୍ଡାର ଫିସେରି ଅଞ୍ଚଳରେ ଗାଧେଇବାକୁ ଯାଇ ପାଣିରେ ବୁଡି ପ୍ରାଣ ହରାଇଥିଲେ । ପୂର୍ବରୁ ଭିସୁଟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଜଳଭଣ୍ଡାରର ସମ୍ବେଦନଶୀଳ ଅଞ୍ଚଳକୁ ଯିବା ନେଇ କଟକଣା ଲଗେଇ ଥିଲେ କର୍ତ୍ତୃପକ୍ଷ । ତେବେ ଛାତ୍ରୀ ମୃତ୍ୟୁ ଅଘଟଣ ଘଟିବା ପରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ ।

**୫ଙ୍କୁ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ**

**କିଛିଙ୍କ ଗ୍ରେଡ୍ କମାଇବାକୁ ନିଷ୍ପତ୍ତି**

## ମେ'୧ ରୁ ଜୁଲାଇ ୩୧ ଭିତରକନିକା ବନ୍ଦ

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:**

ଲୁଣି କୁମ୍ଭୀରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ଋତୁ ଯୋଗୁ ମେ'୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ସୋମବାର ସହକାରୀ ମୁଖ୍ୟ ବନ ସଂରକ୍ଷକ (ଏସିଏଫ) ମାନସ ଦାସ ଏନେଇ ସୂଚନା ପ୍ରଦାନ କରିଛନ୍ତି । ଏହି ବନ୍ଦର ଉଦ୍ଦେଶ୍ୟ ହେଉଛି ସରୀସୃପଙ୍କ ବସା ବାନ୍ଧିବା ଏବଂ ପ୍ରଜନନ ଋତୁ ସମୟରେ ସେମାନଙ୍କ ପ୍ରତି ହେଉଥିବା ବାଧାକୁ ରୋକିବା । ଏସିଏଫଙ୍କ ଅନୁଯାୟୀ ଏହି ସମୟରେ ମାଈ କୁମ୍ଭୀରମାନେ ବିଶେଷ ଭାବରେ ଆକ୍ରମଣାତ୍ମକ ହୋଇଯାଆନ୍ତି ଏବଂ ଅଧିକାଂଶ କୁମ୍ଭୀର ଆକ୍ରମଣ ଘଟଣା ବସା ବାନ୍ଧିବା ଋତୁରେ ▶▶ ୫

**ଭିତରେ ପୃଷ୍ଠାରେ...**

- ଦ୍ରୁତ ଶତକରେ ବୈଭବ ପ୍ରଥମ ଭାରତୀୟ
- ଅଟ୍ଟାରୀ ଦେଇ ଫେରିଲେଣି ୫୩୭ ପାକିସ୍ତାନୀ
- କୋକୁଆ ଭୟ: ୧୨୦୦ ପାକ୍ ସୈନିକଙ୍କ ଇସ୍ତଫା
- ୟୁରୋପରେ ବିଦ୍ୟୁତ୍ ବିଭ୍ରାଟ: ଅନ୍ଧାରରେ ଫ୍ରାନ୍ସ-ସ୍ପେନ୍-ପର୍ତ୍ତୁଗାଲ

## ୭୧ଙ୍କୁ 'ପଦ୍ମ' ପୁରସ୍କାର

**୪ଙ୍କୁ ପଦ୍ମବିଭୂଷଣ, ୧୦ଙ୍କୁ ପଦ୍ମଭୂଷଣ ଓ ୫୭ଙ୍କୁ ପଦ୍ମଶ୍ରୀ**


**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:**

ଚଳିତ ବର୍ଷ ପାଇଁ ଭାରତ ସରକାରଙ୍କ ପକ୍ଷରୁ 'ପଦ୍ମ' ପୁରସ୍କାର ପ୍ରଦାନ କରାଯାଇଛି । ସୋମବାର ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କ 'ପଦ୍ମ' ପୁରସ୍କାରରେ ସମ୍ମାନିତ କରିଛନ୍ତି । ତେବେ ସୋମବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଦ୍ୱାରା 'ପଦ୍ମ' ପୁରସ୍କାରରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଓଡ଼ିଶାର ୩ଜଣ ସାମିଲ ରହିଛନ୍ତି । ସେହିପରି ଚଳିତ ବର୍ଷ ଆଉ ଜଣେ ଓଡ଼ିଆ ସାହିତ୍ୟିକା ପ୍ରତିଭା ଶତପଥୀ ମଧ୍ୟ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ପୁରସ୍କାର ସମାରୋହରେ ପ୍ରତିଭା ଶତପଥୀଙ୍କୁ ସମ୍ମାନିତ କରାଯିବା ନେଇ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି ।

ରିପୋର୍ଟ ଅନୁସାରେ ଚଳିତ ବର୍ଷ ପାଇଁ ମୋଟ୍ ୧୩୯ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ବେଳେ ସୋମବାର କିନ୍ତୁ ୭୧ଜଣଙ୍କୁ ସମ୍ମାନିତ କରାଯାଇଛି । ଏମାନଙ୍କ ମଧ୍ୟରେ ୪ଜଣଙ୍କୁ ପଦ୍ମ ବିଭୂଷଣ ସମ୍ମାନ ମିଳିଥିବା ବେଳେ ୧୦ଜଣଙ୍କୁ ପଦ୍ମ ଭୂଷଣ ଏବଂ ୫୭ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି । ସେହିପରି ଅନ୍ୟ ୬୮ଜଣଙ୍କୁ ଅନ୍ୟ ଏକ ଧାର୍ଯ୍ୟ ତାରିଖରେ ସମ୍ମାନିତ କରାଯିବ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ୬୮ଜଣଙ୍କ ମଧ୍ୟରେ ଓଡ଼ିଶାର ପ୍ରତିଭା ଶତପଥୀ ମଧ୍ୟ ସାମିଲ ଅଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହ ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ କେନ୍ଦ୍ର ସରକାରଙ୍କ ଅନେକ ମନ୍ତ୍ରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

ରିପୋର୍ଟ ଅନୁସାରେ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଥିବା ୪ ବ୍ୟକ୍ତିଙ୍କ ମଧ୍ୟରେ ଏମ୍ ଟି ବାସୁଦେବନ ନାୟାରଙ୍କୁ (ମରଣୋତ୍ତର) ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଦିବଂଗତଙ୍କ ପତ୍ନୀ ସରସ୍ୱତୀ ବାସୁଦେବନ ନାୟାଙ୍କ ପାଇଁ ଏହି ସମ୍ମାନ ଗ୍ରହଣ କରିଥିଲେ । ସେହିପରି, ଓସାମୁ ସୁଜୁକିଙ୍କୁ ମଧ୍ୟ ମରଣୋତ୍ତର ଭାବେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଓସାମୁ ସୁଜିକିଙ୍କ ପୁଅ ତୋଶିହିରୋ ତାଙ୍କ ପକ୍ଷରୁ ଏହି ସମ୍ମାନ ▶▶ ୫

## ପଦ୍ମ ପୁରସ୍କାର ଗ୍ରହଣ କଲେ ୩ ଓଡ଼ିଆ







ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଦ୍ମ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି । ପଦ୍ମଶ୍ରୀ ବିଜେତାଙ୍କ ମଧ୍ୟରେ ୩ ଜଣ ଓଡ଼ିଆ ଅଛନ୍ତି । ସେମାନେ ହେଲେ ଅଦ୍ୱୈତ ଚରଣ ଗଡ଼ନାୟକ (କଳା), ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର (ଚିକିତ୍ସା), ଦୁର୍ଗା ଚରଣ ରଣବୀର (କଳା) । ପଦ୍ମ ପୁରସ୍କାର ପାଇଥିବା ଅଦ୍ୱୈତ ଚରଣ ଗଡ଼ନାୟକ ଜଣେ ପ୍ରସିଦ୍ଧ ଭାରତୀୟ ମୂର୍ତ୍ତିଶିଳ୍ପୀ, ଯିଏ କି କଳା ଜଗତରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜଣାଶୁଣା । ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ଐତିହ୍ୟର ଗଭୀରତାକୁ ପ୍ରତିଫଳିତ କରୁଥିବା ମୂର୍ତ୍ତି ନିର୍ମାଣରେ ତାଙ୍କର ଦକ୍ଷତା ପାଇଁ ସେ ବହୁତ ପ୍ରଶଂସିତ । ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଦେଶର ଜଣେ ବିଶିଷ୍ଟ ନ୍ୟୁରୋ ସର୍ଜନ ଯିଏ କି ଦିଲ୍ଲୀ ଏମ୍ସରେ ୪ ଦଶନ୍ଧି ଧରି କାର୍ଯ୍ୟ କରିବା ସହ ଭୁବନେଶ୍ୱର ଏମ୍ସର ପ୍ରଥମ ନିର୍ଦ୍ଦେଶକ ଥିଲେ । ଏବେ ସେ ସୋଆ (ଡିମଡ୍) ବିଶ୍ୱବିଦ୍ୟାଳୟର ଚିକିତ୍ସା ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତି । ସେହିପରି ଓଡ଼ିଶୀ ▶▶ ୫

ଆତଙ୍କବାଦୀଙ୍କୁ ବଙ୍କରରେ ଲୁଚାଉଛି ପାକିସ୍ତାନ: ରିପୋର୍ଟ

# ଲଞ୍ଚପ୍ୟାଡ୍ ଚିହ୍ନଟ କଲା ଭାରତ

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ-ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଅନେକ ଖବର ସାମ୍ନାକୁ ଆସିବାରେ ଲାଗିଛି । ତେବେ ଏସବୁ ମଧ୍ୟରେ ଆତଙ୍କବାଦୀମାନଙ୍କୁ ଏବେ ଭାରତର ସମ୍ଭାବ୍ୟ ତଥା ଭୟାବହ ଆକ୍ରମଣରୁ ରକ୍ଷା କରିବା ପାଇଁ ପାକିସ୍ତାନ ଏବେ ସେମାନଙ୍କୁ ବଙ୍କରରେ ସୁରକ୍ଷିତ ଭାବେ ଲୁଚାଇ ରଖିବାକୁ ପ୍ରୟାସ କରୁଛି । ଗୁଇନ୍ଦା ରିପୋର୍ଟ ଅନୁସାରେ ପାକ୍ ଅଧିକୃତ କାଶ୍ମୀର





(ପିଓକେ)ରେ ଥିବା ଆତଙ୍କବାଦୀ ଲଞ୍ଚପ୍ୟାଡ୍‌ରେ ଆତଙ୍କବାଦୀମାନଙ୍କୁ ସୁରକ୍ଷିତ ଆଶ୍ରୟ ଦିଆଯାଉଛି । ଏମାନେ ଏହିଠାରେ ଲୁଚି ରହି ଭାରତ ବିରୋଧରେ ଆକ୍ରମଣର ଯୋଜନା କରୁଛନ୍ତି । ତେବେ ଭାରତୀୟ ସୁରକ୍ଷା ବାହିନୀ ଏମାନଙ୍କ ପ୍ରତ୍ୟେକ ଗତିବିଧି ଉପରେ ଉପରେ ତୀକ୍ଷ୍ଣ ନଜର ରଖିଛି ।

ସବୁଠୁ ବଡ଼ କଥା ହେଉଛି, ଭାରତୀୟ ସେନା ପିଓକେରେ ଥିବା ଏପ୍ରକାର ପ୍ରାୟ ସକ୍ରିୟ ଥିବା ୪୨ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଚିହ୍ନଟ କରିସାରିଥିବା ବେଳେ ଏବେ ସେଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଭାରତୀୟ ସେନା ପିଓକେରେ ଥିବା ଏହି ଶିବିରଗୁଡ଼ିକ ଉପରେ "ସର୍ଜିକାଲ ଷ୍ଟ୍ରାଇକ" କିମ୍ବା ଅନ୍ୟାନ୍ୟ ଲକ୍ଷ୍ୟଭିତ୍ତିକ ଅପରେସନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ଗୁଇନ୍ଦା ବିଭାଗ ନିଜ ରିପୋର୍ଟରେ ଦର୍ଶାଇଛି । ଏହି ୪୨ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍‌ରେ ପ୍ରାୟ ୧୩୦ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ଏବଂ ଭାରତ ବିରୋଧରେ ଆକ୍ରମଣର ଯୋଜନା କରୁଛନ୍ତି । ଏହି ଶିବିରଗୁଡ଼ିକ ପାକିସ୍ତାନ ସେନା ଏବଂ ଆଇଏସଆଇ (ଇଣ୍ଟର-ସର୍ଭିସେସ ଇଣ୍ଟେଲିଜେନ୍ସ) ଦ୍ୱାରା ସମର୍ଥିତ ବୋଲି ଅଭିଯୋଗ ହୋଇଛି । ରିପୋର୍ଟରେ ଦାବି କରାଯାଇଛି ଯେ ଲସ୍କର-ଏ-ତୋଇବା (ଏଲ୍‌ଇଟି), ଜୈଶ-ଏ-ମହମ୍ମଦ (ଜେଇଏମ) ଏବଂ ହିଜବୁଲ ମୁଜାହିଦ୍ଦିନ (ଏଚ୍‌ଏମ୍) ଭଳି ସଂଗଠନଗୁଡ଼ିକ ବଙ୍କରରେ ଲୁଚି ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସଂଗ୍ରହ କରୁଛନ୍ତି । ଏହି ବଙ୍କରଗୁଡ଼ିକ ଲାଇନ୍ ଅଫ କଣ୍ଟ୍ରୋଲ (ଏଲଓସି) ନିକଟରେ ଅବସ୍ଥିତ, ଯାହା ଭାରତରେ ଅନୁପ୍ରବେଶ ପାଇଁ ବ୍ୟବହୃତ ହେଉଛି । ପ୍ରକାଶ, ଭାରତୀୟ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ଏଲଓସି ନିକଟରେ ସୁରକ୍ଷା ବଢ଼ାଇଛନ୍ତି ଏବଂ ଡ୍ରୋନ୍ ଓ ସାଟେଲାଇଟ୍ ମାଧ୍ୟମରେ ଲଞ୍ଚ ପ୍ୟାଡଗୁଡ଼ିକ ଉପରେ ନଜର ରଖିଛନ୍ତି ।

# ସିନ୍ଧୁ ଜଳ ଚୁକ୍ତି ଉପରେ ମୁହଁ ଖୋଲିଲା ବିଶ୍ୱବ୍ୟାଙ୍କ୍

**ନ୍ୟୁୟର୍କ,୨୮।୪/ଏଜେନ୍ସି:** ୨୨ ଏପ୍ରିଲ୍ ୨୦୨୫ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା । ଏହାପରେ ପାକିସ୍ତାନ ଚିନ୍ତିତ ହୋଇ ଏହା ଯୁଦ୍ଧ ପରିସ୍ଥିତି ବୋଲି କହିବା ଆରମ୍ଭ କରିଦେଇଥିଲା ଏବଂ ଏଥିପାଇଁ ବିଶ୍ୱବ୍ୟାଙ୍କକୁ ଆବେଦନ କରିବା ବିଷୟରେ କଥାବାର୍ତ୍ତା ଆରମ୍ଭ କରିଦେଇଥିଲା । ବିଶ୍ୱବ୍ୟାଙ୍କ ଏବେ ଏହି ବିଷୟରେ ପ୍ରତିକ୍ରିୟା ଦେଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁସାରେ ବିଶ୍ୱ ବ୍ୟାଙ୍କର ଜଣେ ମୁଖପାତ୍ର କହିଛନ୍ତି "କେତେକ ସୀମିତ ଓ ପୂର୍ବପରିଭାଷିତ କାର୍ଯ୍ୟ ପାଇଁ ବିଶ୍ୱବ୍ୟାଙ୍କ ଏହି ଚୁକ୍ତିର ଏକ ସ୍ୱାକ୍ଷରିତ ସଦସ୍ୟ ରହିଛି । କିନ୍ତୁ, ଆମେ ଚୁକ୍ତିର ସଦସ୍ୟ ଦେଶମାନଙ୍କ ଦ୍ୱାରା ନିଆଯାଇଥିବା ଚୁକ୍ତି ସହିତ ଜଡିତ ସାର୍ବଭୌମ ନିଷ୍ପତ୍ତି ଉପରେ ଆମର ମତ ପ୍ରକାଶ କରିବୁ ନାହିଁ ।" ବିଶ୍ୱବ୍ୟାଙ୍କର ଏପରି ନିରପେକ୍ଷ ମତ ପାକିସ୍ତାନକୁ ଚିନ୍ତାରେ ପକାଇଛି । କାରଣ ଭାରତ ଦ୍ୱାରା ସିନ୍ଧୁଜଳ ଚୁକ୍ତିକୁ ସୀମିତ ସମୟ ପାଇଁ ସ୍ଥଗିତ ରଖିବା ପରେ ପାକିସ୍ତାନ ଏହାକୁ ଅନ୍ତର୍ଜାତୀୟ ନ୍ୟାୟାଳୟକୁ ନେବାକୁ ଧମକ ଦେଇଥିଲା । ଏହା ସହିତ ପ୍ରସଙ୍ଗକୁ ବିଶ୍ୱବ୍ୟାଙ୍କ ନିକଟରେ ମଧ୍ୟ ଏନେଇ ଆବେଦନ କରିବ ବୋଲି ପାକିସ୍ତାନ କହିଥିଲା । ଏବେ ବିଶ୍ୱବ୍ୟାଙ୍କର ଏପରି ମତ ଭାରତକୁ ସୁବିଧାଜନକ ସ୍ଥିତିରେ ରଖିଥିବା ବେଳେ ପାକିସ୍ତାନକୁ ବିଚଳିତ କରିଦେଇଛି ।








# ଅଟ୍ଟାରୀ ଦେଇ ଫେରିଲେଣି ୫୩୭ ପାକିସ୍ତାନୀ

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନୀମାନଙ୍କୁ ଭାରତ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ତଦନୁଯାୟୀ ୨୪ରୁ ଅଦ୍ୟାବଧି ଅଟ୍ଟାରୀ-ୱାଘା ସୀମା ଦେଇ ୫୩୭ ପାକିସ୍ତାନୀ ନାଗରିକ ଭାରତ ଛାଡ଼ିଛନ୍ତି । ସେମାନଙ୍କ ମଧ୍ୟରେ ୯ ଜଣ କୂଟନୀତିଜ୍ଞ ମଧ୍ୟ ସାମିଲ ରହିଛନ୍ତି । ମା'ଙ୍କୁ ଛାଡ଼ି ପିଲାଙ୍କୁ ପାକିସ୍ତାନ ଫେରିଯିବାକୁ ହେଉଥିବାରୁ ସୀମାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅଟ୍ଟାରୀ-ୱାଘା ସୀମା ଦେଇ ୨୫ ତାରିଖରେ ୧୯୧ ଜଣ ଏବଂ ୨୬ରେ ୮୧ ଜଣ ପାକିସ୍ତାନୀ ଭାରତ ଛାଡ଼ିଛନ୍ତି । ସେହିପରି ବର୍ତ୍ତମାନ ସୁଦ୍ଧା ପାକିସ୍ତାନରୁ ୧୪ ଜଣ କୂଟନୀତିଜ୍ଞ ଓ ଅଫିସରଙ୍କ ସମେତ ୮୫୦ ଜଣ ଭାରତୀୟ ଅନ୍ତର୍ଜାତୀୟ ସୀମା ଦେଇ ପାକିସ୍ତାନରୁ ପଳାଇଆସିଲେଣି ।

ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବା ବେଳେ ଭାରତରେ ରହିଥିବା ପାକିସ୍ତାନୀଙ୍କ ଭିସା ରଦ୍ଦ କରାଯାଇଥିଲା । ସାର୍କ ଭିସାଧାରୀଙ୍କ ପାଇଁ ସମୟସୀମା ଏପ୍ରିଲ ୨୬ ରଖାଯାଇଥିଲା ବେଳେ ମେଡିକାଲ ଭିସାଧାରୀଙ୍କ ପାଇଁ ଏହା ଏପ୍ରିଲ ୨୯ ରହିଛି । ୧୨ ପ୍ରକାରର ସ୍ୱଳ୍ପମିଆଦୀ ଭିସାଧାରୀଙ୍କୁ ରବିବାର ସୁଦ୍ଧା ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହା ପରେ ଯେଉଁମାନେ ରହିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତ ସରକାର ପୂର୍ବରୁ ଘୋଷଣା କରିସାରିଛନ୍ତି । ତେବେ ଯେଉଁମାନେ ଦୀର୍ଘମିଆଦୀ (ଏଲ୍‌ଟିଭି) କିମ୍ବା କୂଟନୈତିକ ଭିସା ପାଇଛନ୍ତି, ସେମାନଙ୍କୁ 'ଭାରତ ଛାଡ଼' ନିର୍ଦ୍ଦେଶନାମାରୁ ବାଦ୍ ଦିଆଯାଇଛି । ଅର୍ଥାତ୍ ସେମାନେ ଭାରତରେ ରହିପାରିବେ ।

# ପାକିସ୍ତାନ ସେନାରେ କୋକୁଆ ଭୟ

## ୧୨୦୦ରୁ ଊର୍ଦ୍ଧ୍ୱ ସୈନିକଙ୍କ ସହ ଇସ୍ତଫା ଦେଲେ ୨୫୦ ଅଧିକାରୀ

**ଇସ୍‌ଲାମାବାଦ,୨୮।୪/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତ ଯେପରି ଆଭିମୁଖ୍ୟ ଗ୍ରହଣ କରୁଛି, ସେଥିରେ ପାକିସ୍ତାନ ସମ୍ପୂର୍ଣ୍ଣ ରୂପେ ଭୟଭୀତ ହୋଇପଡିଛି । ପାକିସ୍ତାନର ସାଧାରଣ ନାଗରିକଙ୍କ ଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ଏପରିକି ପାକିସ୍ତାନ ସେନାବାହିନୀ ମଧ୍ୟ ଭାରତ ପକ୍ଷରୁ ଏକ ଅତର୍କିତ ଆକ୍ରମଣଜନିତ ଆଶଙ୍କା ମଧ୍ୟରେ ଏବେ ବଞ୍ଚୁଛନ୍ତି । ଏସବୁ ମଧ୍ୟରେ ପାକିସ୍ତାନରୁ ଯେଉଁସବୁ ଖବର ସାମ୍ନାକୁ ଆସୁଛି ତାହା ସମ୍ପୂର୍ଣ୍ଣ ପାକିସ୍ତାନ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ।

ରିପୋର୍ଟ ଅନୁସାରେ ପାକିସ୍ତାନ ସେନାବାହିନୀରେ ଏବେ ବିଦ୍ରୋହ ଦେଖାଦେଇଛି । ପହଲଗାମ ଆକ୍ରମଣ ଘଟଣାକୁ ନେଇ ଭାରତ ସହ ଉପୁଜିଥିବା ଯୁଦ୍ଧଜନିତ ଆଶଙ୍କାରେ ପାକିସ୍ତାନୀ ସୈନିକମାନେ ଏବେ ସାମୂହିକ ଇସ୍ତଫା ଦେବାକୁ ଧମକ ଦେଇଛନ୍ତି । ପାକ୍ ସୈନିକ ସାମୂହିକ ଭାବେ ଲେଖିଥିବା ଏକ ଚିଠି ଏବେ ଭାଇରାଲ ହେବାରେ ଲାଗିଛି । ଏହି ଚିଠି ଅନୁଯାୟୀ, ୨୫୦ରୁ ଅଧିକ ସାମରିକ ଅଧିକାରୀ ଏବଂ ୧୨୦୦ରୁ ଅଧିକ ସୈନିକ ଇସ୍ତଫା ଦେଇଛନ୍ତି । ଏପରିକି ପାକ୍ ସେନାର ଉଚ୍ଚାଧିକାରୀ ସେମାନଙ୍କ ଇସ୍ତଫା ଗ୍ରହଣ ନ କରିବା ସତ୍ତ୍ୱେ ସେମାନେ ଘରକୁ ପଳାୟନ କରିଛନ୍ତି । ତେବେ ଏହି ଚିଠିଟି ପାକିସ୍ତାନ ସେନାର ଲ୍ୟୁଟିନାଣ୍ଟ ଜେନେରାଲ ଉମର ଅହମଦ ବୋଖାରୀଙ୍କ ଦ୍ୱାରା ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କୁ ଲେଖାଯାଇଥିବା ଦାବି କରାଯାଉଛି । ଏଥିରେ ପାକ୍ ସୈନିକମାନଙ୍କ ମନୋବଳ ଭାଙ୍ଗିଯାଇଥିବା ଏବଂ ଭାରତୀୟ ସେନାକୁ ସାମ୍ନା କରିବାର ଭୟ ସମ୍ପର୍କରେ ପ୍ରକାଶ କରାଯାଇଛି ।



ତେବେ କେବଳ ପାକ୍ ସୈନିକ କିମ୍ବା ଅଧିକାରୀମାନେ କାହିଁକି ଖୋଦ୍ ପାକ୍ ସେନାର ମୁଖ୍ୟ ତଥା ଜେନେରାଲ୍ ଅସୀମ ମୁନିର ମଧ୍ୟ ନିଜ ପଦରୁ ଇସ୍ତଫା ଦେବାକୁ ଚାହୁଁଥିବା ଜଣାପଡିଛି ।

ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ (ଆଇଏସ୍‌ପିଆର୍)ର ମହାନିର୍ଦ୍ଦେଶକ ମେଜର ଜେନେରାଲ ଫୈଜଲ ମେହମୁଦ ମଲିକଙ୍କ ଦ୍ୱାରା ଏପ୍ରିଲ ୨୬ରେ ଜାରି କରାଯାଇଥିବା ଏହି ପରାମର୍ଶଦାତା ରୂପକ ଚିଠିରେ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀଙ୍କୁ ସମ୍ବୋଧିତ କରାଯାଇଥିଲା । ଏଥିରେ ପହଲଗାମରେ "ଆମ ମୁଜାହିଦ୍ଦିନଙ୍କ ଦ୍ୱାରା କରାଯାଇଥିବା ଆକ୍ରମଣ" ଉଲ୍ଲେଖ କରାଯାଇଥିଲା । ଏତଦ୍‌ବ୍ୟତୀତ ଯେଉଁ ସାମରିକ ଅଧିକାରୀ ଏବଂ ସୈନିକମାନେ ବର୍ତ୍ତମାନ ସମୟରେ ଚାକିରିରୁ ଇସ୍ତଫା ଦେଇଛନ୍ତି ବା ଦେବାକୁ ଚିନ୍ତା କରୁଛନ୍ତି ସେମାନେ ଅନଧିକୃତ ଇସ୍ତଫା କିମ୍ବା ପଳାୟନ ୧୯୫୨ର ପାକିସ୍ତାନ ସେନା ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି । ଚିଠିରେ ସୈନିକମାନଙ୍କୁ "ଅର୍ଦ୍ଧଚନ୍ଦ୍ର ଏବଂ ତାରା" ବା ପାକିସ୍ତାନୀ ପତାକା ତଳେ ଏକତ୍ରିତ ହେବାକୁ ଅନୁରୋଧ କରାଯାଇଛି । ଚିଠିରେ ସାମରିକ ଅଧିକାରୀମାନଙ୍କୁ ସେମାନଙ୍କର ଶପଥ ବଜାୟ ରଖିବାକୁ, ସେନାର ମନୋବଳ ମନୋବଳ ବଜାୟ ରଖିବା ଏବଂ ରାଷ୍ଟ୍ର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପାକିସ୍ତାନୀ ସାମରିକ ଏକ୍ସପର୍ଟଙ୍କ ଭବିଷ୍ୟବାଣୀ

## ଭାରତ ଆଗରେ ଅଧିକ ଦିନ ଟିକି ପାରିବନି ପାକ୍ ସେନା

କମର ଚିମା ନାମକ ପାକିସ୍ତାନର ଜଣେ ସାମରିକ ଏକ୍ସପର୍ଟ ଏକ ବଡ଼ ବୟାନ୍ ଦେଇଛନ୍ତି । ସେ କହିଛନ୍ତି, ପାକିସ୍ତାନ ପକ୍ଷେ ଭାରତ ସହ ଏକ ଲମ୍ବା ବା ଦୀର୍ଘକାଳୀନ ଯୁଦ୍ଧ ଲଢ଼ିବା ସମ୍ଭବ ନୁହେଁ । କାରଣ ପାକିସ୍ତାନ ପାଖରେ ଯୁଦ୍ଧ ଲଢ଼ିବା ପାଇଁ ନା ଅର୍ଥବଳ ରହିଛି ନା ଆଧୁନିକ ଅସ୍ତ୍ରଶସ୍ତ୍ର । ପହଲଗାମ ଘଟଣା ପରେ କୌଣସି ଦେଶ ପାକିସ୍ତାନକୁ ସିଧାସଳଖ ସମର୍ଥନ ଦେଇନାହାନ୍ତି । ଏହାର ଅର୍ଥ ଭାରତ ସହ ଯୁଦ୍ଧ ହେଲେ ପାକିସ୍ତାନକୁ କୌଣସି ଦେଶ ସାମରିକ ଉପକରଣ ଯୋଗାଇବା ନେଇ ମଧ୍ୟ ସହଯୋଗ କରିବେ ନାହିଁ । ଭାରତ ବେଶ୍ ଭଲଭାବେ ପାକିସ୍ତାନର ଆର୍ଥିକ ସ୍ଥିତି ସମ୍ପର୍କରେ ଅବଗତ । ସିଧାସଳଖ କହିଲେ ପାକିସ୍ତାନ ଭାରତ ସହ କେବଳ ଏକ ସୀମିତ ଯୁଦ୍ଧ ଲଢ଼ିପାରିବ, ଏହା ଠାରୁ ଅଧିକ କିଛି ପାକିସ୍ତାନକୁ ମିଳିବନି ।







# 'ଗେଟ୍ ରେଡି': ଆସିଗଲା ସ୍ମାର୍ଟ ବଜାରର ଫୁଲ୍ ପୈସା ବସୁଲ୍ ସେଲ୍

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ସ୍ମାର୍ଟ ବଜାରର ସବୁଠାରୁ ପ୍ରତୀକ୍ଷିତ ସେଲ୍ ପୁଣିଥରେ ଫେରିଆସିଛି । ଏହା ପୂର୍ବ ଅପେକ୍ଷା ଏଥର ଅଧିକ ବଡ଼, ଅଧିକ ନିର୍ଭିକ ଏବଂ ଅଧିକ ଭଲ ନେଇ ଆସିଛି । ସ୍ମାର୍ଟ ବଜାରର ଫୁଲ୍ ପଇସା ବସୁଲ୍ ସେଲ୍ ୩୦ ଏପ୍ରିଲରୁ ୪ମେ ପର୍ଯ୍ୟନ୍ତ ଦେଶବ୍ୟାପୀ ଷ୍ଟୋରଗୁଡ଼ିକରେ ଉପଲବ୍ଧ ହେବ । ଦେଶବ୍ୟାପୀ ୯୩୦ରୁ ଅଧିକ ଷ୍ଟୋର ସହିତ, ସ୍ମାର୍ଟ ବଜାର ଦେଶରେ କିଣାବିକା କ୍ଷେତ୍ରରେ କିଛି ବଡ଼ କରିଦେଖାଇବାକୁ ପ୍ରସ୍ତୁତ । ଗ୍ରୋସରୀ ସାମଗ୍ରୀ, ଫ୍ୟାଶନ୍, ଘରୋଇ ଉପଚାର, ଘରୋଇ ଉପକରଣ, ଆପ୍ଲାଏନ୍‌ସେସ୍ ଆଦି ସାମଗ୍ରୀ ଉପରେ ସର୍ବାଧିକ ସଞ୍ଚୟ ଏବଂ ସମ୍ପୂର୍ଣ୍ଣ ସନ୍ତୋଷର ପ୍ରତିଶ୍ରୁତି ଦେଉଥିବା ଏହି ସେଲ୍ ଉତ୍ସବରେ କିଣାକିଣି କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ । ନିଜ କ୍ୟାଲେଣ୍ଡରରେ ଏପ୍ରିଲ୍ ୩୦ରୁ ମେ ୪ ତାରିଖ ପର୍ଯ୍ୟନ୍ତ ମାର୍କ କରିନେବା ସହ ସପିଂ ପାଇଁ ଏକ ତାଲିକା ମଧ୍ୟ ପ୍ରସ୍ତୁତ କରିନିଅନ୍ତୁ । ଆମର ନାରା 'ଫୁଲ୍ ପୈସା ବସୁଲ କରେଗା, ଇଣ୍ଡିଆ ସାରା"।

ରିଲାଏନ୍ସ ରିଟେଲ୍ ଭାଲ୍ୟୁ ଫର୍ମାଟ୍ସର ସିଇଓ ଦାମୋଦର ମଲ୍ କହିଛନ୍ତି: 'ଆମେ ସମସ୍ତେ ସେଲ୍ ଇଭେଣ୍ଟଗୁଡ଼ିକୁ ଭଲ ପାଆନ୍ତି ଏବଂ ସ୍ମାର୍ଟ ବଜାରର ଫୁଲ୍ ପୈସା ବସୁଲ୍ ସେଲ୍ ସମସ୍ତଙ୍କ ସପିଂ କ୍ୟାଲେଣ୍ଡରରେ ସବୁଠାରୁ ବଡ଼ ସେଲ୍ ମଧ୍ୟରୁ ଗୋଟିଏ । ଏହି ବର୍ଷ, ଆମର ବିଚକ୍ଷଣ କ୍ରେତାମାନେ ୫ଟି ଅବିସ୍ମରଣୀୟ ଦିନରେ କିଛି ଅବିଶ୍ୱସନୀୟ ମହାନ ଅଫର୍ ପାଇବେ । ଆମର ଲକ୍ଷ୍ୟ 'ପ୍ରତ୍ୟେକ କ୍ରେତା ଅଧିକ ମୂଲ୍ୟ, ଅଧିକ ସଞ୍ଚୟ ଏବଂ ମୁହଁରେ ହସ ନେଇ ସପିଂ ମଲ୍‌ରୁ ବାହାରିବା ଉଚିତ୍' ।

ଏଠାରେ ଡିଲ୍‌ଗୁଡ଼ିକର ଏକ ଝଲକ ଦିଆଯାଇଛି ।

- ମାତ୍ର ୭୯୯ ଟଙ୍କାରେ ୫ କିଲୋ ଚାଉଳ + ୩ ଲିଟର ତେଲ
- ମାତ୍ର ୪୧୯ ଟଙ୍କାରେ ୫୦୦ ଗ୍ରାମ୍ ଆଲମଣ୍ଡ ଓ ମାତ୍ର ୪୩୯ ଟଙ୍କାରେ କାଜୁ ୫୦୦ ଗ୍ରାମ୍
- ବିସ୍କୁଟ୍ ୨ଟି କିଣନ୍ତୁ, ଗୋଟିଏ ମାଗଣା ପାଆନ୍ତୁ
- ଡିଟରଜେଣ୍ଟ ଉପରେ ସର୍ବନିମ୍ନ ୨୫୦ ରିହାତି
- ବେଡସିଟ୍ ଉପରେ ୭୦% ରିହାତି
- ମାତ୍ର ୩୯୯୯ ଟଙ୍କାରେ ଆରିଷ୍ଟୋକ୍ରାଟ୍ ୨ ପିସ୍ ହାର୍ଡ ଟ୍ରଲି + ଡଫଲ୍ ବ୍ୟାଗ୍
- ଫ୍ୟାସନ: ମାତ୍ର ୩୯୯ ଟଙ୍କାରୁ କମ୍ ମୂଲ୍ୟରେ ୨୦୦୦+ ଷ୍ଟାଇଲ୍

ଅତ୍ୟାବଶ୍ୟକୀୟ ଜିନିଷପତ୍ର କିଣିବା ହେଉ କିମ୍ବା ଆପଣଙ୍କ ପୋଷାକ ଏବଂ ଘରକୁ ସଜାଡ଼ିବା - ସ୍ମାର୍ଟ ବଜାର ହେଉଛି ସଞ୍ଚୟ ପାଇଁ ଆପଣଙ୍କର ଏକମାତ୍ର ସ୍ଥାନ ଯାହା କେବେ ବି ପଛକୁ ହଟିବ ନାହିଁ ।


ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହବୁର ହୁସୈନ ରାଣାକୁ ଝଟ୍‌କା

# ଏନ୍‌ଆଇଏ ହେପାଜତ ୧୨ ଦିନ ବୃଦ୍ଧି

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହବୁର ହୁସୈନ ରାଣାର ଏନ୍‌ଆଇଏ ହେପାଜତ୍ ଅବଧିକୁ ଆଉ ୧୨ ଦିନ ବୃଦ୍ଧି କରାଯାଇଛି । ସିଧାଅର୍ଥରେ କହିଲେ ଏନ୍‌ଆଇଏ ଏବେ ରାଣାକୁ ଆଉ ୧୨ ଦିନ ଯାଏ ନିଜ କଷ୍ଟଡିରେ ରଖି ଜେରା କରିବ । ରାଣାକୁ ଆମେରିକାରୁ ପ୍ରତ୍ୟର୍ପଣ କରି ଭାରତ ଅଣାଯିବା ପର ଠାରୁ ଏନ୍‌ଆଇଏ ତାକୁ ଜେରା କରିଆସୁଛି । ତେବେ ସୋମବାର ତା'ର ଏନ୍‌ଆଇଏ ୧୮ ଦିନିଆ ରିମାଣ୍ଡ ଅବଧି ଶେଷ ହେଉଥିବା ବେଳେ ଆଜି ତାକୁ ପୁନର୍ବାର ସ୍ୱତନ୍ତ୍ର ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ) କୋର୍ଟରେ ହାଜର କରାଯାଇ ଜେରା ପାଇଁ ଆଉ କିଛି ଦିନର ଅବଧି ପାଇଁ ଅନୁରୋଧ କରାଯାଇଥିଲା, ଯାହାକୁ କୋର୍ଟ ଗ୍ରହଣ କରିନେଇଛନ୍ତି । କୋର୍ଟ ରାଣାଙ୍କ ଏନଆଇଏ ହେପାଜତକୁ ଆଉ ୧୨ ଦିନ ବୃଦ୍ଧି କରିଛନ୍ତି । ରାଣାକୁ ସ୍ୱତନ୍ତ୍ର ଏନ୍‌ଆଇଏ ଜଜ୍ ଚନ୍ଦର ଜିତ୍ ସିଂହଙ୍କ ନିକଟରେ ହାଜର କରାଯାଇଥିବା ବେଳେ ବରିଷ୍ଠ ଆଇନଜୀବୀ ଦୟାନ କ୍ରିଷ୍ଣନଙ୍କ ନେତୃତ୍ୱରେ ତଦନ୍ତକାରୀ ଟିମ୍ କୋର୍ଟରେ ହାଜର ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀ ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଯୁକ୍ତ ଆଇନଜୀବୀ ପୀୟୂଷ ସଚଦେବ ରାଣା ପକ୍ଷରୁ ମାମଲା ପରିଚାଳନା କରିଥିଲେ ।

ପ୍ରକାଶ, ମୁମ୍ବାଇ ପୋଲିସ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ରାଣାକୁ ଦିଲ୍ଲୀସ୍ଥିତ ଏନ୍‌ଆଇଏ କାର୍ଯ୍ୟାଳୟରେ ପଚରାଉଚରା କରିବାର କିଛି ସମୟ ପରେ ଏହି ଶୁଣାଣି ହୋଇଛି । ଏନ୍‌ଆଇଏନ୍ ନିଜ ଅନୁରୋଧରେ ଦର୍ଶାଇଥିଲା ଯେ, ଜେରା ସମୟରେ ରାଣା ସମ୍ପୂର୍ଣ୍ଣ ରୂପେ ସହଯୋଗ କରିନାହିଁ । ୮ ଘଣ୍ଟାର ପଚରାଉଚରା ଅଧିବେଶନରେ ମଧ୍ୟ ସେ ସଠିକ୍ ଉତ୍ତର ଦେଇନାହିଁ । ପ୍ରକାଶ, ୨୬/୧୧ ମୁମ୍ବାଇ ଆକ୍ରମଣର ଷଡ଼ଯନ୍ତ୍ରକାରୀ ଡେଭିଡ୍ କୋଲମ୍ୟାନ୍ ହେଡଲିର ଘନିଷ୍ଠ ସହଯୋଗୀ ରାଣାକୁ ଚଳିତ ମାସ ୪ ତାରିଖରେ ପ୍ରତ୍ୟର୍ପଣ ବିରୋଧରେ ଆମେରିକାର ସୁପ୍ରିମକୋର୍ଟ ରିଭ୍ୟୁ ପିଟିସନ୍ ଖାରଜ କରିବା ପରେ ଭାରତ ପ୍ରତ୍ୟର୍ପଣ କରାଯାଇଥିଲା । ରାଣାର ପ୍ରତ୍ୟର୍ପଣ ୨୦୦୮ ମୁମ୍ବାଇ ଆକ୍ରମଣର ତଦନ୍ତ କରୁଥିବା ଏଜେନ୍ସିଗୁଡିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଥିଲା । ସୂଚନାଯୋଗ୍ୟ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ହୋଇଥିଲା । ହେଡ୍‌ଲି ଏବଂ ରାଣା ସ୍କୁଲ ଦିନରୁ ବନ୍ଧୁ ଥିଲେ । ପରେ ହେଡ୍‌ଲି ସ୍ୱୀକାର କରିଥିଲା ଯେ ସେ ଲସ୍କର-ଏ-ତୋଇବା ଏବଂ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ପାଇଁ କାମ କରୁଥିଲା । ସେହିପରି ତହବୁର ହୁସୈନ ରାଣା ମଧ୍ୟ ଜଣେ ପାକିସ୍ତାନୀ ବଂଶୋଦ୍ଭବ କାନାଡିଆନ ନାଗରିକ । ସେ ୧୨ ଫେବୃଆରୀ ୧୯୬୧ ମସିହାରେ ପଞ୍ଜାବ (ପାକିସ୍ତାନ)ର ଚିଚାୱଟନୀରେ ଜନ୍ମଗ୍ରହଣ କରିଥିଲା । ସେ ପାକ୍ ସେନାରେ ଡାକ୍ତର ଭାବରେ କାର୍ଯ୍ୟ କରୁଥିଲା । ଅବସର ପରେ ସେ ନିଜ ପତ୍ନୀ ସହ ଚିକାଗୋ (ଆମେରିକା) ସହରରେ ରହୁଥିଲା ଓ ପରେ ସେ କାନାଡିୟ ନାଗରିକତା ହାସଲ କରିଥିଲା । ହେଡ୍‌ଲି ସହ ସଂସ୍ପର୍ଶରେ ଆସି ସେ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ହୋଇଯାଇଥିଲା ।

# ୟୁରୋପରେ ବିଦ୍ୟୁତ୍ ବିଭ୍ରାଟ: ଅନ୍ଧାରରେ ଫ୍ରାନ୍ସ-ସ୍ପେନ୍-ପର୍ତ୍ତୁଗାଲ

## ପରିବହନ, ଯୋଗାଯୋଗ, ଜରୁରୀସେବା ଗୁରୁତର ପ୍ରଭାବିତ

**ମାଦ୍ରିଦ୍,ଲିସବନ୍, ପ୍ୟାରିସ୍, ୨୮।୪/ଏଜେନ୍ସି:** ସୋମବାର ଭାରତୀୟ ସମୟ ଅନୁସାରେ ମଧ୍ୟାହ୍ନ ପ୍ରାୟ ୧୨:୩୦ରେ (ସ୍ଥାନୀୟ ସମୟ) ୟୁରୋପୀୟ ଦେଶ ସ୍ପେନ, ପର୍ତ୍ତୁଗାଲ ଏବଂ ଫ୍ରାନ୍ସରେ ଏକ ବଡ଼ଧରଣର ବିଦ୍ୟୁତ ବିଭ୍ରାଟ ଦେଖିବାକୁ ମିଳିଛି । ଫଳରେ ଏହି ତିନି ଦେଶରେ ପରିବହନ, ଯୋଗାଯୋଗ ଓ ଜରୁରିସେବୁ ସବୁ ଗୁରୁତର ଭାବେ ପ୍ରଭାବିତ ହୋଇଛି । ମେଟ୍ରୋ, ବିମାନବନ୍ଦର, ରେଳ ଏବଂ ମୋବାଇଲ୍ ନେଟୱାର୍କ ବିଫଳ ହୋଇଯାଇଛି । ମାଦ୍ରିଦ୍, ଲିସବନ, ବାର୍ସେଲୋନା, ସେଭିଲ ଏବଂ ଭାଲେନ୍ସିଆ ଭଳି ପ୍ରମୁଖ ସହରଗୁଡ଼ିକୁ ଅନ୍ଧକାରରେ ଆଚ୍ଛାଦିତ ହୋଇପଡିଥିବା ବେଳେ ଦେଶଗୁଡ଼ିକରେ ବ୍ୟାପକ ଅସ୍ତବ୍ୟସ୍ତତା ସୃଷ୍ଟି କରିଛି । ବିଦ୍ୟୁତ୍ କାଟ ଯୋଗୁଁ ଲକ୍ଷ ଲକ୍ଷ ଲୋକ ବିଦ୍ୟୁତ୍ ବିନା ବଞ୍ଚିବାକୁ ବାଧ୍ୟ ହୋଇଛନ୍ତି । ୟୁରୋନ୍ୟୁଜ୍ ପର୍ତ୍ତୁଗାଲ୍ ଅନୁଯାୟୀ, ପର୍ତ୍ତୁଗାଲ୍ ଏବଂ ସ୍ପେନର ରାଜଧାନୀରେ ଅନେକ ମେଟ୍ରୋ ଟ୍ରେନ୍‌ଗୁଡ଼ିକ ଷ୍ଟେସନ ମଧ୍ୟରେ ଥିବା ସୁଡ଼ଙ୍ଗରେ ଫସି ରହିଛନ୍ତି । ଫଳରେ ହଜାର ହଜାର ସଂଖ୍ୟକ ଲୋକ ମଧ୍ୟ ଏହି ମହାନଗରଗୁଡ଼ିକରେ ଫସି ରହିଛନ୍ତି । ପର୍ତ୍ତୁଗୀଜ୍ ପୋଲିସ ନିଶ୍ଚିତ କରିଛି ଯେ ପୋର୍ଟୋ ଏବଂ ଲିସବନରେ ମେଟ୍ରୋ ସେବା ବନ୍ଦ ରହିଛି ଏବଂ ସାରା ଦେଶରେ ଟ୍ରାଫିକ୍ ସିଗନାଲ ପ୍ରଭାବିତ ହୋଇଛି । ଏହା ବ୍ୟତୀତ, ଏଟିଏମ, ଇଲେକ୍ଟ୍ରୋନିକ୍ ପେମେଣ୍ଟ ସିଷ୍ଟମ ଏବଂ କୋର୍ଟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି । ମାଦ୍ରିଦ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ମଧ୍ୟ ବିଦ୍ୟୁତ୍ ଅଭାବରୁ ଅସ୍ଥାୟୀ ଭାବେ ସ୍ଥଗିତ ରହିଛି ।



ପର୍ତ୍ତୁଗୀୟ ବିଦ୍ୟୁତ୍ ବିତରଣ ସଂସ୍ଥା ଇ-ରେଡେସ ଅନୁଯାୟୀ, ଏହି ବିଭ୍ରାଟ "ୟୁରୋପୀୟ ବିଦ୍ୟୁତ୍ ଗ୍ରୀଡ୍‌ରେ ଏକ ସମସ୍ୟା" ଯୋଗୁଁ ହୋଇଛି, ଯାହା ଉଚ୍ଚ ଭୋଲଟେଜ ଲାଇନ୍‌ରେ ତ୍ରୁଟି ସୃଷ୍ଟି କରିଛି । ତଥାପି, ନିର୍ଦ୍ଦିଷ୍ଟ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ସ୍ପେନର ବିଦ୍ୟୁତ୍ ଗ୍ରୀଡ୍ ଅପରେଟର ରେଡ୍ ଇଲେକ୍ଟ୍ରିକା କହିଛି ଯେ ସେମାନେ ଉତ୍ତର ଏବଂ ଦକ୍ଷିଣ ସ୍ପେନରେ ବିଦ୍ୟୁତ୍ ସେବା ପୁନଃସ୍ଥାପନ ଆରମ୍ଭ କରିଛନ୍ତି, କିନ୍ତୁ ସମ୍ପୂର୍ଣ୍ଣ ପୁନଃସ୍ଥାପନ ପାଇଁ ସମୟ ଲାଗିପାରେ । ତେବେ ଏପ୍ରକାର ବ୍ଲାକଆଉଟ୍‌ର ସମ୍ଭାବ୍ୟ କାରଣ ମଧ୍ୟରେ ଅନେକ କଥା କୁହାଯାଉଛି । ଯେପରିକି, ୟୁରୋପର ବୈଦ୍ୟୁତିକ ଗ୍ରୀଡ୍‌ରେ ଏକ ବିଫଳତା ଏହି ବ୍ଲାକଆଉଟ୍‌ର କାରଣ ହୋଇପାରେ । ସେହିପରି ଦକ୍ଷିଣ-ପଶ୍ଚିମ ଫ୍ରାନ୍ସର ଆଲାରିକ ପର୍ବତରେ ଅଗ୍ନିକାଣ୍ଡ ଘଟିଛି । ଏହା ପର୍ପିଗନାନ୍ ଏବଂ ପୂର୍ବ ନାର୍ବୋନ୍ ମଧ୍ୟରେ ଏକ ଉଚ୍ଚ-ଭୋଲଟେଜ୍ ବିଦ୍ୟୁତ୍ ତାରଗୁଡ଼ିକୁ କ୍ଷତିଗ୍ରସ୍ତ କରିଥିଲା । ପର୍ତ୍ତୁଗାଲର ଜାତୀୟ ବିଦ୍ୟୁତ୍ କମ୍ପାନୀ ଏହାକୁ ବିଦ୍ୟୁତ୍ ବିଭ୍ରାଟର ଏକ ସମ୍ଭାବ୍ୟ କାରଣ ଭାବରେ ବିଚାର କରୁଛି । ୟୁରୋନ୍ୟୁଜ୍ ସ୍ପେନ ରିପୋର୍ଟ କରିଛି ଯେ ସ୍ପେନିସ୍ ସରକାର ମୋନକ୍ଲୋଆରେ ଏକ ଜରୁରୀକାଳୀନ ବୈଠକ ଡକାଇଛନ୍ତି ଏବଂ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷେ ସ୍ପାନିସ୍‌ର ଜଣେ ଅଧିକାରୀ କହିଛନ୍ତି ଯେ ଏହି ବିଶାଳ ବିଦ୍ୟୁତ୍ ବିଭ୍ରାଟ ପଛରେ ସାଇବର ଆକ୍ରମଣ ଅଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି । ତଥାପି, ଏପର୍ଯ୍ୟନ୍ତ କୌଣସି ଠୋସ୍ ପ୍ରମାଣ ମିଳିନାହିଁ ।

ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

# ‘ସେ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ’

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛନ୍ତି। ଆଜି ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଏହା ମତପ୍ରକାଶ ପାଇଛି।



ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭାବାନୀଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ବାବୁ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଶ୍ରଦ୍ଧାସୁମନ

## ‘ଓଡ଼ିଶାରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ଚାଲିଛି’

ଶୀଘ୍ର ଗୃହ ବିଭାଗକୁ ପଠାଯିବ ତାଲିକା

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଓଡ଼ିଶାରେ ବାଂଲାଦେଶୀ ଓ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଥିବା କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ଗତ ୨ ମାସ ହେଲାଣି ପଞ୍ଚାୟତ ସ୍ତରରେ ଚାଲିଛି। କିଛି ଲୋକଙ୍କ ତାଲିକା ସରକାର ପ୍ରସ୍ତୁତ କରିଛନ୍ତି। ସେମାନେ କେଉଁଠି ରହି କ’ଣ କାମ କରୁଛନ୍ତି ସେ ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଯେଉଁମାନେ ଭିସା କିମ୍ବା ବିନା ବିନା ଭିସାରେ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

ଏହାଛଡ଼ା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ ୨ ଦିନ ଆଗରୁ ଗୁଜରାଟରେ ଥିବା ପ୍ରାୟ ୪ଶହ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଓଡ଼ିଶାରେ ମଧ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଯେଉଁ ୧୨ ଜଣ ପାକିସ୍ତାନୀଙ୍କୁ ଚିହ୍ନଟ କରାଯାଇଛି ସେମାନଙ୍କୁ ସ୍ୱଦେଶ ପଠାଇବାକୁ ନିର୍ଦ୍ଦେଶ ରହିଛି। ସମସ୍ତଙ୍କର ଭୋଟର ଓ ଆଧାର କାର୍ଡ ଯାଞ୍ଚ କରାଯାଉଛି। ସ୍ଥାନୀୟ ପ୍ରତିନିଧି ଓ ଲୋକଙ୍କ ପରାମର୍ଶ ନିଆଯାଉଛି। ଖୁବଶୀଘ୍ର ଅନୁପ୍ରବେଶକାରୀଙ୍କ ତାଲିକା ଗୃହ ବିଭାଗ ପାଖକୁ ପଠାଯିବ। ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ବାଂଲାଦେଶୀ ଓ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ନେଇ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରବିବାର କେନ୍ଦ୍ର ସରକାରଙ୍କ



ନିର୍ଦ୍ଦେଶାନୁଯାୟୀ ପୁଲିସ କମିଶନରଙ୍କ ନୋଟିସ ପରେ ପାକିସ୍ତାନୀ ମହିଳା ନଗ୍ମା ୟୁସୁଫ । ଭୁବନେଶ୍ୱର ଛାଡିଛନ୍ତି। ୨୦୦୮ରେ ଭୁବନେଶ୍ୱର ବାସିନ୍ଦା ମହମ୍ମଦ ନିଜାମୁଦ୍ଦିନଙ୍କୁ ବିବାହ କରି ଏଠାରେ ରହୁଥିଲେ। ତେବେ ସେ ବିବାହ ପରେ ଏଠାକାର ନାଗରିକତ୍ୱ ପାଇଁ ଆବେଦନ କରିନଥିଲେ। ୨୦୨୪ ଡିସେମ୍ବରରେ ତାଙ୍କ ଭିସା ଅବଧି ଶେଷ ହୋଇଥିଲା । ଦୀର୍ଘ ମିଆଦୀ ଭିସା ପାଇଁ ସେ ଆବେଦନ କରିଥିଲେ। ତେବେ ପହଲଗାମ ହମ୍ଲା ପରେ ପାକିସ୍ତାନୀଙ୍କୁ ଭାରତ ଛାଡ଼ ନିର୍ଦ୍ଦେଶ ପରେ ନଗ୍ମାଙ୍କୁ ସ୍ୱଦେଶ ଫେରିଯିବାକୁ ପଡ଼ିଛି।

ମୁଖ୍ୟ ସଚିବଙ୍କୁ ଭେଟିଲେ ଭାରତୀୟ ପ୍ରଶାସନିକ ସେବାର ପ୍ରୋବେସନର ଅଧିକାରୀ

## ଲୋକଙ୍କ ସମସ୍ୟା ପ୍ରତି ସଚେତନ ରହିବାକୁ ଆହ୍ୱାନ

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଆଜି ଭାରତୀୟ ପ୍ରଶାସନିକ ସେବାର ଓଡ଼ିଶା କ୍ୟାଡରର ପ୍ରୋବେସନର ଅଧିକାରୀମାନେ ସାକ୍ଷାତ କରିଛନ୍ତି। ଲୋକସେବା ଭବନସ୍ଥିତ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ୨୦୨୪ ବ୍ୟାଚ୍‌ର ଏହି ଅଧିକାରୀମାନେ ସାକ୍ଷାତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଥିଲେ। ପ୍ରଶାସନିକ ବ୍ୟବସ୍ଥାର ବିଭିନ୍ନ ଢ଼ାଞ୍ଚା, କାର୍ଯ୍ୟକାରୀ ହେଉଥିବା ଯୋଜନା, କାର୍ଯ୍ୟକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ ସମ୍ପର୍କରେ ଶ୍ରୀ ଆହୁଜା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟର କଳା, ସଂସ୍କୃତି, ଭାଷା-ସାହିତ୍ୟ, ଭାସ୍କର୍ଯ୍ୟ ଆଦି ସମ୍ପର୍କରେ ଜାଣିବାର ନିତାନ୍ତ ଆବଶ୍ୟକତା ରହିଛି। ଓଡ଼ିଶା ଆଜି ପ୍ରତିଟି କ୍ଷେତ୍ରରେ ପ୍ରଗତି ହାସଲ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ଅନେକ ରାଜ୍ୟ ତୁଳନାରେ



ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରୁଥିବା ସେ ସୂଚନା ଦେଇଥିଲେ। ଏହି ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ନୂତନ ଅଧିକାରୀମାନେ କାର୍ଯ୍ୟ କରିବା ଉଚିତ। ଏଥି ସହିତ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ସଚେତନ ରହି ସାମାଜିକ ଦାୟିତ୍ୱବୋଧ ଓ କର୍ତ୍ତବ୍ୟପରାୟଣତାର ପ୍ରଦର୍ଶନ କରିବାକୁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। କୃତ୍ରିମ ବୁଦ୍ଧିମତ୍ତା ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ବିଭିନ୍ନ ସମସ୍ୟାର ସମାଧାନ ଓ ଧାର୍ଯ୍ୟ ଲକ୍ଷ୍ୟ ହାସଲ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ତୃଣମୂଳସ୍ତରକୁ ଅଧିକାରୀ ଭାବେ ନୁହେଁ ବରଂ ସାଧାରଣ ଲୋକ ଭାବେ ଅଙ୍ଗନବାଡ଼ି କେନ୍ଦ୍ର, ବିଭିନ୍ନ ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସର୍ବସାଧାରଣ ବ୍ୟବହାର କରୁଥିବା ସେବା ସ୍ଥାନକୁ ଯାଇ ଲୋକଙ୍କ ସମସ୍ୟା ଓ ସାମାଜିକ ବିଧିବ୍ୟବସ୍ଥା ସଂପର୍କରେ ଅବଗତ ହୋଇପାରିଲେ ନିଜ କର୍ମକ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିବାରେ ସହାୟକ ହେବ। ଏତଦ୍‌ବ୍ୟତୀତ, ଅଧିକାରୀମାନଙ୍କର ଓଡ଼ିଶା ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଓଡ଼ିଶା ଆଜି ଶିଳ୍ପ, ବୟନ, କୃଷି, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ଅଗ୍ରସର ହେଉଥିବାରୁ ଏହି ଧାରାରେ କାର୍ଯ୍ୟ କରିବା ପାଇଁ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଉକ୍ତ ଅଧିକାରୀମାନେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ମଧ୍ୟ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଥିଲେ। ରାଜ୍ୟରେ ଗରିବୀ ହାରରେ ଦ୍ରୁତ ହ୍ରାସ ହେବା ସହ ବର୍ତ୍ତମାନ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ର ପାଇଁ ବଜେଟରେ ଅଧିକ ଆର୍ଥିକ ବ୍ୟୟବରାଦ କରାଯାଉଥିବା ଶ୍ରୀମତୀ ଗର୍ଗ ସୂଚନା ଦେଇଥିଲେ। ପ୍ରତ୍ୟେକ ମୁହୂର୍ତ୍ତରେ ଶିଖିବାର ମାନସିକତା ରଖିବା ସହ କାର୍ଯ୍ୟକ୍ଷେତ୍ରରେ ସନ୍ତୁଳିତ ଭାବେ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୋପବନ୍ଧୁ ଏକାଡେମୀର ଏଡିଜି ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ।

## ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଜ୍ୟପାଳ



**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନରେ ମଧୁବାବୁଙ୍କ ଅଦମ୍ୟ ପ୍ରୟାସ ଏବଂ ଦୃଢ଼ ନେତୃତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ। ଏତଦ୍‌ବ୍ୟତୀତ ସାମାଜିକ ସଂସ୍କାର, ଶିକ୍ଷା ଏବଂ ଅବହେଳିତ ଗୋଷ୍ଠୀର ସଶକ୍ତିକରଣ କ୍ଷେତ୍ରରେ ମଧୁବାବୁଙ୍କର ଜୀବନବ୍ୟାପୀ ଉଦ୍ୟମକୁ ରାଜ୍ୟପାଳ ସ୍ମରଣ କରିଛନ୍ତି। ସେବା, ସମର୍ପଣ ଏବଂ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ମଧୁବାବୁଙ୍କର ଚିନ୍ତା, ଚେତନା ଓ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରାପଡ଼ା ସାଂସଦ

## ଲୁଣାନଦୀ ଉପରେ ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ାର ତଳି ଅଞ୍ଚଳକୁ ଜଳମଗ୍ନ ହେବାରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯିବା ଜରୁରୀ। ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ଗହଗପାଟ ଅଞ୍ଚଳ, କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିସିବିଲପାଟ ଅଞ୍ଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଞ୍ଚଳଗୁଡ଼ିକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେନେଇ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନ ଠାରେ ସାକ୍ଷାତ କରିଛନ୍ତି। ଏହାଛଡ଼ା ଶ୍ରୀ ପଣ୍ଡା କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଏକ ଚାରିଟେବୁଲ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡ଼ାରେ ଏକ ହସ୍ପିଟାଲ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଅଛି। ଏହା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋ ଟୁରିଜିମ୍, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ



ଲଜିଷ୍ଟିକ୍ସ ପାର୍କ, ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ ନେଇ ଆଲୋଚନା

କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାରେ ଖାଲି ପଡ଼ିଥିବା ସରକାରୀ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିବାବେଳେ ଜିଲ୍ଲାରେ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ବିଷୟରେ ଫୋକସ୍ କରାଯାଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଆତଙ୍କୀ ନିପାତରେ କେନ୍ଦ୍ର ସରକାର ଫେଲ୍’

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** କାଶ୍ମୀର ପ୍ରସଙ୍ଗରେ କେନ୍ଦ୍ରର ବିଜେପି ସରକାର ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ଆତଙ୍କୀ ନିପାତ କରିବାରେ କେନ୍ଦ୍ର ସରକାର ଫେଲ୍ ମାରିଛନ୍ତି । କାଶ୍ମୀରରେ ଯାହା ଘଟିଲା, ସେଥିପାଇଁ କେନ୍ଦ୍ର ସରକାରଙ୍କୁ ପିସିସି ସଭାପତି ଦାୟୀ କରିଛନ୍ତି। ସେ କହିଛନ୍ତି ଯେ, ପ୍ରଥମେ ପହଲଗାମ୍ ଘଟଣାର ଯାଞ୍ଚ କରିବା ଆବଶ୍ୟକ। ଲୋକଙ୍କ ଜୀବନ ସହ ଖେଳି ରାଜନୀତି ବନ୍ଦ କରୁ ବିଜେପି। ପୁଲୱାମା ପରେ ଦେଶବାସୀ ଜାଗି ଉଠିଥିଲେ। କିନ୍ତୁ ନିର୍ବାଚନରେ ଫାଇଦା ନେଇଗଲା ଭାରତୀୟ ଜନତା ପାର୍ଟି। କଂଗ୍ରେସ ପାର୍ଟି ଓ ଅନ୍ୟାନ୍ୟ ବିରୋଧୀ ଦଳ ଦେଶ ସହିତ ଅଛନ୍ତି।

## ପାଇପ୍ ଷ୍ଟାକ୍‌ୟାର୍ଡରେ ଅଗ୍ନିକାଣ୍ଡ

ହୁତୁହୁତୁ ହୋଇ ଜଳିଗଲା

**ପାରାଦୀପ,୨୮।୪/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ପାରାଦୀପ ରିଫାଇନାରୀ ନିକଟରେ ଥିବା ଟେକ୍ନୋମାଉଣ୍ଟ-ମେଷ୍ଟାଲକ୍ରାଫ୍ଟ କମ୍ପାନୀ ପାଇପ ଷ୍ଟକୟାର୍ଡରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ସୋମବାର ପୂର୍ବାହ୍ନରେ କମ୍ପାନୀର ପାଇପ୍ ଷ୍ଟାକୟାର୍ଡରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବାର କିଛି କ୍ଷଣ ମଧ୍ୟରେ ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା। କଳା ଧୂଆଁ ସମଗ୍ର ଅଞ୍ଚଳରେ ବ୍ୟାପି ଯାଇଥିଲା । ଆଇଓସିଏଲ୍‌ର ତୈଳ ପାଇପ୍ ଲାଇନ୍ ବିଛାଇବା ପାଇଁ ଏହି ପାଇପ୍ ଗୁଡିକ ଗଚ୍ଛିତ ହୋଇ ରହିଥିଲା । ଅଗ୍ନିକାଣ୍ଡ ଖବର ପାଇ ଆଇଓସିଏଲ୍, ଇଫକୋ, ପିପିଏଲ, ପାରାଦୀପ ବନ୍ଦର ସମେତ କୁଜଙ୍ଗ ଅଗ୍ନିଶମ



ବିଭାଗରୁ ୭ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଲେ । ଏହି ପାଇପ୍ ଉପରେ ପିଚୁ ଓ ପ୍ଲାଷ୍ଟିକ କୋଟିଂ ରହିଥିବାରୁ ନିଆଁ ଲିଭାଇବାକୁ ଫୋମ୍ ଓ ପାଣି ବ୍ୟବହାର କରାଯାଇଥିଲା । ଷ୍ଟାକ୍‌ୟାର୍ଡର ଅପରପାର୍ଶ୍ୱରେ କାର୍ବନ କାରଖାନା ଥିବାବେଳେ ଅନତିଦୂରରେ ଏକ ପେଟ୍ରୋଲ ପମ୍ପ ରହିଥିବା ବେଳେ ରାସ୍ତାର ଅନ୍ୟପାଖରେ ପାରାଦୀପ-ହଳଦିଆ ପାଇପ୍ ଲାଇନ୍ ରହିଛି। ଯାହାକି ବିପଦ ସୃଷ୍ଟି କରିବା ନେଇ ସନ୍ଦେହ କରାଯାଉଛି।

● ନବୀନଙ୍କୁ ଭେଟିଲେ ପ୍ରଶାନ୍ତଙ୍କ ବଡ଼ ଭାଇ

## ଶୁଦ୍ଧିକ୍ରିୟାରେ ସାମିଲ ପାଇଁ କଲେ ନିମନ୍ତ୍ରଣ

**ଭୁବନେଶ୍ୱର,୨୮।୪/ଏନ୍ଏନ୍ଏସ୍:** ସୋମବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପହଲଗାମ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବାଲେଶ୍ୱର ଇଶାଣୀ ଗାଁର ପ୍ରଶାନ୍ତ ଶତପଥୀଙ୍କ ବଡ଼ଭାଇ ସୁଶାନ୍ତ ଶତପଥୀ। ପ୍ରଶାନ୍ତ ଶତପଥୀଙ୍କ ଏକାଦଶାହ ଅବସରରେ ତାଙ୍କ ଶୁଦ୍ଧିକ୍ରିୟାରେ ସାମିଲ ହେବା ପାଇଁ ନିମନ୍ତ୍ରଣ ନେଇ ସୁଶାନ୍ତ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ନବୀନ ନିବାସ ଯାଇ ନବୀନଙ୍କୁ ଭେଟି ଏକଦଶାହ କାର୍ଯ୍ୟରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି ସୁଶାନ୍ତ। ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ପରେ ପ୍ରଶାନ୍ତଙ୍କ ବଡ଼ ଭାଇ କହିଛନ୍ତି ଯେ ‘ଆତଙ୍କୀ ଆକ୍ରମଣରେ ଭାଇର ମୃତ୍ୟୁ ହେବା ପର ଦିନ ନବୀନ ପଟ୍ଟନାୟକ ଆମ ପରିବାରକୁ ଫୋନ କରିଥିଲେ। ଧୈର୍ଯ୍ୟହରା ନହେବା ପାଇଁ ଆମକୁ ଆଶ୍ୱସନା ଦେଇଥିଲେ। ଭାଇର ଶୁଦ୍ଧିକ୍ରିୟାରେ ସାମିଲ




ହେବା ପାଇଁ ନିମନ୍ତ୍ରଣ କରିବାକୁ ନବୀନ ନୀବାସ ଆସିଥିଲି । ସାକ୍ଷାତ ପରେ ସେ ପଚାରିଥିଲେ ଯେ ଆମକୁ କ’ଣ ଦରକାର, ମୁଁ ତାଙ୍କୁ କହିଲି ଯେ, ଆମକୁ ମୋ ଭାଇର ଶେଷକୃତ୍ୟରେ ସାମିଲ ହେବା ବ୍ୟତୀତ ଆଉ କିଛି ଦରକାର ନାହିଁ। ସେ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ପହଞ୍ଚିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବେ।’

ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ, ଲେଖାଶ୍ରୀ ସାମନ୍ତସିଂହାର ସହ ନବୀନ ନିବାସରେ ପହଞ୍ଚିଥିଲେ ପ୍ରଶାନ୍ତଙ୍କ ଭାଇ। ପ୍ରାୟ ଅଧଘଣ୍ଟା ଧରି ନବୀନଙ୍କ ସହ ଆଲୋଚନା କରିଥିଲେ।

ରାଉରକେଲାରେ ଡିଜିପି

## ମାଓ ଦମନ ସମ୍ପର୍କରେ କଲେ ଆଲୋଚନା

**ରାଉରକେଲା,୨୮।୪/ଏନ୍ଏନ୍ଏସ୍:** ରାଜ୍ୟ ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆ ସୋମବାର ରାଉରକେଲାକୁ ଦୁଇ ଦିନିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରଥମେ ରାଉରକେଲା ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ରାଉରକେଲା ପୁଲିସ୍ ଜିଲ୍ଲାରେ ୩ଟି ନୂତନ ଅପରାଧିକ ଆଇନ୍ ଲାଗୁ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ରାଉରକେଲା ସ୍ମାର୍ଟସିଟିରେ ଦୀର୍ଘ ଦିନରୁ ଚାଲିଥିବା ସିସିଟିଭି କାର୍ଯ୍ୟର ସମୀକ୍ଷା କରିଥିଲେ। ଏ କ୍ଷେତ୍ରରେ କେଉଁ କାମ ସରିଛି ଓ କେଉଁ କାମ ବାକି ରହିଛି ତାର ତଦାରଖ କରିଥିଲେ। ଏତଦ୍‌ବ୍ୟତୀତ ସୀମାନ୍ତରେ ଚାଲିଥିବା ମାଓ କାର୍ଯ୍ୟକଳାପ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ଆଇଜି ହିମାଂଶୁ ଲାଲ, ରାଉରକେଲା ଏସ୍‌ପି ନିତେଶ ୱାଧୱାନି,



ସୁନ୍ଦରଗଡ଼ ଏସ୍‌ପି ଓ କେନ୍ଦୁଝର ଏସ୍‌ପିଙ୍କ ସହ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀ, ଝାଡ଼ଖଣ୍ଡ ପୁଲିସ୍‌ର ବରିଷ୍ଠ ଅଧିକାରୀ ଓ ରାଉରକେଲାର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ଡିଜିପି କହିଛନ୍ତି ଯେ ରାଜ୍ୟରେ ୧୨ ଜଣ ପାକିସ୍ତାନୀ ଅଛନ୍ତି। ସମସ୍ତଙ୍କୁ ଲିଭ୍ ଇଣ୍ଡିଆ ନୋଟିସ୍ ଜାରି କରାଯାଇଛି । ନୋଟିସ୍ ପାଇବା ପରେ ଜଣେ ପାକିସ୍ତାନୀ ନାଗରିକ ଓଡ଼ିଶା ଛାଡି ସାରିଛନ୍ତି। ଅନ୍ୟମାନେ ଖୁବ୍‌ଶୀଘ୍ର ଓଡ଼ିଶା ଛାଡିବେ ବୋଲି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନଙ୍କର ବୈଧ ଦୀର୍ଘକାଳୀନ ଭିସା ଅଛି କିମ୍ବା ଯେଉଁମାନଙ୍କର ଭିସା ବୃଦ୍ଧି ଆବେଦନ ପ୍ରକ୍ରିୟାଧୀନ ଅଛି ସେମାନଙ୍କ ମାମଲାର ପୃଥକ ଭାବରେ ବିଚାର କରାଯାଉଛି। ଆମେ ସେମାନଙ୍କ ମାମଲା ସମ୍ପର୍କରେ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ। ଡିଜିପି କହିଛନ୍ତି, କର୍ତ୍ତୃପକ୍ଷ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁଯାୟୀ ସତର୍କତାର ସହିତ କାର୍ଯ୍ୟ କରୁଛନ୍ତି।

**୧୨ରୁ ଜଣେ ପାକିସ୍ତାନୀ ଓଡ଼ିଶା ଛାଡ଼ିଛନ୍ତି**

ତେବେ ଆଗାମୀ ଦିନରେ ରାଉରକେଲା ପୁଲିସ୍‌ରେ ବହୁ ଉନ୍ନତି ହେବ । ନୂତନ ଅପରାଧିକ ଆଇନ୍ ଲୋକଙ୍କୁ ନ୍ୟାୟ ଦେବାରେ ସହାୟକ ହେବ। ମାଓବାଦୀ ଦମନ ନୀତି ତଥା ପଦକ୍ଷେପ ଉପରେ ପଡ଼ୋଶୀ ରାଜ୍ୟ ଝାଡଖଣ୍ଡ ପୁଲିସ୍‌ର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିବା ସମ୍ପର୍କରେ ଡିଜିପି ସୂଚନା ଦେଇଛନ୍ତି।

## ମଧୁବାବୁଙ୍କ ଜନ୍ମତିଥିରେ ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ




**ନୟାଗଡ଼,୨୮।୪/ଏନ୍ଏନ୍ଏସ୍:** ଓଡ଼ିଆ ଅସ୍ମିତାର ପ୍ରତୀକ ତଥା ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିଦ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ପୂଣ୍ୟ ଜନ୍ମତିଥି ରେ ଆଇନଜୀବୀ ଦିବସ ପାଳନ କରିଛି ନୟାଗଡ ଜିଲ୍ଲା ଓକିଲ ସଙ୍ଘ । ଜିଲ୍ଲା କୋର୍ଟ ସମ୍ମିଳନୀ କକ୍ଷରେ ଜିଲ୍ଲା ଓକିଲ ସଙ୍ଘ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଜିଲ୍ଲା ଜଜ୍ ଆନନ୍ଦ ନାରାୟଣ ମହାରଣା, ସ୍ୱତନ୍ତ୍ର ବକ୍ତା ଭାବେ ଓଡ଼ିଆ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ବାଷ୍ଟ, ଅର୍ଥନୀତି ପ୍ରାଧ୍ୟାପକ ଅଶୋକ କୁମାର ନାୟକ ଏବଂ ଯୁବ ଅଧ୍ୟାପକ ଆଶୁତୋଷ ମିଶ୍ର, ସଂଘର ସମ୍ପାଦକ ସ୍ୱଦେଶ ମିଶ୍ର ପ୍ରମୁଖ ମଧୁବାବୁଙ୍କୁ ଓଡ଼ିଆ ଅସ୍ମିତାର ପ୍ରତୀକ ଭାବେ ଅଭିହିତ କରିଥିଲେ । ଦେଶ ସ୍ୱାଧୀନତା ପୂର୍ବରୁ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ପ୍ରଦାନ କରି ଭାଷା ଭିତ୍ତିରେ ଉତ୍କଳ ପ୍ରଦେଶ ଗଠନ କରି ଓଡ଼ିଆ ଜାତିର ନିଜସ୍ୱ ପରିଚୟ ସୃଷ୍ଟି କରି ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରିଥିବା ସ୍ୱାଭିମାନୀ ଓଡ଼ିଆଙ୍କୁ ଏ ଜାତି ସବୁଦିନ ମନେ ରଖିବ ବୋଲି କହି ମଧୁବାବୁଙ୍କୁ ସତକୋଟି ପ୍ରଣାମ କରିଥିଲେ । ମଧୁବାବୁଙ୍କ ବିଚାରଧାରା ଉପରେ ଆୟୋଜିତ ଓଡ଼ିଆ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଜିଲ୍ଲା ଜଜ୍ ପୁରସ୍କୃତ କରିଥିଲେ । ରୋଟାରୀ କ୍ଲବ ସମ୍ପାଦକ ଅବିନାଶ ସାହୁଙ୍କୁ ଜିଲ୍ଲା ଜଜ୍ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ନାୟକ ଜିଲ୍ଲା ଜଜ୍ ଶ୍ରୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବାହ୍ନରେ ପୁରୁଣା ସିଭିଲ କୋର୍ଟ ପରିସରରେ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ଜଜ ଏବଂ ବାର କାର୍ଯ୍ୟକର୍ତ୍ତା ମାନେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଚାରପତି ଗଣଙ୍କ ସମେତ ସମସ୍ତ ଆଇନଜୀବୀମାନେ ଯୋଗଦେଇଥିଲେ । ସଙ୍ଘର ଉପସଭାପତି ସନ୍ତୋଷ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆରାଧ୍ୟା ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ



**ଫୁଲନଖରା,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆରାଧ୍ୟା କଲଚରାଲ ଏକାଡ଼େମୀ ପକ୍ଷରୁ ବ୍ରାହ୍ମଣଝରିଲୋଠାରେ ପାଳିତ ହୋଇଛି । ଅନୁଷ୍ଠାନର ମୁଖ୍ୟ ଅଜୟକୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମାଜସେବୀ ସୁନ୍ଦରପ୍ରଭାତ ଦାସ, ଡାକ୍ତର ଦିଲୀପକୁମାର ନନ୍ଦ, ସାମ୍ବାଦିକ ମହେଶ୍ୱର ପାତ୍ର, ଦିଲୀପକୁମାର ସାମନ୍ତରାୟ, ରାକେଶକୁମାର ହୋତା, ତନୁଶ୍ରୀ ରକ୍ଷିତ ଓ ଇଂ.ସେବକ ଶ୍ରୀକାନ୍ତ ଅତିଥିରୂପେ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ରାଜକିଶୋର ଜେନା, ରବିନାରାୟଣ ମହାପାତ୍ର, ସସ୍ମିତା ସାହୁ, କୈଳାସଚନ୍ଦ୍ର ଦାସ ଓ ଅଶୋକ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପ୍ରତାପକେଶରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର,୨୮।୪/ଏନ୍ଏନ୍ଏସ୍:** ଚୌଦ୍ୱାର ଢିଅସାହି ଗ୍ରାମରେ ମହାପ୍ରଭୁ ଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଛି । ତିନିଦିନ ଧରି ଆୟୋଜିତ ଉତ୍ସବର ପ୍ରଥମ ଦିବସରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରାତଃରୁ ୬୫୦ରୁ ଊର୍ଦ୍ଧ୍ୱ ମାନସିକ ବ୍ରତଧାରୀ ଭକ୍ତମାନେ ଶନିମନ୍ଦିର ନିକଟ ମହାନଦୀରୁ ବୈଦିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି କଳସ ଶୋଭା ଯାତ୍ରାରେ ବାହାରିଥିଲେ । ଘଣ୍ଟଘଣ୍ଟା, ପାରମ୍ପରିକ ବାଦ୍ୟ, ହୁଳହୁଳି, ହରିନାମ, ଶଙ୍ଖ ବଜାଇ ଗ୍ରାମ୍ୟ ପରିକ୍ରମା କରି ନିକଟସ୍ଥ ବଉଳଦାଣ୍ଡରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ମୁଖ୍ୟ ପୂଜକ ପଣ୍ଡିତ ଦିବାକର ପଣ୍ଡାଙ୍କ ସମେତ ଅନେକ ବିଦ୍ୱାନ ବ୍ରାହ୍ମଣମାନଙ୍କ ମନ୍ତ୍ରପାଠ ସହ ସମଗ୍ର ଗ୍ରାମ ଓ ଏହାର ଚତୁଃପାର୍ଶ୍ୱ ଜଗନ୍ନାଥ ମୟ ହୋଇ ଉଠିଥିଲା । ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କମିଟି ପକ୍ଷରୁ ମୁଖ୍ୟ ଉପଦେଷ୍ଟା ଶ୍ରୀଧର ରାଉଳ, ସଭାପତି ଭରତ ଚନ୍ଦ୍ର ପରିଡ଼ା, ସମ୍ପାଦକ ନରେଶ ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ରଞ୍ଜନ ପରିଡ଼ା, ମନ୍ଦିର ମୁଖ୍ୟ ପୂଜକ ନବକିଶୋର ପଣ୍ଡା, ସହ ସେବାୟତ ସୁବ୍ରତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

### ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଅନୁଧ୍ୟାନକଲେ ପର୍ଯ୍ୟଟନ ସଚିବ

# ସମୁଦ୍ରକୂଳ ବ୍ୟବସାୟୀଙ୍କୁ ଅସ୍ଥାୟୀ ଥଇଥାନ

**କୋଣାର୍କ,୨୮।୪/ଏନ୍ଏନ୍ଏସ୍:** କୋଣାର୍କ ଚନ୍ଦ୍ରଭାଗା ସମୁଦ୍ରକୂଳ ତୀର୍ଥପୁଷ୍କରିଣୀ ସମ୍ମୁଖ ଠାରୁ ସାମୁଦ୍ରିକ ଥାନା ସମ୍ମୁଖ ୬୦୦ମିଟର ଆଗ ପର୍ଯ୍ୟନ୍ତ ପ୍ରାୟ ୧କିମି ସମୁଦ୍ର କୂଳକୁ ଏକ ଅନ୍ତର୍ଜାତୀୟ ମାନର ରୂପରେଖ ଦେବା ପାଇଁ ପର୍ଯ୍ୟଟନ ବିଭାଗ ସହାୟତାରେ ରାଜ୍ୟ ନିର୍ମାଣ ବିଭାଗ ପକ୍ଷରୁ 'ମେସର୍ସ ଦିଲ୍ଲୀପ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ୪୬କୋଟି ଟଙ୍କା ବ୍ୟୟରେ ଚାଲିଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟକୁ ଆଜି ମଧ୍ୟାହ୍ନରେ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ଚନ୍ଦ୍ରଭାଗାରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ସାଥିରେ ପୁରୀ ଉପଜିଲ୍ଲାପାଳ ରାଜକିଶୋର ଜେନା, ଗୋପ ତହସିଲଦାର ଅନିଲ୍ କୁମାର ମହାନ୍ତି, ପୁରୀ ଜିଲ୍ଲା ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ ବିଶ୍ୱାଳ, ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, କୋଣାର୍କ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, କୋଣାର୍କ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ, ଏନଏସି କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରଖି ପ୍ରକଳ୍ପର ସମସ୍ତ କାର୍ଯ୍ୟ ବୁଲାଇ ଦେଖାଇଥିଲେ । ସମୁଦ୍ରକୂଳରେ ଚାଲିଥିବା ଉଭୟପାର୍ଶ୍ୱର ସ୍ୱତନ୍ତ୍ରପଥର ପାଚେରୀ କାର୍ଯ୍ୟକୁ ସେ ବୁଲି ଦେଖିଥିଲେ । ପରେ ସମୁଦ୍ରକୂଳରେ ଥିବା ୬୦ଜଣରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ତୁରନ୍ତ ଉଚ୍ଛେଦ କରାଯାଇ ଚନ୍ଦ୍ରଭାଗା ତୀର୍ଥପୁଷ୍କରିଣୀ ନିକଟ ମାଘମେଳା ପଡ଼ିଆରେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଉଥିବା ଭେଣ୍ଡିଂଜୋନ୍‌ରେ ୨ବର୍ଷ ପାଇଁ ଥଇଥାନ ନିମନ୍ତେ ଚାଲିଥିବା କାର୍ଯ୍ୟକୁ ବୁଲି



ଦେଖିବା ସହିତ ଠିକାଦାର ଦିଲ୍ଲୀପ ଖଟୋଇ ଓ ପୂର୍ତ୍ତବିଭାଗ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅସ୍ଥାୟୀ ବଜାର ମଧ୍ୟରେ ୨ଗୋଟି ଶୌଚାଳୟର ବ୍ୟବସ୍ଥା ସହ ଉଜ୍ୱଳ ଆଲୋକ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା କରାଯାଇ ବ୍ୟବସାୟୀମାନଙ୍କୁ ତୁରନ୍ତ ଥଇଥାନ କରାଯାଇ ତିନିମାସ ମଧ୍ୟରେ ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ସମସ୍ତ କାର୍ଯ୍ୟ ଶେଷକରି ହସ୍ତାନ୍ତର କରିବାକୁ ପର୍ଯ୍ୟଟନ ସଚିବ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ମଧ୍ୟରେ ୫ହଜାର ବିଭିନ୍ନ ପ୍ରଜାତିର ଗଛ ଲଗାଇବାକୁ ସେ କହିଥିଲେ ।

## ଗୁଣ୍ଡିଚା ବିହାର ନଳାସଫେଇରେ କୋଲ୍‌କତା ଟିମ୍

**ପୁରୀ,୨୮।୪/ଏନ୍ଏନ୍ଏସ୍:** କାଳବୈଶାଖୀ ବର୍ଷା ତଥା ରଥଯାତ୍ରାକୁ ଆଖି ଆଗରେ ରଖି, ପୁରୀର ବଡ଼ନଳା ସଫେଇ କାର୍ଯ୍ୟକୁ ନୂତନ ଶୈଳୀରେ କରିବା ପାଇଁ ପୁରୀ ଗୁଣ୍ଡିଚା ବିହାର ଓ ସର୍ବୋଦୟ ନଗରରେ ଆଜି ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଛନ୍ତି କୋଲ୍‌କତାରୁ ଆସିଥିବା ନଳାସଫେଇ ଟିମ୍ । ପୁରୀ ପୌରସଂସ୍ଥା ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନରେ ଆଜି ଏହି ଟିମ୍ ଗୁଣ୍ଡିଚାବିହାର ଶେଷ ବଡ଼ନଳା ନିକଟରୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ପୂର୍ଣ୍ଣତା ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟର ଦେବବ୍ରତ ଷଡ଼ଙ୍ଗୀ ପ୍ରାରମ୍ଭ ପୂଜାର୍ଚ୍ଚନା କରିଥିବା ବେଳେ ଅଞ୍ଚଳର ପୁରାତନ ସଦସ୍ୟ ବଦ୍ରି ମିଶ୍ର ଓ ଜଟାଧାରୀ ନନ୍ଦ ନଡ଼ିଆ ବାଢ଼େଇଥିଲେ । ଏହି କାର୍ଯ୍ୟକ୍ରମରେ ଗୁଣ୍ଡିଚାବିହାର ସାହିବାସିନ୍ଦାଙ୍କ ସମେତ ଡାକ୍ତର ଜଗନ୍ନାଥ ମହାପାତ୍ର, ଅଶୋକ ମହାପାତ୍ର, ପ୍ରଫେସର ବିମଳ ପ୍ରସାଦ ମହାନ୍ତି, ଅଶୋକ ରଥ, କୃତିବାସ ଦାଶ, ପ୍ରଫୁଲ୍ଲ କୁମାର ମିଶ୍ର, ଚିତ୍ତରଞ୍ଜନ ପଟ୍ଟନାୟକ, ସନ୍ତୋଷ ଦାଶ, ଅକ୍ଷୟ ମିଶ୍ର, ମନୋରଞ୍ଜନ ଖଟୁଆ, ଯଶୋବନ୍ତ ପ୍ରତାପ ସିଂହ ସାମନ୍ତ, ଅସୀମ ଅଧିକାରୀ, ସୁରେନ୍ଦ୍ର ସାମନ୍ତରାୟ, ଯୋଗେନ୍ଦ୍ର ପ୍ରତାପ ସିଂହସାମନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ । କଲିକତାରୁ ଦେବବ୍ରତ ବାନାର୍ଜୀଙ୍କ ସହିତ ଏହି ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଅଶୋକ ମହାପାତ୍ର ପ୍ରକାଶ କରିଥିବା ବେଳେ ପୁରୀରେ ଜଳନିଷ୍କାସନର ସଫଳତା ପାଇଁ ଜିଲ୍ଲାପାଳ ତଥା ପୌର ପ୍ରଶାସନ ଆଗୁଆ ପଦକ୍ଷେପ ନେଇଥିବାରୁ ସମାଜସେବୀ ବଦ୍ରି ମିଶ୍ର ଏହାକୁ ସ୍ୱାଗତ କରିଥିଲେ ।



## ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ



**ଗୋପ,୨୮।୪/ଏନ୍ଏନ୍ଏସ୍:** ଗୋପ ବ୍ଲକ୍ ଅଧୀନ ଇଶାଣପୁର ପଞ୍ଚାୟତ ସ୍ଥିତ ମଧୁବନ ଗ୍ରାମର ଆଦର୍ଶ ଶିକ୍ଷକଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିବାବେଳେ ବ୍ରଜବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ହରିଶ୍ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ଶିକ୍ଷକ ନାରାୟଣ କର, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଅରବିନ୍ଦ ସାହୁ, ଶିକ୍ଷକ ଚିତରଞ୍ଜନ ପୃଷ୍ଟି, ବାଇଦେଇ କ୍ରିକେଟ କ୍ଲବ୍‌ର ଜୟନ୍ତ କୁମାର ସାହୁ, ୱାଇପିପିଏସ୍ ପବ୍ଲିକ୍ ସ୍କୁଲର ନିର୍ଦ୍ଦେଶକ ତ୍ରିଲୋଚନ ବେହେରା, ସଂସ୍କୃତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିବା ସହ ସେ ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଜଣାଶୁଣା ଥିବା ମତ ଦେଇଥିଲେ ।

ଏହି ଅବସରରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମେଧାବୀ ଛାତ୍ର ସୌମ୍ୟରଞ୍ଜନ ପାଳ, ଶୁଭମ୍ ବେହେରା, ତ୍ରିଷ୍ଣା ପାତ୍ରଙ୍କୁ ପ୍ରମାଣପତ୍ର ଟ୍ରଫି ସହ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶୁଭଲକ୍ଷ୍ମୀ ସାହୁ, ରାକେଶ କୁମାର ସାହୁ, ଫୋକେଶ କୁମାର ସାହୁ, ସୌଭାଗ୍ୟ ନଳିନୀ ସାହୁ ପ୍ରମୁଖ ସ୍ମୃତିଚାଣ କରିଥିଲେ । ବ୍ରଜବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ସଂପାଦକ କାହ୍ନୁଚରଣ ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ସାହୁ ଓ ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିଶୁକନ୍ୟାକୁ ଜନ୍ମଦେଇ ଆଖିବୁଜିଲେ ମାଆ

## ପାଳଗଦାରୁ ଶିଶୁ ଉଦ୍ଧାର

**ଦଶପଲ୍ଲା,୨୮।୪/ଏନ୍ଏନ୍ଏସ୍:** ଏକ ଶିଶୁକନ୍ୟାକୁ ଜନ୍ମଦେବା ପରେ ମାଆ ନିଜେ ଶିଶୁର ନାଭି କାଟି ଏକ ପାଳଗଦାରେ ଲୁଚାଇ ରଖିଥିବା ବେଳେ ଅଧିକ ରକ୍ତସ୍ରାବ ଯୋଗୁ ଚିକିତ୍ସାଧୀନ ଅବସ୍ଥାରେ ସଂପୃକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ତେବେ ଜନ୍ମିତ ଶିଶୁକନ୍ୟାକୁ ଦୀର୍ଘ ସମୟ ପରେ ଉଦ୍ଧାର କରିଛନ୍ତି ପରିବାର ଲୋକ । ଏଭଳି ଘଟଣା ଦେଖିବାକୁ ମିଳିଛି ଦଶପଲ୍ଲା ଥାନା ଖଣ୍ଡପଡ଼ା ଗ୍ରାମରେ । ସୂଚନାଯୋଗ୍ୟ ଯେ, ଖଣ୍ଡପଡ଼ା ଗ୍ରାମର ରାମଚନ୍ଦ୍ର ବରାଡ଼ ତାଙ୍କ ସ୍ତ୍ରୀ କାଳିଆ ବରାଡ଼ ଓ ଗୋଟିଏ ପୁଅ, ଗୋଟିଏ ଝିଅକୁ ନେଇ ଚଳି ଆସୁଥିବା ବେଳେ ପତ୍ନୀ କାଳିଆ ବରାଡ଼ ଗର୍ଭବତୀ ହୋଇଥିଲେ । ଏ ସମ୍ପର୍କରେ ସେ ନିଜ ସ୍ୱାମୀକୁ ଲୁଚାଇବା ସହ ପରିବାର ଲୋକଙ୍କୁ ମଧ ଲୁଚାଇ ରଖିଥିଲେ । କାଳିଆଙ୍କ ପେଟ ଫୁଲିବା ଦେଖି ଅଙ୍ଗନବାଡ଼ି କର୍ମୀ ଏବଂ ଆଶାକର୍ମୀ ପଚାରିଥିଲେ ମଧ ତାଙ୍କର ଗ୍ୟାସ୍ ଯୋଗୁ ପେଟ ଫୁଲୁଛି ବୋଲି କହିଥିଲେ । ମାତ୍ର ୨୭ ତାରିଖ ପାହାନ୍ତିଆ ସମୟରେ କାଳିଆ ପଡ଼ୋଶୀ ଘର ପାଳଗଦାରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ । ଏପରିକି ଶିଶୁକନ୍ୟାକୁ ଜନ୍ମଦେବା ପରେ ନିଜେ ନାଭି କାଟି ଶିଶୁ କନ୍ୟାକୁ ପାଳଘୋଡ଼ାଇ ନିଜେ ଘରକୁ ଚାଲିଆସିଥିଲେ । ମାତ୍ର ଜନ୍ମଜନିତ ଅଧିକ ରକ୍ତସ୍ରାବ ହେବାରୁ କାଳିଆଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ୨୭ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମାତ୍ର କାଳିଆର ମୃତ୍ୟୁ ପରେ ପରିବାର ଲୋକ ପଞ୍ଚନାମା କରି ୨୮ତାରିଖ ମଧ୍ୟାହ୍ନ ସମୟରେ ତିକିତାର୍ଣ୍ଣ ରୋଷେଇ ପାଇଁ ପାଳଗଦା ନିକଟକୁ ଯିବା ସମୟରେ ଜନ୍ମିତ ଶିଶୁକନ୍ୟାକୁ ପାଳରେ ଘୋଡ଼ାଇ ରଖାଯାଇଥିବା ଦେଖିବାକୁ ପାଇଥିଲେ । ପରେ ଶିଶୁକନ୍ୟାକୁ ଉଦ୍ଧାର କରାଯାଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଶିଶୁକନ୍ୟାର ଅବସ୍ଥା ଭଲ ନଥିବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଅପରପକ୍ଷେ ସଂପୃକ୍ତ ମହିଳା କାଳିଆ ବେହେରା ଫାମିଲୀ ପ୍ଲାନିଂ ଅପରେସନ ହୋଇ ବି କିପରି ଗର୍ଭଧାରଣ କଲେ ଏବଂ କାହିଁକି କାଳିଆ ନିଜ ସ୍ୱାମୀ କିମ୍ବା ଘର ଲୋକଙ୍କୁ ତାଙ୍କ ଗର୍ଭ ଲୁଚାଇ ରଖିଥିଲେ ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ପହଲଗାମ୍ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି

**ଖଣ୍ଡପଡ଼ା,୨୮।୪/ଏନ୍ଏନ୍ଏସ୍:** କାଶ୍ମୀର ଅଧୀନ ପହଲଗାମ୍ ପର୍ଯ୍ୟଟନସ୍ଥଳୀରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ ପର୍ଯ୍ୟଟକଙ୍କୁ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଖଳିସାହି ବଡପଡିଆ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ଓ ଖଳିସାହି ଯୁବକ ସଂଘର ସଦସ୍ୟମାନେ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହା ସମସ୍ତ ଭାରତୀୟମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ବୋଲି ମତ ଦେଇଥିଲେ । ଏହି ଅବସରରେ ମୃତ ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ପ୍ରଥମ ରାଜ୍ୟସ୍ତରୀୟ ଟି-ଟ୍ୱେଣ୍ଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ୍

**କୋଣାର୍କ,୨୮।୪/ଏନ୍ଏନ୍ଏସ୍:** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ ଟି ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭାରତ ଭୁଷଣ କ୍ରିକେଟ

**କୋଣାର୍କରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବ: କ୍ରୀଡ଼ା ମନ୍ତ୍ରୀ**

ଏକାଡ଼େମୀକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ୍ ହୋଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଚାମ୍ପିଅନ୍ ଦଳକୁ ୩୫ ହଜାର ଟଙ୍କା ଓ ଚମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ କୋଣାର୍କ ଭଳି ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ । ପ୍ରଥମେ ବ୍ୟାଟିଂକରି ଭୁବନେଶ୍ୱର ଭାରତ ଭୁଷଣ



କ୍ରିକେଟ ଏକାଡ଼େମୀ ନିର୍ଦ୍ଧାରିତ ୨୦ ଓଭର ମ୍ୟାଚରେ ୭ ୱିକେଟ ହରାଇ ୧୩୨ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସିଦ୍ଧାର୍ଥ ଜେନା ସର୍ବାଧିକ ୨୭ବଲରେ ୨୩ ରନ, ଶିଶିର ପଟ୍ଟନାୟକ ୨୩ ବଲ୍‌ରେ ୨୩ ରନ ସଂଗ୍ରହ କରିଥିଲେ । ରାମେଶ୍ୱର ପକ୍ଷରୁ ଆଶୁତୋଷ ନାୟକ ୪ ଓଭର ବୋଲିଂ କରି ୨୩ ରନ ଦେଇ ଦୁଇ ୱିକେଟ ଅକ୍ତିଆର କରିଥିଲେ । ଗୌତମ ଗୋପାଳ ଦୁଇ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ୧୮.୪ ଓଭରରେ ୫ ୱିକେଟ ହରାଇ ୧୩୮ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ରାମେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଗୌତମ ଗୋପାଳ ୩୫ବଲ ଖେଳି ଅପରାଜିତ ୫୨ରନ ସଂଗ୍ରହ କରିଥିଲେ । ବିବିସିଏ କ୍ଲବ ର ଆଶିଷ ଭୂୟାଁ ଓ ଚିରାଗ ସୋନି ଉଭୟ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ରାମେଶ୍ୱର ସ୍ପୋର୍ଟିଂର ଗୌତମ ଗୋପାଳ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ । ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଅଲମ୍ପିକ୍ସ ଆସୋସିଏସନ୍ କୋଷାଧ୍ୟକ୍ଷ ରବି ପ୍ରତିହାରୀ, କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର, ଆର୍‌ଡି ମହିଳା ମହାବିଦ୍ୟାଳୟ ପ୍ରଫେସର ସୁଚିସ୍ମିତା ସରଦାର ଯୋଗଦେଇଥିଲେ । ରନର୍ସଅପ୍ ଦଳକୁ ୨୫ହଜାର ଟଙ୍କା ଓ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା । ଓସିଏ ପ୍ୟାନେଲ ଅମ୍ପେୟାର ଅୟସକାନ୍ତ ମିଶ୍ର, ସତ୍ୟବ୍ରତ ମହାପାତ୍ର, ଦେବେନ୍ଦ୍ରନାଥ ମିଶ୍ର ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ୍‌ରେ ଧୀରେନ୍ ଚାନ୍ଦ ପିଚ୍ କ୍ୟୁରେଟର, ରାଜେନ୍ଦ୍ର ଦଲାଇ ଓ ପ୍ରମୋଦ ସିହ୍ନା ସ୍କୋର ବୋର୍ଡ ପରିଚାଳନା କରିଥିଲେ । ଉଦ୍‌ଘୋଷକ ଭାବେ ପ୍ରଶାନ୍ତ ପାତ୍ର, ଅଧ୍ୟାପକ ଦେବାଶିଷ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ । କୋଣାର୍କ ସ୍ପୋର୍ଟସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ, ସମ୍ପାଦକ ରମାକାନ୍ତ ଖଟୋଇ, କୋଷାଧ୍ୟକ୍ଷ ଶିଶିର ସେଠ, ଉପସଭାପତି ରଶ୍ମିରଞ୍ଜନ ବିଶ୍ୱାଳ, ପିଙ୍କନ୍ ଜେନା, ଟୁର୍ଣ୍ଣାମେଣ୍ଟର ସଂଯୋଜକ ସୁଜିତ୍ ରାଉତରାୟ, ବରିଷ୍ଠ ସଭ୍ୟ ସଂଗ୍ରାମ କେଶରୀ ସାହୁ, ବିଶ୍ୱଜିତ୍ ରାଉତରାୟ, ରମେଶ ସ୍ୱାଇଁ, ପ୍ରସନ୍ନ ମହାନ୍ତି, ମନୋଜ ନାୟକ, ମଙ୍ଗୁଲି ମୁଦୁଲି ପ୍ରଦୀପ ସିହ୍ନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ୨୦ ଛେଳି ଚୋରାଇ ନେଇଗଲେ ଦୁର୍ବୃତ୍ତ

**ଓଡ଼ଗାଁ,୨୮।୪/ଏନ୍ଏନ୍ଏସ୍:** ଚୋରମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ଚୋରି କରିବାରେ ସଫଳ ହେଉଛନ୍ତି । ରାତିରେ ଘରେ ଶୋଇଥିବା ବେଳେ ବାହାରୁ ଘୋଡ଼ିଆ ଦେଇ ଅତି ଚତୁରତାର ସହ ଚୋରିକରି ନେଉଛନ୍ତି । ଓଡ଼ଗାଁ ଆଦର୍ଶ ଥାନା ରଙ୍ଗଣୀପାଟଣା ପଞ୍ଚାୟତ ଗୋଡ଼ିପଲ୍ଲି ଗ୍ରାମରୁ ବିଳମ୍ବିତ ରାତିରେ ୨୦ଟି ଛେଳି ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଗୋଡ଼ିପଲ୍ଲି ଗ୍ରାମର କ୍ଷେତ୍ରବାସୀ ବେହେରାଙ୍କ ପୁଅ ବସନ୍ତ କୁମାର ବେହେରା ରାତିରେ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘର ଗ୍ରିଲର ଗେଡାଦେଇ ଘର ସାମ୍ନାରେ ଥିବା ଗୁହାଳ ଘରୁ ୨୦ଟି ଛେଳିକୁ ଚୋରିକରି ନେଇଛନ୍ତି । ଦୁର୍ବୃତ୍ତମାନେ ଏକ ପିକଅପ୍ ଗାଡ଼ିରେ ଏହି ଛେଳି ମାନଙ୍କୁ ଉଠାଇ ନେଇଥିବା ବସନ୍ତ ଥାନାରେ ଅଭିଯୋଗ କରିଛନ୍ତି । ନିର୍ଜନ ରାତିରେ ଗାଡ଼ିର ଦୁଲଦାଲ ଶବ୍ଦଶୁଣି ବସନ୍ତ ବାହାରକୁ ଆସିଲା ବେଳକୁ ଗାଡ଼ି ସହିତ ଛେଳିଗୁଡ଼ିକ କୁଆଡ଼େ ଉଭାନ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ବସନ୍ତ ଆଜି ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସିସିଟିଭିଗୁଡ଼ିକୁ ଯାଞ୍ଚ କରିଥିବା ଜଣାପଡ଼ିଛି । ତେବେ ଗାଁ ଗାଁରେ ବୁଲୁଥିବା ବୁଲାବିକାଳି ଏଭଳି କରିଥାଇ ପାରନ୍ତି ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି ।

## ମା' ତାରିଣୀ ମନ୍ଦିରରେ ଦ୍ୱାଦଶତମ ବାର୍ଷିକୋତ୍ସବ

**କଣ୍ଟିଲୋ,୨୮।୪/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋ ଚନ୍ଦନପାଟଣା ସାହି ନୀଳମାଧବ ନୋଡାଲ ବିଦ୍ୟାପୀଠ ନିକଟସ୍ଥ ମା'ତାରିଣୀ ମନ୍ଦିରରେ ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ମହିମା ଆଶ୍ରମ ଟୁଙ୍ଗି ସାମ୍ନା ମହାନଦୀ ଘାଟରୁ ଶୁଦ୍ଧ ପାଣି ଧରି ଶତାଧିକ ପୁରୁଷ ଓ ମହିଳାମାନେ କଳସ ଯାତ୍ରାରେ ସାହି ସାହି ବୁଲି ମାଆଙ୍କ ପୀଠରେ କଳସ ସ୍ଥାପନା କରିଥିଲେ । ଖୁବ୍ ଆଡମ୍ବରପୂର୍ଣ୍ଣ ଓ ଜାକଜମକ ଭାବେ ପାଳନ ହେଉଥିବା ଏହି ବାର୍ଷିକ ଉତ୍ସବର ମୁଖ୍ୟକର୍ତ୍ତା ଭାବେ ଶତ୍ରିକ ରମାକାନ୍ତ ସାହୁ ଓ ଜ୍ୟୋସ୍ନାରାଣୀ ସାହୁ ପ୍ରତ୍ୟେକ କାର୍ଯ୍ୟ ତୁଲାଉଥିବା ବେଳେ ପୁରୋହିତ ଭାବେ ବସନ୍ତ ମିଶ୍ର ଓ ଲୁନା ମିଶ୍ର ନିତିକନ୍ତି ଓ ପୂଜା ବିଧି ସମ୍ପନ୍ନ କରୁଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ସହ ପ୍ରସାଦସେବନ ହେବ ବୋଲି ମନ୍ଦିର ପ୍ରତିଷ୍ଠାତା ଅବସରପ୍ରାପ୍ତ କୃଷି ବିଭାଗ ଅଧିକାରୀ ଧ୍ରୁବ ଚରଣ ସାହୁ ଓ ତାଙ୍କ ଧର୍ମ ପତ୍ନୀ ତଥା ତାଙ୍କ ସାନପୁଅ ଶ୍ରଦ୍ଧାକାନ୍ତ ସୂଚନା ଦେଇଛନ୍ତି ।



ନିତିଦିନ NITIDIN

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୨୮।୪/ଏନ୍ଏନ୍ଏସ୍:** ପରିବାର ପ୍ରତିପୋଷଣ ପାଇଁ ହଂସପାଳ ଠାରେ ଆଇସ୍କ୍ରିମ ବେପାର କରୁଥିବା ମନୋଜ କୁମାର ପ୍ରଧାନଙ୍କର ଏକ ଅଜଣା ଗାଡ଼ି ଧକ୍କାରେ ସୋମବାର ସକାଳେ ମୃତ୍ୟୁ ହୋଇଥିବା ଜଣାଯାଇଛି। କଟକ ଜିଲ୍ଲାର ପାହାଳ ଥାନା ଅଧୀନରେ ଏହି ଦୁର୍ଘଟଣାଟି ଘଟିଥିବା ବେଳେ ପୁଲିସ ଶବ ଜବତ କରି ଭୁବନେଶ୍ୱର କ୍ୟାପିଟାଲ ହସପିଟାଲରେ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଦୁର୍ଘଟଣାରେ ମୃତ ମନୋଜଙ୍କ ଘର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ଭାପୁର ବ୍ଲକ ଅଧୀନ ବେତଖୋଲି ଗ୍ରାମରେ ବୋଲି ଜଣାପଡ଼ିଛି। ଏହି ଦୁଃଖଦ ଘଟଣାକୁ ନେଇ ଗ୍ରାମରେ ଶୋକ ପ୍ରକାଶ ପାଇଛି।



## କୁରାଳରେ ସ୍ୱାଭିମାନ ଦିବସ




**ଓଡ଼ଗାଁ,୨୮।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କୁରାଳ ଅରୋମୀରା ଟ୍ରଷ୍ଟ ପରିଚାଳିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଆମ ଓଡ଼ିଶା ସଂଯୋଜକ ସୁନୀଲ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ କୁରାଳ ଓ ଆଖପାଖ ଅଞ୍ଚଳର ମଧୁ ପ୍ରେମୀମାନେ ଯୋଗଦେଇଥିଲେ। ପ୍ରଥମେ ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ସଭାକାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସାମ୍ବାଦିକ ଗଣେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରଘୁନାଥ ସମବାୟ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଧିବାସ ପଣ୍ଡା ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟବିନ୍ଧାଣି ଓ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ଏକାଧାରରେ ସେଥିଲେ ଜଣେ ନିର୍ଭିକ ସାମ୍ବାଦିକ, ଓକିଲ, ଲେଖକ, ବିଧାନ ପରିଷଦ ସଦସ୍ୟ, ରାଜନେତା ଓ ସାମାଜ ସଂସ୍କାରକ। ତାଙ୍କର ଏହି ଅବଦାନ ସବୁବେଳେ ଚିର ସ୍ମରଣୀୟ ହୋଇ ରହିବବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ତଥା ପରିବେଶବିତ୍ ସୁକାନ୍ତ କୁମାର ଚୌଧୁରୀ ମଧୁସୂଦନ ଦାସ ଯେପରି କର୍ତବ୍ୟନିଷ୍ଠ ଥିଲେ ସେହିପରି ଯୁବଗୋଷ୍ଠୀ ସମାଜପାଇଁ କାମକରନ୍ତୁ ଏବଂ ମଧୁସୂଦନଙ୍କ ଭଳି ସ୍ୱାଭିମାନ ହୁଅନ୍ତୁ ବୋଲି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଦଧିବାମନ ସଂସ୍କୃତ ମହାବିଦ୍ୟାଳୟର ଅଧାପିକା ସୁଷମା ମଞ୍ଜରୀ ପାଣିଗ୍ରାହୀ ମଧୁସୂଦନ ଦାସ ଜଣେସାହାସୀ ବ୍ୟକ୍ତିବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟା ଝିଲ୍ଲି ପ୍ରଧାନ, ସମିତିସଭ୍ୟା କନକ ପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଅଧ୍ୟକ୍ଷ ରାମେଶ୍ୱର ପଣ୍ଡା, ରାମକୃଷ୍ଣ ଦାସ, ଯୋଗଗୁରୁ ବୈକୁଣ୍ଠନାଥ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ପାଲ ଓ ମଧୁ ପ୍ରେମୀମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଲୋକସଂସ୍କୃତି ମହୋତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ,୨୮।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର ଲୋକକଳାଗ୍ରାମ ସାରଙ୍ଗଯୋଡି ଦୋଳ ମେଳଣ ଅବସରରେ ସଂକୀର୍ତ୍ତନ ଓ ଲୋକସଂସ୍କୃତି ମହୋତ୍ସବ ପାରମ୍ପରିକ ରୀତିରେ ଉଦ୍‌ଯାପିତ ହୋଇଯାଇଛି। ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ମେଳଣ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ଓଡିଶୀ ନାମ ସଂକୀର୍ତ୍ତନ ସହ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରାଯାଇଥିଲା। ସାରଙ୍ଗଯୋଡି ଦେଶକୋଠ କର୍ମକର୍ତ୍ତା କେଦାରନାଥ ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, କୃଷ୍ଣଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ସନାତନ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉଭୟ ଆୟୋଜକ ଅନୁଷ୍ଠାନର ସଂପାଦକ ରମେଶ ଚନ୍ଦ୍ର ପଲେଇ ଓ କୈଳାସ ଚନ୍ଦ୍ର ବିଶ୍ୱାଳ ଉତ୍ସବ ସଂଯୋଜନା କରିଥିଲେ। ମଧୁବନ ଶାନ୍ତି ଆନନ୍ଦ ଆଶ୍ରମ ଅଧିଷ୍ଠାତା ବାବା କୃଷ୍ଣଚନ୍ଦ୍ର ଦୀକ୍ଷିତ, ଦେବଦତ୍ତ ପ୍ରଧାନ, ହେମେନ୍ଦ୍ର ନାଥ ପଟ୍ଟନାୟକ, ଗାୟକ ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ପ୍ରତାପ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସମୀର ପଲେଇ, ରବୀନ୍ଦ୍ର ସାହୁ ଓ ସୁଦର୍ଶନ ପରିଡ଼ା ପ୍ରମୁଖଙ୍କ ସହଯୋଗରେ ସୁରୁଖୁରୁରେ କାର୍ଯ୍ୟକ୍ରମ ସମାହିତ ହୋଇଥିଲା। ଡଃ ଦେବୀପ୍ରସାଦ ମହାପାତ୍ର ଦୋଳ ମେଳଣ ସମ୍ପର୍କରେ ଉପସ୍ଥିତ ଦର୍ଶକମାନଙ୍କୁ ବୁଝାଇଥିଲେ। ଦେଶକୋଠ ତରଫରୁ ଯାତ୍ରା ଶ୍ରୀ ଜଗନ୍ନାଥ ଅପେରା ନାଟକ ମଞ୍ଚସ୍ଥ କରିଥିଲା। ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟା ଠାରୁ ଏହି ମେଳଣ ପଡ଼ିଆ ପାଲା ମଣ୍ଡପରେ ଗାୟକ ତତ୍ତ୍ୱ ବିଭୂଷଣ ସୁବଳ ଚରଣ ମହାପାତ୍ର ଓ ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳଙ୍କ ମଧ୍ୟରେ ୫ଦିନ ବାଦୀପାଲା ଆୟୋଜିତ ହେବ।

## ଆପୋଲୋ ଫାର୍ମାସୀ କର୍ମଚାରୀ ପୁରସ୍କୃତ



**କଣ୍ଟିଲୋ,୨୮।୪/ଏନ୍ଏନ୍ଏସ୍:** ଆପୋଲୋ ଫାର୍ମାସି ଲିମିଟେଡ୍ ଅଧୀନରେ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଚ୍ଚୋଟ ଭାବେ କାର୍ଯ୍ୟ କରିଥିବା କଣ୍ଟିଲୋ ଅଞ୍ଚଳର ବାବୁଲା ବାରିକଙ୍କୁ ପୁରସ୍କୃତ କରାଯାଇଛି। ଆପୋଲୋ ଫାର୍ମାସି ଲିମିଟେଡ୍‌ର ମୁଖ୍ୟ ବିଗତ ଦୁଇବର୍ଷ ହେଲା ଓଡ଼ିଶା ଶାଖା ଭୁବନେଶ୍ୱରରେ ପାଞ୍ଚ ବର୍ଷିଆ, ଦଶ ବର୍ଷିଆ ଓ ପନ୍ଦର ବର୍ଷିଆ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ଶୃଙ୍ଖଳିତ, ନିଷ୍ଠାପର, ସାଧୁତା, ସଚ୍ଚୋଟତା, ନିର୍ଭୀକ ଭାବେ କାର୍ଯ୍ୟ କରୁଥିବା ଯୋଗୁ ବାବୁଲାଙ୍କୁ ଆପୋଲୋ ଫାର୍ମାସୀର ଏ. ଆନନ୍ଦ କୁମାର, ସିନିୟର୍ ମାର୍କେଟିଂ ମ୍ୟାନେଜର ବିଭୂତି ଭୂଷଣ ଦାଶ, ପ୍ରୋଜେକ୍ଟ ମ୍ୟାନେଜର ପ୍ରସନ୍ନଜିତ୍ ମହାପାତ୍ର ଓ ଏଚ୍ଆର୍ ମ୍ୟାନେଜର ଜପ କୁମାର ଓଝା ଗତ ଶୁକ୍ରବାର ଏହି ପୁରସ୍କାର ପ୍ରଦାନ କରିଥିବା ଜଣାପଡ଼ିଛି। ଖବର ଶୁଣି ପରିବାରବର୍ଗଙ୍କ ସହିତ ନିଜ ଗ୍ରାମ କଣ୍ଟିଲୋର ସାଙ୍ଗସାଥି ଓ ବନ୍ଧୁ ପରିବାରବର୍ଗ ଖୁସି ହେବା ସହିତ ପ୍ରଶଂସା କରିଛନ୍ତି।

## ଇସ୍କନ୍ ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୨୮।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଇସ୍କନ ମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆଖପାଖ ଗାଁକୁ ଗାଁ ପରିକ୍ରମା ସହ ନଗରକୀର୍ତ୍ତନ କରାଯାଇଥିଲା। ଉତ୍ସବରେ ପରମପୂଜ୍ୟ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜଜୀ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅବସ୍ଥିତ ଇସ୍କନ ମନ୍ଦିରରୁ ସାଧୁ ବୈଷ୍ଣବ ଏବଂ ବରିଷ୍ଠ ଭକ୍ତମାନେ ଯୋଗଦେଇଥିଲେ। ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପୌରାଞ୍ଚଳର ସମସ୍ତ ୱାର୍ଡରେ ଅବ୍ୟବସ୍ଥା ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

# ମୁକୁଳା ଡ୍ରେନ୍‌ରେ ପଡ଼ି ଗୃହପାଳିତ ପଶୁ ଆହତ

**ଜଟଣୀ,୨୮।୪/ଏନ୍ଏନ୍ଏସ୍:** ଜଟଣୀ ପୌର ପ୍ରଶାସନର ପରିମଳ ତଥା ଡ୍ରେନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ। ପୌରାଞ୍ଚଳର ସମସ୍ତ ୱାର୍ଡରେ ଥିବା ଡ୍ରେନ୍‌ଗୁଡିକର ଅବସ୍ଥା ନ କହିଲେ ଭଲ। ଅନେକ ୱାର୍ଡରେ ଅଧିକାଂଶ ଡ୍ରେନ୍‌ଗୁଡିକରେ ସ୍ଲାବ୍ ନ ପଡିବା ହେତୁ ମୁକୁଳା ଅବସ୍ଥାରେ ଥିବାରୁ ଅନେକ ଗୋରୁଗାଇ ଡ୍ରେନରେ ପଡ଼ି ଆହତ ହେଉଛନ୍ତି। ଆଜି ପ୍ରତ୍ୟୁଷରୁ ୧୧ନଂ ୱାର୍ଡ ଅନ୍ତର୍ଗତ ମୋ ଜଟଣୀ ନିକଟରେ ଥିବା ଏକ ମୁକୁଳା ଡ୍ରେନରେ ଏକ ବୃଷ ମହାଦେବ ପଡ଼ି ଗୁରୁତରେ ହେବାରୁ ସ୍ଥାନୀୟ ଅଧିବାସୀ ସଙ୍ଗେ ସଙ୍ଗେ ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘର ସଭାପତିଙ୍କୁ ଖବର ଦେବାରେ ସହୃଦୟ ବ୍ୟକ୍ତି ଅଗ୍ନି ନିର୍ବାପକ କାର୍ଯ୍ୟାଳୟକୁ ଫୋନ କରିଥିଲେ। ଅଗ୍ନି ନିର୍ବାପକ କର୍ମୀମାନେ ସଙ୍ଗେ ସଙ୍ଗେ ଡ୍ରେନ୍ ମଧ୍ୟରୁ ବୃଷଭକୁ ଉଦ୍ଧାର କରିଥିଲେ।

ଉଦ୍ଧାର କାର୍ଯ୍ୟ ପରେ କିଛି ସ୍ୱେଚ୍ଛାସେବୀ ମିଳିତ ସହଯୋଗରେ ବୃଷଭର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ସେହିପରି ୱାର୍ଡ ନଂ ୮ରେ ନିର୍ମାଣ ହୋଇଥିବା ନର୍ଦ୍ଦମା ଜଳ ସଂରକ୍ଷଣ ସହ ଡ୍ରେନ୍‌ଗୁଡିକର ଅବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥା ଫଳରେ ମଇଳା ପାଣି ରାସ୍ତାରେ ପ୍ରବାହିତ ହେଉଛି। ଅଧିକାଂଶ ଡ୍ରେନ ମୁକୁଳା ହୋଇପଡିଛି। ୱାର୍ଡ ନଂ ୬ ଏବଂ ୭ ଅନ୍ତର୍ଗତ ବାଳିକା ମହାବିଦ୍ୟାଳୟଠାରୁ ରେତଙ୍ଗ କଲୋନୀ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟ ହେଉଥିବା ଡ୍ରେନ୍‌ଟି ସମ୍ପୂର୍ଣ୍ଣ ଅଷ୍ଟବକ୍ର ରୂପେ ନିର୍ମାଣ ଧୀନ। କାରଣ ଏଠାରେ ବେଆଇନ ଉଚ୍ଛେଦ ପ୍ରକ୍ରିୟା ନ କରି ଡ୍ରେନ ନିର୍ମାଣ ଚାଲିଛି। ଡ୍ରେନ୍‌ଗୁଡିକର ନିର୍ମାଣ ପରେ ଏହା ଉପରେ ସ୍ଲାବ୍ ନ ପକାଇବା ଦ୍ୱାରା ମୁକୁଳା ଡ୍ରେନ୍‌ରେ ଅନେକଥର ନିରୀହ ଗାଈଗୋରୁ ପଡ଼ି କ୍ଷତବିକ୍ଷତ ହେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। କେଉଁ ଡ୍ରେନ୍ ମଧ୍ୟରେ ଇଲେକ୍ଟ୍ରି ଖୁଣ୍ଟ ତ କେଉଁଠି ଡ୍ରେନ୍ ଉପରେ ଦୋକାନ ଗୃହ ଏବଂ ଅନେକ ପୁରାତନ ଡ୍ରେନର ପୁନଃ ଉଦ୍ଧାର ହୋଇପାରୁନାହିଁ। ଯାହାଫଳରେ ସାମାନ୍ୟ ଅଦିନିଆ ବର୍ଷା ହେଲେ ଡ୍ରେନ୍‌ରେ ଅଳିଆ ଆବର୍ଜନା ଜାମ୍ ହେବା ଫଳରେ ଡ୍ରେନ୍‌ର ପଚା ପାଣି ରାସ୍ତା ଉପରେ ପ୍ରବାହିତ ହେବା ଫଳରେ ସାଧାରଣ ଲୋକ ଏବଂ ଗାଡି ମଟର ଯିବାରେ ଅନେକ ଅସୁବିଧା ଭୋଗୁଥିବା ଦେଖାଯାଇଛି। ବୁଦ୍ଧିଜୀବୀଙ୍କ ମତରେ ସ୍ଥାନୀୟ ପୌରାଞ୍ଚଳର ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତ୍ୟକ ୱାର୍ଡ ବୁଲି ପରିମଳ ବ୍ୟବସ୍ଥା ଏବଂ ଡ୍ରେନ୍ ସମସ୍ୟା ସମାଧାନ କରିବାକୁ ଦାବି ଜଣାଇଛନ୍ତି।



## ସାହିତ୍ୟ ସଂସଦ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

**ଚୌଦ୍ୱାର,୨୮।୪/ଏନ୍ଏନ୍ଏସ୍:** ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ଅଞ୍ଚଳର ବହୁ ବୁଦ୍ଧିଜୀବୀ, ରାଜନେତା, ସାହିତ୍ୟିକ, ସାମାଜିକ କର୍ମୀମାନେ ଗାନ୍ଧିଛକ ସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ଅର୍ଥନୀତି, ସାମାଜିକ ଅବସ୍ଥା ସଙ୍କଟରେ ଥିବା ବେଳେ ଉତ୍କଳ ଗୌରବ ମଧୁସୂଦନ ଦାସ ସଙ୍କଟ ମୋଚକର ଭୂମିକା ନିଭାଇ ଥିଲେ ଏବଂ ସୁପ୍ତ ଓଡ଼ିଆ ଜାତିକୁ ଜାଗ୍ରତ କରାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ସାଜିଥିଲେ ବୋଲି ମତପ୍ରକାଶ ପାଇଛି। ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ଦାମୋଦର ସାହୁ, ପୌର ଉପାଧକ୍ଷ ଶୁଭେନ୍ଦୁ କୁମାର ସାମଲ, ରୋଟାରିଆନ୍ ଶରତ କୁମାର ଖୁଣ୍ଟିଆ, ମାନସ ରଂଜନ ସାମଲ, ଶ୍ରୀନିବାସ ବେହେରା, ବୈଷ୍ଣବ ଚରଣ ପ୍ରଧାନ, କେ.ସି. ପ୍ରତାପସିଂହ, ଶରତ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ପୃଷ୍ଟି, ଭାଗିରଥୀ ମିଶ୍ର, ନିକୁଞ୍ଜ ପଣ୍ଡା, ଅକ୍ଷୟ ମିଶ୍ର, ବିଜୟ କୁମାର ବଳ, ମନ୍ମଥ କୁମାର ସାହୁ, ପ୍ରତାପ ଜେନା, ଶିବପ୍ରସାଦ ପତି, ବାଣୀଭୂଷଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଂଗଠନ ସମ୍ପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ ଓ ପବିତ୍ର ମୋହନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦିକା ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ସୌର ପ୍ରକଳ୍ପ ଦ୍ୱାରା ପରିଚାଳିତ ହେଲା ପୂର୍ତ୍ତବିଭାଗ କାର୍ଯ୍ୟାଳୟ

**ଖଣ୍ଡପଡ଼ା,୨୮।୪/ଏନ୍ଏନ୍ଏସ୍:** ବିଦ୍ୟୁତ ଶକ୍ତିର ବିକଳ୍ପ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ଉପରେ କେନ୍ଦ୍ର ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଥିବା ବେଳେ ଏବେ ସୌରଶକ୍ତି ପ୍ରକଳ୍ପ ଦ୍ୱାରା ଖଣ୍ଡପଡ଼ା ସହରର ବିଭିନ୍ନ ଅନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟଗୁଡିକ ପରିଚାଳିତ ହେଉଥିବା ଜଣାପଡ଼ିଛି। ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ପୂର୍ତ୍ତବିଭାଗ ପରିଦର୍ଶନ ବଙ୍ଗଳା ଏବେ ସୌରଶକ୍ତି ପ୍ରକଳ୍ପ ଦ୍ୱାରା ପରିଚାଳିତ ହେଉଥିବା ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ ସୂଚନା ଦେଇଛନ୍ତି। ସୌରଶକ୍ତି ପ୍ରକଳ୍ପ ଦ୍ୱାରା ସରକାରୀ କାର୍ଯ୍ୟାଳୟଗୁଡିକ ପରିଚାଳିତ ହେବା ଦ୍ୱାରା ବିଦ୍ୟୁତ ଶକ୍ତିର ବ୍ୟବହାର ଅପେକ୍ଷାକୃତ କମ ହେବ ବୋଲି ଜଣାପଡ଼ିଛି। ପର୍ଯ୍ୟାୟକ୍ରମେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କଣ୍ଟିଲୋ ଓ ଭାପୁର ବଙ୍ଗଳାରେ ମଧ୍ୟ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଜିଲ୍ଲା ଚେସ୍ ଆସୋସିଏସନ୍‌ର କର୍ମକର୍ତ୍ତା ନିର୍ବାଚିତ




**ନୟାଗଡ଼,୨୮।୪/ଏନ୍ଏନ୍ଏସ୍:** ରାଜ୍ୟ ଚେସ୍ ଆସୋସିଏସନ୍‌ର ଅନୁମୋଦନକ୍ରମେ ନୟାଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ ନୟାଗଡ଼ କେସି କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ରୂପେ ଭାଗିରଥି ଦାସ ଏବଂ ସାଧାରଣ ସମ୍ପାଦକ ଭାବେ ଲକ୍ଷ୍ମୀଧର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ବାଲାରସେନ ପାତ୍ର, ସହ ସମ୍ପାଦକ ଉମାକାନ୍ତ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବେ ତାରୁନ ଖାଁ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିକୁ ଅଜିତ କୁମାର ମିଶ୍ର, ସଂଗ୍ରାମ କେଶରୀ ଗୁମାନସିଂ, ପ୍ରକାଶ ମହାପାତ୍ର, ସଞ୍ଜୟ କୁମାର ସ୍ୱାଇଁ, ଭିକାରୀ ଚରଣ ଦାସ, ଧିରେନ କୁମାର ପ୍ରଧାନ ଏବଂ ଶିଶିର କୁମାର ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଅନ୍ୟ ପକ୍ଷରେ ଉପଦେଷ୍ଟା ଭାବେ ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ତ୍ରିପାଠୀ ଏବଂ ରିତେଶ କୁମାର ରଥ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଜିଲ୍ଲା ଚେସ ଆସୋସିଏସନ ସାଧାରଣ ପରିଷଦ ବୈଠକରେ ଅନୁଷ୍ଠିତ ଏହି ନିର୍ବାଚନ ପ୍ରକ୍ରିୟାରେ ରିଟର୍ଣ୍ଣିଂ ଅଫିସର ଭାବେ ସଂଗ୍ରାମ ଗୁମାନସିଂ ଯୋଗଦାନ କରି ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ସଂଗଠନ ଗଠନ କରାଯାଇ ଚେସ୍ ଖେଳକୁ ଲୋକାଭିମୁଖୀ କରିବା ପାଇଁ ନୂତନ କର୍ମକର୍ତ୍ତା ମାନେ ଘୋଷଣା କରିବା ସହିତ ଆଗାମୀ ଦିନରେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଜିଲ୍ଲାସ୍ତରୀୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଏବଂ ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

## ମଧୁମାଟି ବିକାଶ ପରିଷଦ ପକ୍ଷରୁ ଲୋଗୋ ଉନ୍ମୋଚନ



**ଟାଙ୍ଗୀ,୨୮।୪/ଏନ୍ଏନ୍ଏସ୍:** ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀର ମଧୁମାଟି ବିକାଶ ପରିଷଦ ପକ୍ଷରୁ ଲୋଗୋ ଉନ୍ମୋଚିତ ହୋଇଯାଇଛି। ମଧୁମାଟି ବିକାଶ ପରିଷଦର ଅଧ୍ୟକ୍ଷ ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀର ଶତାଧିକ କର୍ମୀ ଜଗତପୁରଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା କରି ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ପୀଠରେ ପହଞ୍ଚିଥିଲେ। ପରେ ସେଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ମଧୁବାବୁ ଆମ ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ପରେ ମଧୁମାଟି ବିକାଶ ପରିଷଦ ପକ୍ଷରୁ ଏକ ଲୋଗୋ ଉନ୍ମୋଚନ କରାଯାଇଥିଲା। ଯେଉଁଥିରେ ମଧୁବାବୁଙ୍କ ଫଟୋଚିତ୍ର ରହିବା ସହ ମଧୁବାବୁଙ୍କ ନାମରେ ନିମିତ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜୀବ ଷଡ଼ଙ୍ଗୀ, ମନୋଜ ବିଶ୍ୱାଳ, ଆକାଶ ପାତ୍ର, ଅଶ୍ୱିନୀ ଷଡ଼ଙ୍ଗୀ, ସମରେନ୍ଦ୍ର ଷଡ଼ଙ୍ଗୀ, ଅଜୟ ସ୍ୱାଇଁ, ରାଜୀବ ଦ୍ୱିବେଦୀ, କାର୍ତ୍ତିକ ବେହେରା, ମଳୟ ରଞ୍ଜନ ଦାସ, ମାନସ କରଣ, କିଶୋର ସାହୁ, ରିତେଶ ଦାସ, ସୁକାନ୍ତ ବେହେରା, ପୁଷ୍ପଲତା ଦତ୍ତ, ତୁଳସୀରାଣୀ ଦାସ, ଅନନ୍ତ ପାତ୍ର, କମଲେଶ ସାହୁ, ବେଣୁଧର ଦାସ, ତାପସ ବେହେରା, ଶାନ୍ତନୁ ମହାନ୍ତି, ବିଜୟ ହାତୀ, କଳିଙ୍ଗ ରଞ୍ଜନ ମହାନ୍ତି, ଜିଷାନ ଖାନ, ତାହୁର ଖାନ୍, ଏସ୍. କେ. ସଲୁଦିନ, ଫିରୋଜ ଖାନ୍, ଗଣେଶ୍ୱର ନାଏକ, ମନୋରଞ୍ଜନ ଛାଟୋଇ, ଅମିତ ସୀଙ୍କୁ, ବଂଶୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ଗୌରବଙ୍କ ୧୭୭ତମ ଜୟନ୍ତୀ

**ପୁରୀ,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ୧୭୭ତମ ଜନ୍ମଜୟନ୍ତୀ ସମର୍ପଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରୀ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମ୍ମୁଖ ମଧୁସୁଦନ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ସ୍ତମ୍ଭକାର, ସାହିତିକ ତଥା ସମାଜ ସେବୀ ବଦ୍ରି ମିଶ୍ର ଯୋଗଦେଇଥିଲେ। ଉକ୍ତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ବ୍ରଜକିଶୋର ସାହୁ ଅଧ୍ୟକ୍ଷତା କରିଥଲେ। ସଦସ୍ୟ ଅରୁଣ ମହାନ୍ତି, ପ୍ରବୀର ମହାନ୍ତି, ସଞ୍ଜୀବ ସିହ୍ନା, ପ୍ରମୋଦିନୀ ସିହ୍ନା, ନମିତା ଦାସ, ବନିତା ଦୀକ୍ଷିତ ଓ ଦେବରାଜ ଦାସ ପରିଚାଳନା କରିଥିଲେ।

## କେନାଲ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୨୮।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳ ପଞ୍ଚାୟତ ଭୋବନଠାରେ ୧କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୮(ସି) କେନାଲର ୧୨୦୦ ମିଟର ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟର ସମୀକ୍ଷା କରିଛନ୍ତି ମାହାଙ୍ଗା ଯୁବ ବିଧାୟକ ଶାରଦା ପ୍ରସାଦ ପ୍ରଧାନ। ଉକ୍ତ କେନାଲର ଲାଇନିଂ କାର୍ଯ୍ୟ କିଭଳି ହେଉଛି ସଠିକ୍ ଭାଗମାପରେ ଢଳେଇ ପଡୁଛି କି ନାହିଁ ତଦାରଖ କରିଛନ୍ତି। କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟ ନେଇ ଚାଷୀଙ୍କ ହିତ ଦୃଷ୍ଟିରୁ ବିଧାୟକ ଶ୍ରୀ ପ୍ରଧାନ ଏହି କାର୍ଯ୍ୟର ସମୀକ୍ଷା କରିଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିଧାୟକଙ୍କୁ ଭୂୟଶୀ ପ୍ରଶଂସା କରିଛନ୍ତି। ଏହି ସମୀକ୍ଷା ସମୟରେ ବିଧାୟକ ଶ୍ରୀ ପ୍ରଧାନଙ୍କ ସମେତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ବୁହାଳ ପଞ୍ଚାୟତ ସମିତିସଭ୍ୟ ଭବାନୀ ଶଙ୍କର ବେହେରା, ବିଧାୟକଙ୍କ ଦୃଢ ସମର୍ଥକ ତଥା ବୁହାଳ ପଞ୍ଚାୟତର ଯୁବ ସଂଗଠକ କୈଳାସ ଚନ୍ଦ୍ର ବେହେରା, କ୍ଷୀରୋଦ ପରିଡା, ମନମୋହନ ସେଠୀ ଓ ବିଧାୟକଙ୍କ ବହୁ ସମର୍ଥକଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଯୋଗଦେଇଥିଲେ।

## ଟ୍ୟାଙ୍କର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ମୁଣ୍ଡମୁହାଣ,୨୮।୪/ଏନ୍ଏନ୍ଏସ୍:** ରବିବାର ବିଳମ୍ବିତ ରାତି ସମୟରେ ଇନ୍‌ଫୋଭ୍ୟାଲି ଥାନା ୧୬ନମ୍ବର ଜାତୀୟ ରାଜପଥ ତଳଖେତା ଛକ ସର୍ଭିସ ରୋଡରେ ଏକ ଗ୍ୟାସ ଟ୍ୟାଙ୍କର ଗାଡି ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଲେ ଯାଁଳାରେ ରହୁଥିବା ଲଙ୍ଗଳେଶ୍ୱରର ମିଟୁ ତରାଇ(୩୯)। ମିଳିଥିବା ସୂଚନା ଅନୁସାରେ ମିଟୁ ଯାଁଳା ପଞ୍ଚାୟତ ଓଗାଳପଡା ଛକରେ ନନ୍ଦ ତିଆରିକରି ବ୍ୟବସାୟ କରନ୍ତି। ଆଜି ରାତି ୧୦ଟା ବେଳେ କାମ ସାରି ନିଜ ବାଇକ୍ ଯୋଗେ କୌଣସି କାମରେ ଜଟଣୀ ଯାଉଥିଲେ। ତଳଖେତା ଛକ ଜଟଣୀ ଗେଟ୍ ବୁଲିବା ବେଳେ ପଛରୁ ଆସୁଥିବା ଏକ ଗ୍ୟାସ ଟ୍ୟାଙ୍କର୍ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ମିଟୁ ତାଙ୍କ ବାଇକ୍ ସହ ଟ୍ୟାଙ୍କରରେ ଲାଗି ରହିଯାଇଥିଲେ। ସ୍ଥାନୀୟ ଲୋକ ପାଟିକରି ଟ୍ୟାଙ୍କରକୁ ଅଟକାଇ ଗୁରୁତର ଅବସ୍ଥାରେ ମିଟୁଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି।

## ବାର୍ ଆସୋସିଏସନ୍ ପକ୍ଷରୁ ମଧୁ ଜୟନ୍ତୀ



**ଜଟଣୀ,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳନ ଅବସରରେ ଜଟଣୀ ବାର୍ ଆସୋସିଏସନ୍ ପକ୍ଷରୁ ଓକିଲ ଦିବସ ସିଭିଲ କୋର୍ଟ୍ ପରିସରରେ ଆସୋସିଏସନର ସଭାପତି ଆଲୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ସୁଶାନ୍ତ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶ ଆନନ୍ଦ ଚନ୍ଦ୍ର ବେଉରା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ରଞ୍ଜନ କୁମାର ଶରଣ ପ୍ରମୁଖ ଯୋଗଦେଇ ମଧୁ ବାରିଷ୍ଟରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ସାନୁଜ କୁମାର ମିଶ୍ର, ସଞ୍ଜୟ କୁମାର ମହାପାତ୍ର, ବାର ଆସୋସିଏସନ୍ ର ପୂର୍ବତନ ସମ୍ପାଦକ ବିଜୟ କୁମାର ମହାପାତ୍ର, ଶୁଭ୍ରାଂଶୁ ଶେଖର ଜେନା, ଶରତ ଚନ୍ଦ୍ର ପାଇକରାୟ, ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଅକ୍ଷାଂଶୁ ଶେଖର ନାୟକ,ବାଉରୀବନ୍ଧୁ ସାହୁ, ମାନସ ରଞ୍ଜନ ସୁବୁଦ୍ଧିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବାର୍ ଆସୋସିଏସନର କୋଷାଧ୍ୟକ୍ଷ ପବିତ୍ର କୁମାର ବଳିୟାରସିଂହ, ଅମୀୟ ରଂଜନ ବେହେରା, ସୌଭାଗ୍ୟ କୁମାର ଜଗଦେବ୍, ସୁଶୀଲ କୁମାର ରଥ ଓ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସୋସିଏସନର ଉପସଭାପତି ପ୍ରଦୀପ କୁମାର ସୁବୁଦ୍ଧି ଉପସ୍ଥିତ ସମସ୍ତ ଅତିଥି ଓ ଅଧିବକ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଜଟଣୀ ଅଧିବକ୍ତା ପରିବାର ତରଫରୁ ସ୍ଥାନୀୟ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ଆବାହକ ରଶ୍ମିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ମଧୁବାବୁ ଜୟନ୍ତୀ ସହ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ବିରଞ୍ଚି କୁମାର ରଥ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ଅକ୍ଷୟ ସାମନ୍ତରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀର ଅନେକ ବରିଷ୍ଠ ଆଇନଜୀବୀଙ୍କୁ ସମ୍ମାନିତ କରାଯାଇଥିଲା।

**ନିତି ଭାରତୀ**

ଆମେ ସେହି ଶିକ୍ଷା ଆବଶ୍ୟକ କରୁ, ଯାହାଦ୍ୱାରା ଚରିତ୍ର ଗଠନ ହୋଇଥାଏ, ମନର ଶକ୍ତି ବୃଦ୍ଧି ପାଇଥାଏ, ବୌଦ୍ଧିକତା ସମ୍ପ୍ରସାରିତ ହୋଇଥାଏ ଏବଂ ଯାହାଦ୍ୱାରା ଜଣେ ନିଜର ଗୋଡ଼ରେ ଠିଆ ହୋଇ ପାରିବେ। - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN

ମଙ୍ଗଳବାର, ୨୯ ଏପ୍ରିଲ୍, ୨୦୨୫

# ଧବଳ ଉଦ୍‌ଜାନ: ଆଗାମୀ କାଲିର ସ୍ୱଚ୍ଛ ଇନ୍ଧନ

ଜାଗତିକ ଉଷ୍ମତାକୁ ପ୍ରାକ୍- ଶିଳ୍ପ ବିପ୍ଳବ କାଳ ତୁଳନାରେ ୨ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ବଢ଼ିବାକୁ ନଦେବା ଏବଂ ତାହାକୁ ସମ୍ଭବ ହେଲେ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାର ଲକ୍ଷ୍ୟ ନେଇ ୨୦୧୫ ମସିହାରେ ପ୍ୟାରିସ୍‌ଠାରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ-୨୧ ('କୋପ୍-୨୧')ଠାରେ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ ବିଶ୍ୱର ୧୯୬ଟି ଦେଶର ପ୍ରତିନିଧି। ଏହାର ସାଧନ ପାଇଁ ମୁଖ୍ୟ ସବୁଜ ଗୃହ ପ୍ରଭାବ ସୃଷ୍ଟିକାରୀ ବାଷ୍ପ ଅଙ୍ଗାରକାମ୍ଳର ନିର୍ଗମନ ୨୦୩୦ ମସିହା ସୁଦ୍ଧା ୪୫ ପ୍ରତିଶତ ଏବଂ ୨୦୫୦ ମସିହା ସୁଦ୍ଧା ଶୂନକୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନିଆ ଯାଇଥିଲା (ଅବଶ୍ୟ ଭାରତ ଭଳି କେତେକ ବିକାଶଶୀଳ ଦେଶ ଏଥିପାଇଁ ୨୦୭୦ ପର୍ଯ୍ୟନ୍ତ ସମୟ ମାଗିଥିଲେ)। ସେଥି ଲାଗି ଏବେ ସାରା ବିଶ୍ୱରେ ଅଙ୍ଗାରକାମ୍ଳ ନିର୍ଗମନକାରୀ ଜୀବାଶ୍ମ ଇନ୍ଧନ ବଦଳରେ ପୁନଃନବୀକରଣକ୍ଷମ ସ୍ୱଚ୍ଛ ଇନ୍ଧନକୁ ଅଧିକରୁ ଅଧିକ ବ୍ୟବହାର କରିବା ଲାଗି ଉଦ୍ୟମ ଚାଲିଛି। ଏହି ବିକଳ୍ପଗୁଡ଼ିକ ମଧ୍ୟରେ ଅନ୍ୟତମ ଆକର୍ଷଣୀୟ ରୂପେ ଉଭା ହୋଇଛି ଉଦ୍‌ଜାନ।



**ରମେଶ ଚନ୍ଦ୍ର ପରିଡ଼ା**

ବର୍ତ୍ତମାନର ଦୁନିଆରେ ମାତ୍ର ୯୫ ମେଟ୍ରିକ୍ ଟନ୍ ଏହି ଇନ୍ଧନ ଉତ୍ପାଦନ କରାଯାଉଛି (୨୦୨୪ ମସିହା)। ତେବେ ୨୦୩୦ ମସିହା ବେଳକୁ ଏହାକୁ ୧୫୦ ମେଟ୍ରିକ୍ ଟନ୍, ୨୦୩୫ ବେଳକୁ ୨୧୬ ମେଟ୍ରିକ୍ ଟନ୍ ଏବଂ ୨୦୫୦ ମସିହା ବେଳକୁ ୪୩୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ବ୍ରିଟିଶ୍ ବୈଜ୍ଞାନିକ ହେନେରୀ କାଭେଣ୍ଡିସ୍ ୧୭୬୬ ମସିହାରେ ଆବିଷ୍କାର କରିଥିବା ଉଦ୍‌ଜାନ ଏକ ରଙ୍ଗହୀନ, ଗନ୍ଧହୀନ ଏବଂ ସ୍ୱାଦହୀନ ବାଷ୍ପ ଏବଂ ବାୟୁମଣ୍ଡଳରେ ମୁକ୍ତ ଭାବେ ଏହା ମାତ୍ର ୦.୦୦୦୦୫ ଶତାଂଶ ଥାଏ। ଏଣୁ ଏହାକୁ ଏବେ ନାନା ପଦ୍ଧତିରେ ଉତ୍ପାଦନ କରିବା ଆରମ୍ଭ ହୋଇଛି। ତାହାରି ଉପରେ ନିର୍ଭର କରି ଏହାକୁ ବିଭିନ୍ନ ରଙ୍ଗର ନାମରେ ନାମିତ କରାଯାଇଛି। ଉଦାହରଣ ସ୍ୱରୂପ, କୋଇଲା ଏବଂ ଲିଗ୍‌ନାଇଟ୍‌ରୁ ତାହା ଉତ୍ପାଦନ କରାଗଲେ, ତାହାକୁ ଯଥାକ୍ରମେ 'କଳା' ଏବଂ 'ବାଦାମୀ' ବୋଲି କୁହାଯାଉଛି। ସେହିପରି ପ୍ରାକୃତିକ ବାଷ୍ପ ଓ ଷ୍ଟିମ୍‌ରୁ 'ଧୂସର', ମିଥେନ୍ ବାଷ୍ପ ଓ ଷ୍ଟିମ୍‌ରୁ 'ନୀଳ', ନାଭିକୀୟ ଶକ୍ତି ପ୍ରୟୋଗ ଦ୍ୱାରା ଜଳର ବିଦ୍ୟୁତ୍ ବିଶ୍ଳେଷଣରୁ 'ଗୋଲାପୀ' ବା 'ଲାଲ୍' ଏବଂ ଏ ପ୍ରକ୍ରିୟାରେ ବାୟୁ ବା ସୌର ଶକ୍ତିର ବ୍ୟବହାର ଦ୍ୱାରା 'ସବୁଜ' ଉଦ୍‌ଜାନ ଉତ୍ପାଦନ କରାଯାଉଛି। ଏ ସମସ୍ତ ମଧ୍ୟରେ 'ସବୁଜ' ପରିବେଶ ପାଇଁ ସବୁଠାରୁ ଉପଯୋଗୀ, କାରଣ ଏହାର ଉତ୍ପାଦନ ପ୍ରକ୍ରିୟାରେ ଅଙ୍ଗାରକାମ୍ଳର ନିର୍ଗମନ ପ୍ରାୟତଃ ଘଟେ ନାହିଁ। ଏଣୁ ବର୍ତ୍ତମାନ ଏହା ଅଧିକ ପରିମାଣରେ ସହଜ ଓ ଶସ୍ତାରେ ଉତ୍ପାଦନ ଲାଗି ପଦ୍ଧତିମାନ ବିକଶିତ କରାଯାଉଛି। ତେବେ ଏହି ତାଲିକାରେ ନିକଟରେ ଯୋଗ ହୋଇଛି 'ଧବଳ' ଉଦ୍‌ଜାନ (ଏହାକୁ 'ସ୍ୱର୍ଣ୍ଣ' ଉଦ୍‌ଜାନ ବୋଲି ମଧ୍ୟ କୁହାଯାଉଛି)। ଏହାର ଉତ୍ପାଦନ ପ୍ରକ୍ରିୟା ସଂପୂର୍ଣ୍ଣ ପ୍ରଦୂଷଣମୁକ୍ତ ହୋଇଥିବାରୁ ଏହାକୁ 'ଆଗାମୀ କାଲିର ସ୍ୱଚ୍ଛ ଇନ୍ଧନ' ବୋଲି କୁହାଯାଉଛି। ଭୂମି ତଳେ ଏହା ଗଚ୍ଛିତ ଥାଏ ଏବଂ ତାହାକୁ ଖନନ କରି ତହିଁରୁ ଏହାକୁ ସଂଗ୍ରହ କରାଯାଏ।

'ଧବଳ' ଉଦ୍‌ଜାନର ଆବିଷ୍କାର ହୋଇଥିଲା ୧୯୮୭ ମସିହାରେ। ସେତେବେଳେ ମାଲିର ବୋଉରାକେବାଉଗାଉଁ ନାମକ ଗ୍ରାମ ନିକଟରେ କୂଅ ଖୋଳିଲା ବେଳେ ପ୍ରାୟ ୧୦୮ ମିଟର ଗଭୀରତାରେ ଏକ ବାଷ୍ପ ବାୟୁ ଭଳି ବାହାର ଆଡ଼କୁ ପ୍ରବାହିତ ହେବାକୁ ଲାଗିଲା। ଏହି ସମୟରେ ଜଣେ ଶ୍ରମିକ ସିଗାରେଟ୍‌ଟିଏ ଟାଣୁ ଟାଣୁ ସେଥି ମଧ୍ୟକୁ ଚାହିଁବାରୁ ହଠାତ୍ ନିଆଁ ଲାଗିଗଲା, ଯାହାକି ଏକ ନୀଳ ରଙ୍ଗର ଶିଖା ଉତ୍ପନ୍ନ କରି ଜଳିବାକୁ ଲାଗିଲା। ତହିଁରୁ ଅଙ୍ଗାର ଭିତ୍ତିକ ବାଷ୍ପୀୟ ଇନ୍ଧନ ଭଳି କଳା ଧୂଆଁ ବାହାରିଲା ନାହିଁ। ଅନେକ ସପ୍ତାହ ଧରି ଉଦ୍ୟମ କଲା ପରେ ଏ ନିଆଁ ଲିଭିଲା ଏବଂ ଗର୍ତ୍ତଟି ବନ୍ଦ କରାଯାଇ ପାରିଲା। ଅଧ୍ୟୟନରୁ ଜଣା ପଡ଼ିଲା ଯେ ଏ ବାଷ୍ପରେ ଥିଲା ୯୮ ପ୍ରତିଶତ ଉଦ୍‌ଜାନ। ତତ୍ପରେ ୨୦୧୨ ମସିହାରେ ଏକ ସ୍ଥାନୀୟ କମ୍ପାନୀ ସେଠାରେ ୩୦ କିଲୋୱାଟ୍‌ର ଜେନେରେଟରଟିଏ ବସାଇ ଏହି ପ୍ରାକୃତିକ ଉଦ୍‌ଜାନ ସାହାଯ୍ୟରେ ତାହାକୁ ଚଳାଇ ବିଦ୍ୟୁତ୍ ଉତ୍ପାଦନ କରିବାକୁ ସମର୍ଥ ହେଲା।

ଏହାର ପ୍ରାୟ ଦଶ ବର୍ଷ ପରେ, ଅର୍ଥାତ୍ ୨୦୨୧-୨୦୨୨ ମସିହାରେ ଫ୍ରାନ୍ସର 'ନ୍ୟାସନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ'ର ଦୁଇଜଣ ବୈଜ୍ଞାନିକ ଜ୍ୟାକ୍ୟୁସ୍ ପିରୋନନ୍ ଏବଂ ଫିଲିପ୍ ଡି ଡୋନାଟ୍ଟୋ ତାଙ୍କ ଦେଶର ଉତ୍ତର- ପୂର୍ବାଞ୍ଚଳରେ ଅବସ୍ଥିତ ଲୋରାଇନ୍ ଅବବାହିକା ଅଞ୍ଚଳରେ ମିଥେନ୍ ବାଷ୍ପର ସନ୍ଧାନରେ ଲାଗିଥିଲେ। ଅପ୍ରତ୍ୟାଶିତ ଭାବେ ସେମାନେ ଅଧିକ ଗଭୀରତା ମଧ୍ୟରେ ଏଥି ସହିତ ଯଥେଷ୍ଟ ମାତ୍ରାରେ ଉଦ୍‌ଜାନ ଥିବାର ଆବିଷ୍କାର କଲେ। ବର୍ତ୍ତମାନ ଫ୍ରାନ୍ସ ବ୍ୟତୀତ ଅଷ୍ଟ୍ରେଲିଆ, ଓମାନ୍, ମାଲି, ଆମେରିକା, ରୁଷିଆ, ପୂର୍ବ ୟୁରୋପ୍ ଆଦି ଦେଶରେ ଏହାର ସନ୍ଧାନ ମିଳିଲାଣି। ଏପରିକି ଭାରତର କେତେକ ସ୍ଥାନରେ ଏହା ଥିବାର ସମ୍ଭାବନା ନିକଟରେ ଜଣା ପଡ଼ିଛି। ବୈଜ୍ଞାନିକମାନଙ୍କ ମତରେ ଭୂତଳ ମଧ୍ୟରେ କେତେକ ଲୌହ-ସମୃଦ୍ଧ ଖଣିଜ ପଦାର୍ଥ ସହ ସେଠାରେ ଥିବା ଜଳର ପ୍ରତିକ୍ରିୟା ଯୋଗୁଁ ଏହା ସୃଷ୍ଟି ହୋଇଛି।

ଉଦ୍‌ଜାନ ଜଳିଲେ କେବଳ ଜଳ ହିଁ ଉତ୍ପନ୍ନ ହୋଇଥାଏ। ଏଣୁ ତଦ୍ୱାରା ବାୟୁ ପ୍ରଦୂଷଣ ଘଟେନାହିଁ। ପୁନଶ୍ଚ, 'ଧବଳ' ଉଦ୍‌ଜାନ ମିଳିଥାଏ ଏକ ପ୍ରାୟତଃ ପ୍ରଦୂଷଣମୁକ୍ତ ଉତ୍ସରୁ। ଏଣୁ ଏହା ଆଗାମୀ କାଲି ପାଇଁ ସ୍ୱଚ୍ଛ ଶକ୍ତିର ଉତ୍ସଟିଏ ହୋଇ ପାରିବ ବୋଲି ମନେ କରାଯାଉଛି। ସେଥି ଲାଗି ସମଗ୍ର ବିଶ୍ୱର ଅନେକ କମ୍ପାନୀ ଏବେ ଏହାର ସନ୍ଧାନରେ ଲାଗିଛନ୍ତି। ତଥାପି ଏ କ୍ଷେତ୍ରରେ ରହିଛି ଅନେକ ଗୁଡ଼ିଏ ଆହ୍ୱାନ। ଉଦାହରଣ ସ୍ୱରୂପ, ଏ ପର୍ଯ୍ୟନ୍ତ ଅନୁସନ୍ଧାନ ହୋଇଥିବା ସବୁ ଖଣିରେ ଯଥେଷ୍ଟ ପରିମାଣରେ ଉଦ୍‌ଜାନ ନାହିଁ। ଏଣୁ ତହିଁରୁ ତାହା ଉତ୍ତୋଳନ କରିବା ଅର୍ଥନୈତିକ ଦୃଷ୍ଟିକୋଣରୁ ସହନୀୟ ନୁହେଁ। ଅନ୍ୟ ପକ୍ଷରେ, ସଂଗୃହୀତ ଉଦ୍‌ଜାନକୁ ସେଥି ସିଲିଣ୍ଡର ମଧ୍ୟରେ ତାହାକୁ ଉଚ୍ଚ ତାପ ମଧ୍ୟରେ ଗଚ୍ଛିତ ରଖିଲେ ବି ତହିଁରୁ ପ୍ରତ୍ୟହ ୦.୧୨ରୁ ୦.୨୪ ପ୍ରତିଶତ ଏବଂ ପାଇପ୍ ସାହାଯ୍ୟରେ ପ୍ରେରଣ କରାଗଲେ ୧୩ରୁ ୧୫ ପ୍ରତିଶତ ନିର୍ଗମନ ଘଟେ। ଏପରିକି ଅତ୍ୟନ୍ତ ନିମ୍ନ ତାପ ଅବସ୍ଥାରେ ତରଳ ଆକାରରେ ରଖି ପରିବହନ କଲା ବେଳେ ମଧ୍ୟ କିଛି ମାତ୍ରାରେ ତହିଁରୁ ନିର୍ଗମନ ଘଟିଥାଏ। ଏସବୁର ନିରାକରଣ ଲାଗି ଉନ୍ନତ ପ୍ରଯୁକ୍ତିବିଦ୍ୟାର ବିକାଶ ଆବଶ୍ୟକ, ଯାହାକି ସ୍ୱଳ୍ପ ବ୍ୟୟସାପେକ୍ଷ ମଧ୍ୟ ହେବା ଉଚିତ୍। ବର୍ତ୍ତମାନ ଏଥିପାଇଁ ଉଦ୍ୟମ ଅବ୍ୟାହତ ରହିଛି। ଉଦାହରଣ ସ୍ୱରୂପ, ଉତ୍ସ ନିକଟରେ ଜେନେରେଟର ସ୍ଥାପନ କରି ବିଦ୍ୟୁତ୍ ଉତ୍ପାଦନ କରିବା ଏ ଦିଗରେ ଏକ ସଫଳ ପଦକ୍ଷେପ ହେବ ବୋଲି ମନେ କରାଯାଏ।

ଏ ସମସ୍ତ କଥା ବିଚାରକୁ ନେଲା ପରେ ମଧ୍ୟ ଧବଳ ଉଦ୍‌ଜାନକୁ ଶୂନ ନିର୍ଗମନରେ ପହଞ୍ଚିବା ଲାଗି ସବୁଠାରୁ ପ୍ରକୃଷ୍ଟ ମାର୍ଗ ବୋଲି ଗଣନା କରନ୍ତି ଅନେକ ଭୂ-





ସହିତ ମିଶି ରହିଥିବା ମିଥେନ୍ ଏବଂ ଜଳୀୟ ବାଷ୍ପ ଭଳି ଅପଦ୍ରବ୍ୟରୁ ମୁକ୍ତ କରାଯିବା ଦରକାର। ପୁନଶ୍ଚ, ଏହାକୁ ଗଚ୍ଛିତ କରି ରଖିବା ମଧ୍ୟ ଏକ ସମସ୍ୟା। ସେହିପରି ଏଇ ହାଲ୍‌କା ଏବଂ ଦହନଶୀଳ ବାଷ୍ପକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଇବା ପାଇଁ ଲୋଡ଼ା ବିଶେଷ ଧରଣର ପରିବହନ ବ୍ୟବସ୍ଥା।

ଉଦ୍‌ଜାନ ଏକ ସବୁଜ ଗୃହ ବାଷ୍ପ ନହେଲେ ବି ଅଙ୍ଗାରକାମ୍ଳ ତୁଳନାରେ ୧୧.୬ ଗୁଣ ଉଷ୍ମତା ବୃଦ୍ଧିକାରୀ। ବାୟୁରେ ଥିବା ମିଥେନ୍, ଓଜୋନ୍, ଜଳୀୟ ବାଷ୍ପ ଆଦି ସହିତ ପ୍ରତିକ୍ରିୟା କରି ଏହା ସେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଦେଖାଯାଇଛି ଯେ ବିଶେଷ ଧରଣର ବିଜ୍ଞାନୀ। ଆମେରିକାର 'ଜିଓଲୋଜିକାଲ୍ ସର୍ଭେ'ର ଜେଓଫ୍ରେ ଏଲିସ୍‌ଙ୍କ ମତରେ, ପୃଥିବୀର ଭୂତଳରେ ରହିଛି ପ୍ରାୟ ୫.୫ ଟ୍ରିଲିୟନ୍ ଟନ୍ ଉଦ୍‌ଜାନ। ଆମେ ଏହାର କିଛି ଅଂଶ ବି ଉତ୍ତୋଳନ କରି ପାରିଲେ ତଦ୍ୱାରା ଆମର ବାର୍ଷିକ ୫୦୦ ନିୟୁତ ଟନ୍ ଆବଶ୍ୟକତା ବହୁ ବର୍ଷ ଧରି ପୂରଣ ହୋଇ ପାରିବ। ଏପରି ସ୍ଥଳେ ଏହାକୁ ଆଗାମୀ କାଲିର ନିର୍ଭରଯୋଗ୍ୟ ସର୍ବୋତ୍ତମ ସ୍ୱଚ୍ଛ ଶକ୍ତିର ଉତ୍ସ ରୂପେ ଗଣନା କରିବା ଏକାନ୍ତ ଯୁକ୍ତିସଙ୍ଗତ।

**ପ୍ରାକ୍ତନ ପ୍ରଫେସର, ଉଷା ନିବାସ**
**୧୨୪/୨୪୪୫, ଖଣ୍ଡଗିରି ବିହାର**
**ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦**

# କୈଳାସପତିଙ୍କ କୃପା


ଦୀର୍ଘ ପାଞ୍ଚ ବର୍ଷ ପରେ ତିବ୍ବତ ଅଞ୍ଚଳରେ ଥିବା କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ କରାଯିବା ସମ୍ପର୍କରେ ଗତ ଶନିବାର ଦିନ ଘୋଷଣା କରିଛନ୍ତି ଭାରତ ସରକାର। କୋଭିଡ୍- ୧୯ ମହାମାରୀ ଏବଂ ଲଦାଖ୍ ସେକ୍ଟରରେ ୨୦୨୦ରେ ଭାରତ ଓ ଚୀନ୍ ମଧ୍ୟରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଘଟିଥିବା ସଂଘର୍ଷ ଯୋଗୁଁ ବନ୍ଦ ରହିଥିବା ଏହି ଯାତ୍ରା ପୁଣି ଆରମ୍ଭ ହେବା ଚୀନ୍ ସହିତ ଭାରତର ସମ୍ପର୍କ ସ୍ୱାଭାବିକ ହେବା ଦିଗରେ ଆଉ ଏକ ପଦକ୍ଷେପ। ଏହି ଯାତ୍ରାର ସମ୍ପୂର୍ଣ୍ଣ ପ୍ରକ୍ରିୟା ୨୦୧୫ଠାରୁ ସମ୍ପୂର୍ଣ୍ଣ ଭାବରେ କମ୍ପ୍ୟୁଟରୀକରଣ କରାଯାଇଥିବା ବେଳେ ଚଳିତ ବର୍ଷ ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ସମ୍ପନ୍ନ କରାଯିବାକୁ ସ୍ଥିର ହୋଇଥିବା ଏହି ତୀର୍ଥଯାତ୍ରା ଉତ୍ତରାଖଣ୍ଡର ଲିପୁଲେଖ୍ ଏବଂ ସିକ୍କିମ୍‌ର ନାଥୁ ଲା ଦେଇ କରାଯିବ। ନିକଟରେ ଶେଷ ହୋଇଥିବା ମହାକୁମ୍ଭ ଭଳି କୈଳାସ ମାନସରୋବର ଯାତ୍ରା ଯାହା କୈଳାସ ପର୍ବତ ଏବଂ ମାନସରୋବର ହ୍ରଦ ଦର୍ଶନ ଉଦ୍ଦେଶ୍ୟରେ ସମ୍ପାଦିତ ହୋଇଥାଏ, ତାହା କେବଳ ହିନ୍ଦୁମାନଙ୍କ ନିମନ୍ତେ ନୁହେଁ, ଜୈନ ଏବଂ ବୌଦ୍ଧ ଧର୍ମର ଲୋକମାନଙ୍କ ନିମନ୍ତେ ମଧ୍ୟ ବେଶ୍ ମହତ୍ତ୍ୱ ବହନ କରିଥାଏ। ତେବେ ଚୀନ୍ ଅଧିକୃତ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଅବସ୍ଥିତ ଏହି ତୀର୍ଥସ୍ଥାନ ଭାରତ ଓ ଚୀନ୍ ସମ୍ପର୍କରେ ତିକ୍ତତା ଦେଖାଦେବା କାରଣରୁ ଗତ ପାଞ୍ଚ ବର୍ଷ ଧରି ସ୍ଥଗିତ ରହିଥିଲା, ଯାହାର କାରଣ ଥିଲା ମୁଖ୍ୟତଃ ଦୁଇ ଦେଶଙ୍କ ମଧ୍ୟରେ ଦେମ୍‌ଚୋକ୍ ଏବଂ ଦେପ୍‌ସାଙ୍ଗ୍‌ଠାରେ ରହିଥିବା ଏଲ୍‌ଏସିରେ ଉତ୍ତେଜନାମୂଳକ ପରିସ୍ଥିତି। ଗତ ବର୍ଷ ଅକ୍ଟୋବର ୨୧ ତାରିଖରେ ଏକ ଚୁକ୍ତି ଫଳରେ ଏବେ ଏହି ଦୁଇ ସ୍ଥାନରୁ ଉଭୟ ଦେଶ ସେମାନଙ୍କ ନିଜ ନିଜର ସେନାଙ୍କୁ ପ୍ରତ୍ୟାହାର କରି ନେଇଛନ୍ତି। ଉପରୋକ୍ତ ଦିବସର ଦୁଇ ଦିନ ପରେ ରୁଷିଆର କାଜାନ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା କାଳରେ ଉଭୟ ଦ୍ୱିପାକ୍ଷିକ ବାର୍ତ୍ତାଳାପ ବ୍ୟବସ୍ଥାର ପୁନରୁଦ୍ଧାର କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ। ଏହା ପରେ ଦୁଇ ପକ୍ଷଙ୍କ ମଧ୍ୟରେ ବିଗତ କିଛି ମାସ ଭିତରେ ବେଶ୍ କେତେ ସଂଖ୍ୟକ ବୈଠକ ଅନୁଷ୍ଠିତ ହୋଇ ସାରିଛି ଯେଉଁଗୁଡ଼ିକ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ପାଇଁ ଉଦ୍ଦିଷ୍ଟ। ଗତ ଜାନୁଆରୀ ମାସରେ ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ବେଜିଂ ଗସ୍ତ କରିବା ଅବସରରେ ତାଙ୍କର ଚୀନା ପ୍ରତିପକ୍ଷ ସନ୍ ୱିଡଂଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ ସଙ୍ଗେ ସଙ୍ଗେ ସମ୍ପର୍କକୁ 'ସ୍ଥିର ଏବଂ ପୁନଃନିର୍ମିତ' କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ପାଞ୍ଚ ବର୍ଷର ଅନ୍ତରାଳ ପରେ ମାନସରୋବର ଯାତ୍ରା ପୁଣିଥରେ ଆରମ୍ଭ କରାଯିବା ହେଉଛି ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ ଏକ ଛୋଟ ପଦକ୍ଷେପ। ୧୯୮୧ ମସିହା ପରଠାରୁ ଖୁବ୍ କମ୍ ସଂଖ୍ୟକ ଭାରତୀୟ ପ୍ରତି ବର୍ଷ ଏହି ତୀର୍ଥଯାତ୍ରାରେ ଯାଉଥିଲେ- ପ୍ରଥମ ବର୍ଷ, ଅର୍ଥାତ୍ ୧୯୮୧ରେ ଏହି ତୀର୍ଥଯାତ୍ରୀଙ୍କ ସଂଖ୍ୟା ମାତ୍ର ୫୯ ଜଣ ଥିବା ବେଳେ ୨୦୧୭ରେ ଏହି ସଂଖ୍ୟା ବୃଦ୍ଧି ପାଇ ୯୧୯ରେ ପହଞ୍ଚି ଥିଲା। ୨୦୨୦ରେ କୋଭିଡ୍-୧୯ ମହାମାରୀ ଏହି ଯାତ୍ରା ପଥରେ ଏକ ବିରାଟ ଅନ୍ତରାୟ ସାଜିବା ପରେ ପରେ ଗଲୱାନ୍ ଘାଟୀରେ ଭାରତ ଓ ଚୀନ୍ ସେନାଙ୍କ ମଧ୍ୟରେ ସଂଘର୍ଷ ଏହା ଉପରେ ଆଉ ଏକ ବଡ଼ ପରଦା ଟାଣିଦେଲା। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ରୁଷିଆଠାରେ ସମ୍ପାଦିତ ରାଜିନାମାର ଏକ ଅଂଶ ଭାବରେ ଏହି ଯାତ୍ରାର ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ଏହି ଯାତ୍ରାରେ ୭୫୦ ଜଣ ଯାତ୍ରୀ ଯିବା ନିମନ୍ତେ ସ୍ଥିର ହୋଇଛି। ଯଦିଓ କେବଳ ମାନସରୋବର ଯାତ୍ରାର ପୁନରାରମ୍ଭ ବିଶ୍ୱର ଦୁଇ ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ତଥା ଦୁଇ ପ୍ରମୁଖ ଅର୍ଥନୀତିଙ୍କ ମଧ୍ୟରେ ବିଶ୍ୱାସର ପୁନରୁଦ୍ଧାର କରି ପାରିବ ନାହିଁ, ତଥାପି ଏହା ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଲୋକ-ଲୋକଙ୍କ ଭିତରେ ସମ୍ପର୍କକୁ ପୁନଃସ୍ଥାପିତ କରିବାରେ ସହାୟକ ହେବ, ଯଦ୍ଦ୍ୱାରା ସେମାନଙ୍କ ମଧ୍ୟରେ ବୁଝାମଣାରେ ଉନ୍ନତି ଘଟିବ।

ହଜାର ହଜାର ବର୍ଷରୁ ଊର୍ଦ୍ଧ୍ୱ ସମୟର ସ୍ମୃତି ସହିତ ସମୃଦ୍ଧ ଇତିହାସ ରହିଥିବା ସହିତ ଭାରତ ଏବଂ ଚୀନ୍- ଦୁଇ ପ୍ରାଚୀନ ସଭ୍ୟତା- ସମଗ୍ର ପୃଥିବୀରେ ପ୍ରାଧାନ୍ୟ ବିସ୍ତାର କରିଥିଲେ, ତଥାପି ସେମାନେ ସେମାନଙ୍କ ନିଜ ନିଜର ପୃଥକ୍ ପରିସର ମଧ୍ୟରେ କାର୍ଯ୍ୟ କରୁଥିଲେ ବୋଲି କେବେହେଲେ ପରସ୍ପର ସହିତ ସଂଘର୍ଷ କରି ନଥିଲେ। ହଜାର ହଜାର ବର୍ଷ ଧରି ଭାରତ ଚୀନ୍‌ର ଆଧିପତ୍ୟକୁ କେବେହେଲେ ଭୟ କରି ନଥିଲା। ସେହିଭଳି ସମଗ୍ର ଦକ୍ଷିଣପୂର୍ବ ଏସିଆ ଯେତେବେଳେ ବସ୍ତୁତଃ ଭାରତୀୟ ଭାଷାଭାଷୀ ଏବଂ ଏହାର ଚଳଣି ବା ଇଣ୍ଡୋସ୍ଫିୟର ଦ୍ୱାରା ପ୍ରଭାବିତ ହୋଇ ଏହାର ଏକ ଅଂଶବିଶେଷ ହେଲା, ଚୀନ୍ ମଧ୍ୟ ସେତେବେଳେ ଭାରତକୁ ନେଇ ଏତେ ଚିନ୍ତିତ ନଥିଲା। ଲ୍ୟୁୟାଙ୍ଗ୍ କେବେହେଲେ କନୌଜରୁ ଶିକ୍ଷାଲାଭ କରିବାକୁ କୁଣ୍ଠାବୋଧ କରି ନଥିଲେ କି ଜଣେ ଭାରତୀୟ- ଗୌତମ ବୁଦ୍ଧ-ଙ୍କୁ ଈଶ୍ୱର ଭାବରେ ଆରାଧନା କରିବାକୁ ସଂକୋଚ କରି ନଥିଲେ। ସାମ୍ପ୍ରତିକ ସମୟରେ ଯେହେତୁ ଭାରତ ବା ଚୀନ୍‌କୁ ବିଶ୍ୱର କୌଣସି ଦେଶ ଅସ୍ଥିରତା ଦେଇ ଗତି କରୁଥବା ଦେଖିବାକୁ ଚାହାନ୍ତି ନାହିଁ, କାରଣ ଏହା କୌଣସି ଦେଶ ପାଇଁ ମଙ୍ଗଳକାରକ ନୁହେଁ, ତେଣୁ ଉଭୟ ଦେଶ ବର୍ତ୍ତମାନ ପରସ୍ପର ସହିତ ସୁସମ୍ପର୍କ ବଜାୟ ରଖି ସହାବସ୍ଥାନ କରିବାର ଜରୁରୀ ଆବଶ୍ୟକତା ରହିଛି ଏବଂ ସେମାନେ ଏହା କରିବା ଉଚିତ। ଯଦି ଭାରତ ଏବଂ ଚୀନ୍ ସେମାନଙ୍କ ମଧ୍ୟରେ ଯୁଗ ଯୁଗ ଧରି ରହିଥିବା ଭରସାର ପୁନରୁଦ୍ଧାର କରି ପାରନ୍ତି, ତା'ହେଲେ ଏହା ସମଗ୍ର ବିଶ୍ୱ ଏବଂ ଏହାର ଅଧିବାସୀମାନଙ୍କର ପ୍ରଭୂତ ମଙ୍ଗଳ ସାଧନ କରି ପାରିବ। ଆଶା କରାଯାଏ, ମାନସରୋବର ଯାତ୍ରା ଏ ଦିଗରେ ଏକ ପ୍ରକୃଷ୍ଟ ପ୍ରାରମ୍ଭ କରିବାକୁ ଯାଉଛି। ହିନ୍ଦୁ ଶାସ୍ତ୍ରରେ ବର୍ଣ୍ଣିତ କୈଳାସପତି ଶିବ ଉଭୟ ଦେଶଙ୍କୁ ପୁଣିଥରେ ସ୍ନେହ ସୌହାର୍ଦ୍ଦ୍ୟର ବନ୍ଧନରେ ବାନ୍ଧିବେ।

# ଜଣେ ମାଜିଷ୍ଟ୍ରେଟ୍‌ଙ୍କ ବୃତ୍ତାନ୍ତ

ଗାନ୍ଧୀ ଓଡ଼ିଶାରେ ପଦଯାତ୍ରା କରୁଥିଲେ। ୧୯୩୪ ଐତିହାସିକ ପଦଯାତ୍ରାର ଦ୍ୱିତୀୟ ଚରଣ ମେ' ମାସ ୨୧ ତାରିଖରେ ଆରମ୍ଭ ହୋଇଥିଲା। ଯାଜପୁର ଜିଲ୍ଲା ବୈରୀ ରେଳ ଷ୍ଟେସନରେ ଅବତରଣ କରି ଗାନ୍ଧିଜୀ ପାଦରେ ଚାଲି ଚାଲି ଆସି ନିର୍ଦ୍ଧାରିତ କଇଥା ଚମ୍ପାପୁର ଗାନ୍ଧୀ ଆଶ୍ରମରେ ପହଞ୍ଚିଲେ। ସେ ଦିନ ଥିଲା ତାଙ୍କର ମୌନ ବ୍ରତ। ଯାତ୍ରା ପରିଚାଳକ ଠକ୍କର ବାପା ଆସି ନଥିଲେ। ତାଙ୍କ ସ୍ଥାନ ନେଇଥିଲେ ହରିଜନ ସେବକ ସଂଘର ସହସମ୍ପାଦକ ମାଲକନଜୀ। ଗୋପବନ୍ଧୁ ଚୌଧୁରୀ ଥିଲେ ଯାତ୍ରାର ମୁଖ୍ୟ ସଂଗଠକ। ରାତିରେ ଗସ୍ତର ଆଗାମୀ ସୂଚୀପତ୍ର ତିଆରି କରାଗଲା। ଦିନକୁ ବାର ମାଇଲ, ଓଳିକେ ଛଅ ମାଇଲ ଅତିକ୍ରମ କରିବା ପାଇଁ ଆଲୋଚନା ହେଲା। ଗାନ୍ଧିଜୀ ଏହା ଶୁଣି ବିରକ୍ତି ପ୍ରକାଶ କରି ଗୋଟିଏ କାଗଜରେ ହିନ୍ଦୀରେ ଲେଖିଦେଲେ- 'ଏ ଦେହକୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ନେଇ ଯିବାକୁ ହେବ ତ ? ଜଗି ଜଗି ସୀମା ଭିତରେ ନ ରହିଲେ ଭାଙ୍ଗି ପଡ଼ିବନି ତ ?' ପୁଣି ଥରେ ଗୋପବନ୍ଧୁ ଚୌଧୁରୀ ଜଣାଇଲେ, 'ତେବେ ଆଠରୁ ନଅ ମାଇଲ ଅତିକ୍ରମ କରି




**ମିହିର ପ୍ରତାପ ଦାସ**

ପାରିବା ?' ମହାତ୍ମା ଗାନ୍ଧୀ ଆଉ ଖଣ୍ଡେ କାଗଜରେ ଲେଖି ଦେଲେ, 'ମାଜିଷ୍ଟ୍ରେଟଙ୍କର ହୁକୁମ ତ ମାନିବାକୁ ପଡ଼ିବ !' ଗାନ୍ଧିଜୀ ତାଙ୍କୁ ଶ୍ରଦ୍ଧାରେ ଅନେକ ଥର ସମ୍ବୋଧନ କରୁଥିଲେ ମାଜିଷ୍ଟ୍ରେଟ। ୧୯୧୪ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଗଣିତ ସ୍ନାତକୋତ୍ତରରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିବା ଯୁବକ ବିବାହ କରିସାରି ବ୍ରିଟିଶ ଭାରତରେ ପ୍ରଶାସନିକ ପରୀକ୍ଷା ପ୍ରସ୍ତୁତି ପାଇଁ ଇଂଲଣ୍ଡ ଯିବାକୁ ସବୁ ଆୟୋଜନ କରି ଦେଇଥିଲେ। ହଠାତ୍ ବାପା ନାମଜାଦା ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କର ଦେହାନ୍ତ ପରେ ସେ ବିହାର ଓଡ଼ିଶା ସରକାରଙ୍କ ଅଧୀନରେ ଡେପୁଟି ମାଜିଷ୍ଟ୍ରେଟ ପାହ୍ୟାରେ ଯାଜପୁର ସବ୍‌ଡିଭିଜନର ସେକେଣ୍ଡ ଅଫିସର ହୋଇ ଯୋଗଦେଲେ। କରାଳ ବନ୍ୟା ଆସିଲା। ରିଲିଫ କାମରେ ଯାଇ ସେ ବରୀ ବିଞ୍ଝାରପୁର ଅଞ୍ଚଳ ବୁଲି ଲୋକଙ୍କ ଦୁର୍ଦ୍ଦଶା ଆଖିରେ ଦେଖିଲେ। ଉପର ହାକିମ ସତ ରିପୋର୍ଟ ଦେବାକୁ ବାରଣ କରିଥିଲେ। ଗୋପବାବୁଙ୍କର ଗୋଟିଏ ଜିଦ୍ ସେ ମିଛ ରିପୋର୍ଟ ଲେଖିବେ ନାହିଁ; ବରଂ ଚାକିରି ଛାଡ଼ିଦେବେ। ଆରାମ ଅୟସ ଜୀବନ ତ୍ୟାଗ କରି ଜନତାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଜୀବନ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଇଗଲେ। କଟକର ଇଂରେଜ କଲେକ୍ଟର ତାଙ୍କୁ ବହୁତ ବୁଝାଇଲେ। କିଛି ଲାଭ ହେଲା ନାହିଁ। ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପୂର୍ବରୁ ସେ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କୁ ସାକ୍ଷାତ କରିଥିଲେ। ସେଠାରେ ଆଚାର୍ଯ୍ୟ ହରିହର ମଧ୍ୟ ଥିଲେ। ଗୋପବାବୁଙ୍କୁ ଉତ୍କଳମଣି କହିଲେ, ଆପଣ ଆମ ଭିତରକୁ ଆସନ୍ତୁ, କିଛି କରିବା। ଏହାର ଉତ୍ତରରେ ଗୋପବାବୁ କହିଲେ, ମୁଁ ତ ବାହାରିଲି। ଯେତେବେଳେ ଯାଏଁ ନିଜର ପରିବାରକୁ ଏସବୁ କରିବା ପାଇଁ ତୟାର କରି ନ ପାରିଛି, ମୁଁ ଏକୁଟିଆ ଆସିବାର କିଛି ମୂଲ୍ୟ ନାହିଁ। ସେ ତାହା କରିଥିଲେ ପରିବାରର ସମସ୍ତଙ୍କୁ ଜଣାଇ।

୧୯୨୧ ଫେବୃଆରୀ ୨୧ ତାରିଖ। ସେଦିନ ତାଙ୍କ ବାପାଙ୍କର ଶ୍ରାଦ୍ଧ ଥାଏ। ପିଣ୍ଡ ପକାଇ ସାରି ଜନ୍ମଦାତ୍ରୀଙ୍କଠାରୁ ଅନୁମତି ନେଇ ଚାକିରିରୁ ଇସ୍ତଫା ଦେଇଦେଲେ। ସେତେ ବେଳକୁ ମାର୍ଚ୍ଚ ୨୩ ତାରିଖରେ ଗାନ୍ଧୀ ଆସିବା ସ୍ଥିର ହୋଇ ସାରିଥିଲା। ଗୋପବାବୁ ସେହି ସଭାର ଆୟୋଜନରେ ଲାଗି ପଡ଼ିଲେ। ତାଙ୍କର ସାଧାରଣ ଜନତାଙ୍କ ପ୍ରତି କର୍ତ୍ତବ୍ୟବୋଧ ପାଇଁ ସମସ୍ତେ ତାଙ୍କୁ ଲୋକବନ୍ଧୁ କହିବା ଆରମ୍ଭ କରିଦେଲେ। ଗାନ୍ଧୀଙ୍କ ଅନୁମୋଦନ କ୍ରମେ ଉତ୍କଳ କଂଗ୍ରେସ କମିଟି ଗଠନ କରାଗଲା। ଗୋପବନ୍ଧୁ ଦାସ ତା'ର ରାଜ୍ୟ ସଭାପତି ଓ ଗୋପବନ୍ଧୁ ଚୌଧୁରୀ ତା'ର ରାଜ୍ୟ ସମ୍ପାଦକ ହେଲେ। ଓଡ଼ିଶାର କୋଣ ଅନୁକୋଣରେ ଅସହଯୋଗ ଆନ୍ଦୋଳନ ପାଇଁ ଯୋଜନା କାର୍ଯ୍ୟକାରୀ ଚାଲିଲା। ବିଦେଶୀ ବସ୍ତ୍ର ବର୍ଜନ ସହିତ ଅରଟରେ ସୂତା କାଟିବା, ଲୁଗା ବୁଣିବା କାମ ସେ ମନପ୍ରାଣ ଦେଇ କରି ଚାଲିଲେ। ୧୯୨୨ରେ କାକିନାଡା କଂଗ୍ରେସ ଅଧିବେଶନରେ ଖଦି ବିଭାଗ ଆରମ୍ଭ ହୋଇଥିଲା। ଗୋପବାବୁ ତା'ର ଓଡ଼ିଶା ଶାଖାର ସମ୍ପାଦକ ହେଲେ। ନିଜ ଘରେ ତନ୍ତ ପକାଇଲେ ଓ ଲୁଗା ବୁଣିଲେ। ଏହା ସମସ୍ତ ଯୁବ ବର୍ଗଙ୍କୁ ଅନୁପ୍ରେରିତ କରିଥିଲା। ୧୯୨୪ରେ ବେଲଗାଁଓ କଂଗ୍ରେସରେ ସ୍ୱରାଜ୍ୟବାଦୀମାନଙ୍କୁ ସମର୍ଥନ କରି ପ୍ରସ୍ତାବ ଗୃହୀତ ହେଲା। କଂଗ୍ରେସ ଜନନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ଏରସମାରୁ ଗୋପବାବୁ ଜିଲ୍ଲା ବୋର୍ଡ ପ୍ରାର୍ଥୀ ହେଲେ। ବିଜୟ ଲାଭ କରି ଜିଲ୍ଲା ବୋର୍ଡ ଚେୟାରମ୍ୟାନ ହୋଇଥିଲେ। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଅଧିକ ସ୍କୁଲ ଖୋଲିବା, ପିଲାମାନଙ୍କର ହାତରେ ଅରଟ ଦେଇ ସୂତା କଟାଇବା, କୂଅ ଖୋଳାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଜିଲ୍ଲା ବୋର୍ଡର କାର୍ଯ୍ୟକାଳ ପୂରିଗଲା ପରେ ସେ ଗ୍ରାମ ସଂଗଠନରେ ମନୋନିବେଶ କରିଥିଲେ। ଅଲକା ଆଶ୍ରମକୁ କେନ୍ଦ୍ର କରି ଖଦିର ପ୍ରସାର କରିଥିଲେ। ୧୯୨୮ରେ ତାଙ୍କର ଗୁରୁ ତଥା ମାର୍ଗଦର୍ଶକ ଉତ୍କଳମଣିଙ୍କର ଦେହାନ୍ତ ହୋଇଥିଲା। ପୂର୍ଣ୍ଣ ସ୍ୱରାଜ୍ୟ ଘୋଷଣା ଅନୁସାରେ ସେ ୧୯୩୦ ଜାନୁଆରୀ ୨୬ ତାରିଖରେ ଜାତୀୟ ପତାକା ଉଡ଼ାଇ ଥିଲେ। ଲବଣ ସତ୍ୟାଗ୍ରହ ଆରମ୍ଭ ହେଲା। ୧୯୩୦ ମାର୍ଚ୍ଚ ୨୦ ତାରିଖ ଦିନ ଏଥିପାଇଁ ଗୋପବାବୁଙ୍କ ନେତୃତ୍ୱରେ କାଠଯୋଡ଼ି ପଠାରେ ବିରାଟ ସାଧାରଣ ସଭା ହୋଇଥିଲା। ଏପ୍ରିଲ ୬ ତାରିଖ ଦିନ ତାଙ୍କ ନେତୃତ୍ୱରେ ୨୦ ଜଣ ସତ୍ୟାଗ୍ରହୀ ଇଞ୍ଚୁଡି ଅଭିମୁଖେ ଲୁଣ ମାରିବାକୁ ବାହାରିଲେ। ଏପ୍ରିଲ ୮ ତାରିଖରେ କୁଶୁନପୁରଠାରେ ପୁଲିସ ତାଙ୍କୁ ଗିରଫ କରିଥିଲା। ଅବଶ୍ୟ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ସମାପନ ହୋଇଥିଲା। ଗାନ୍ଧୀ ଇରୱିନ ଚୁକ୍ତି ସ୍ୱାକ୍ଷର ହେଲା। ସମସ୍ତ ବନ୍ଦୀ ମୁକ୍ତ ହେଲେ। ଗୋପବାବୁ ମଧ୍ୟ ମୁକ୍ତ ହେଲେ। ଓଡ଼ିଶାରେ କଂଗ୍ରେସ ସମ୍ମିଳନୀ ପାଇଁ ଯୋଜନା ଆରମ୍ଭ ହେଲା। ଗାନ୍ଧୀ ୧୯୩୨ ଜାନୁଆରୀ ୪ ତାରିଖରେ ଗିରଫ ହେଲେ। ଏହା ପରେ ଗୋପବାବୁ ଗିରଫ ହେଲେ। ଇତି ମଧ୍ୟରେ ଗୋପବାବୁଙ୍କ ତ୍ୟାଗ ଓ ମଣିଷପଣିଆ ଅନୁଭବ କରି ସମଗ୍ର ଯୁବ ସ୍ୱାଧୀନତା ସଂଗ୍ରାମୀ ତାଙ୍କୁ ବାପା ବୋଲିବା ଆରମ୍ଭ କରି ଦେଇଥିଲେ। ସମସ୍ତଙ୍କ ହୃଦୟରେ ସେ ହୋଇ ଯାଇଥିଲେ ଓଡ଼ିଶାର ଗାନ୍ଧୀ। ଇଂରେଜମାନେ ହରିଜନ ଓ ସବର୍ଣ୍ଣମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। ଗାନ୍ଧିଜୀ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରି ଭାରତର ଏକତା ରକ୍ଷା କରିବାକୁ ଓ ହିନ୍ଦୁ ଧର୍ମ ମଧ୍ୟରେ ମାନବିକତାକୁ ସଚେତନ କରିବାକୁ ହରିଜନ ଯାତ୍ରା ଆରମ୍ଭ କରିଥିଲେ। ଓଡ଼ିଶାରେ ତାହା ପଦଯାତ୍ରାର ରୂପ ନେଲା। ଗୋପବନ୍ଧୁ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଏହାକୁ ସବୁ ଦୃଷ୍ଟିରୁ ସଫଳ କରାଇ ଥିଲା। ବରୀ ଅଞ୍ଚଳରେ ଉପଯୁକ୍ତ ରଚନାତ୍ମକ କାର୍ଯ୍ୟ କରାଗଲେ ସେଠାରେ ପ୍ରତି ପଦରେ ସୁନା ଝରିବ ବୋଲି ଗାନ୍ଧିଜୀ ତାଙ୍କୁ କହିଗଲେ। ସେଇ ବର୍ଷ ବରୀଠାରେ ଏକ ଆଶ୍ରମ କରି ସପରିବାର ସେ ରଚନାତ୍ମକ କାର୍ଯ୍ୟ ଆରମ୍ଭ କରିଥିଲେ। ରାଜନୈତିକ ସ୍ୱାଧୀନତା ତୁଳନାରେ ସାମାଜିକ ଜାଗରଣ ଓ ଅର୍ଥନୈତିକ ବିପ୍ଳବ ଉପରେ ଗାନ୍ଧୀ ଅଧିକ ଗୁରୁତ୍ୱ ଦେଉଥିଲେ। ସେ ଜାଣିଥିଲେ, ସ୍ୱାବଲମ୍ବୀ ମଣିଷ ଓ ସହନଶୀଳ ସମାଜ କେବେ ପରାଧୀନ ହୋଇ ପାରିବ ନାହିଁ। ତାଙ୍କ ପ୍ରେରଣାରେ ବରୀ ସେବାଘରେ ଗୋପବାବୁ ରାଜନୈତିକ ଚେତନା ବଢ଼ାଇବା ସହିତ ଉନ୍ନତ ଚାଷ ପ୍ରଣାଳୀ, ଗୋପାଳନ, ମହୁମାଛି ଚାଷ, ସୂତାକଟା, ଲୁଗାବୁଣା, ଖଜୁରି ଗୁଡ଼ ତିଆରି, ଚମଡ଼ା କାମ ଇତ୍ୟାଦି ତାଲିମ ଦେଲେ। ଜାତି ପ୍ରଥା ବିରୁଦ୍ଧରେ ମାନସିକତା ସୃଷ୍ଟି କରିବା ପାଇଁ ମାର୍ଗ ପ୍ରଦର୍ଶନ କଲେ।



**ଶ୍ରାଦ୍ଧବାର୍ଷିକୀ ଅବସରରେ**

ଏଇଠାରୁ ତାଲିମ ଓ ପ୍ରେରଣା ନେଇ ଉଭୟ ନାରୀ ଓ ପୁରୁଷ କର୍ମୀମାନେ ସାରା ଓଡ଼ିଶାରେ ବିଭିନ୍ନ ସ୍ଥାନରେ କର୍ମକ୍ଷେତ୍ର କରି ଗାନ୍ଧୀ ବିଚାରକୁ ଜନତାଙ୍କ ନିକଟରେ ପହଞ୍ଚାଇ କାର୍ଯ୍ୟକାରୀ କରାଇ ଥିଲେ। ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ବରୀ ଆଶ୍ରମର ଶିଷ୍ୟଗଣଙ୍କ ଅବଦାନ ଉଲ୍ଲେଖନୀୟ ଥିଲା। ଗୋପବାବୁ ବନ୍ଦୀ ହୋଇ ବ୍ରହ୍ମପୁର ଜେଲରେ ରହିଥିଲେ। ୧୯୪୪ରେ ଖଲାସ ହେଲେ। ପୁଣି ୩ ମାସ ଜେଲ ଦଣ୍ଡ ଭୋଗି ୧୯୪୫ରେ ଖଲାସ ହୋଇଥିଲେ। ଦେଶ ସ୍ୱାଧୀନ ହେବା ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା। ଏଣୁ ସେ ବାକି ଥିବା ରଚନାତ୍ମକ କାର୍ଯ୍ୟ ବରୀକୁ ଆସି ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କ ହତ୍ୟା ତାଙ୍କ ପାଇଁ ଦାରୁଣ ଦୁଃଖ ଥିଲା। କଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ସର୍ବୋଦୟ ସମାଜ ଗଠନ କରାଗଲା। ବିନୋବା ଓ ଜୟପ୍ରକାଶ ତା'ର ନେତୃତ୍ୱ ନେଇଥିଲେ। ପରେ ଭୂଦାନ ଓ ଗ୍ରାମଦାନ ହେଲା। ଗୋପବନ୍ଧୁ ଚୌଧୁରୀ ସେ ଆନ୍ଦୋଳନକୁ ଓଡ଼ିଶାରେ ସଫଳ କରାଇ ପାରିଥିଲେ। ପରିଣାମ ସ୍ୱରୂପ, ଆଜି ଲକ୍ଷ ଲକ୍ଷ ଭୂମିହୀନ ଚାଷୀ ହୋଇ ପାରିଛନ୍ତି। ସେମାନଙ୍କର ଆର୍ଥିକ ସମୃଦ୍ଧି ହୋଇଛି। ୧୮୯୫ ମେ' ମାସରେ ସେ ଜନ୍ମ ନେଇଥିଲେ ଓ ୧୯୫୯ ଏପ୍ରିଲ ୨୯ ତାରିଖରେ ଦେହତ୍ୟାଗ କରିଥିଲେ। ସେ ଥିଲେ ଲୋକବନ୍ଧୁ ଆଉ ଧୂଳିମାଟିର ସନ୍ଥ। ଇତିହାସ ସର୍ବଦା ତାଙ୍କ ପରି ଦେବ ଦୁର୍ଲଭ ମାନବଙ୍କ ଅପେକ୍ଷାରେ ରହିବ।

**ମୋ: ୯୯୩୭୮୬୩୫୨୮**

# ମନର ପୋଥି

ମନ ପୋଥିରେ ସୁଖ ଶାନ୍ତିର କଥା ଲେଖା ଅଛି। ମନ କ୍ଷେତରେ ସୁନା-ହୀରାର ଫସଲ ଫଳେ। ବୁଦ୍ଧିଆ ଲୋକଟିଏ ସୁଖ-ଶାନ୍ତି ଓ ସୁନା ହୀରାକୁ ସଂଗ୍ରହ କରିନିଏ। ବୋକା ମଣିଷଟିଏ କେବଳ ଦୁଃଖ, ଅଶାନ୍ତି ପାଖରେ ଅଟକି ଯାଏ। ଥରେ ମାତ୍ର ସେ ସୁନା ହୀରାର ସନ୍ଧାନ ପାଇଗଲେ ଆଉ ଦୁଃଖ ଅଶାନ୍ତିକୁ ମୁହଁ ଫେରାନ୍ତାନି। ଆମ ସୁଖ ଦୁଃଖର କାରଣ ଆମର ମନ। ନିଜ ପାଇଁ ଯେତିକି ସୁଖୀ, ପର ଚିନ୍ତା କରି ତା'ଠୁ ବେଶି ଦୁଃଖୀ ହେଉ। ନିଜର ଅଭାବ ଅପେକ୍ଷା ପରର ସୁବିଧା ବେଶୀ କଷ୍ଟ ଦିଏ। ଅନ୍ୟ ସହ ଆମେ ନିଜକୁ ସବୁବେଳେ ତୁଳନା କରୁ, ଯାହା ଆମ ଦୁଃଖ ବା ସୁଖର କାରଣ ହୁଏ। କିନ୍ତୁ ଆମକୁ ଏମିତି ଜୀବନ ନିଭେଇବାକୁ ହେବ, ଯେଉଁଠି ଅନ୍ୟ ଉପରେ ନୁହେଁ, ନିଜ ଉପରେ ହିଁ ଦୃଷ୍ଟି ରଖିବାକୁ ହେବ। ମନ ଏମିତି ଏକ କ୍ଷେତ, ଏଠି ଯାହା ବୁଣିଦେବ, ତାହା ଗଛ ହୋଇଯିବ। ଆମେ ତୁଳସୀ ଲଗେଇବା କି ବିଛୁଆତି ଲଗେଇବା, ତାହା ଆମ ଉପରେ ନିର୍ଭର କରେ।

ଚିନ୍ତନ

ପଦାରବିନ୍ଦ

ଗାଁ ଛାଡ଼ି ଗୋଟିଏ ଜାଗାରେ ରହୁଥିଲେ ଦୁଇ ପରିବାର। ଜୀବନ ଜୀବିକା ପାଇଁ ଭିଟାମାଟି ଛାଡ଼ିଥିଲେ। ଚାକିରିର ଅବଧି ମାତ୍ର ୨୦ ବର୍ଷ ଥିଲା। କିନ୍ତୁ ଦୁଇ ପରିବାର ଭିତରେ ଅନେକ ସମୟରେ ଝଗଡ଼ା ଲାଗେ। କେବେ ପାଣିକୁ ନେଇ ତ କେବେ ବିଜୁଳିକୁ ନେଇ। ପୁଣି କେବେ ବାଡ଼କୁ ଓ ବିଭିନ୍ନ ଜିନିଷକୁ ନେଇ। ଏମିତି ସ୍ଥିତି ହେଲା ଯେ ଉଭୟ ପରିବାରର ମହିଳାମାନେ ଖୁବ୍ ମାନସିକ ଚାପରେ ରହିଲେ। ନାନାଦି ରୋଗ ସୃଷ୍ଟି ହେଲା। ଏହା ଭିତରେ ୨୦ ବର୍ଷ ସମୟ ସରି ଯାଇଥିଲା। ଉଭୟ ବସା ଛାଡ଼ି ଗଲାବେଳେ ମନରେ ଅବସୋସ ଥିଲା- ସୁଖ ସୁବିଧା ପାଇଁ ଗାଁ ଛାଡ଼ି ଆସିଲୁ, କିନ୍ତୁ ପୁଳାଏ ରୋଗ ସାଥୀରେ ନେଉଛୁ। ଅବଶିଷ୍ଟ ଜୀବନର ସୁଖ ବି ହଜି ଯାଇଛି।

ଏ ଘଟଣା ଉଦାହରଣ ମାତ୍ର। ଏମିତି ଅନେକ ପରିବାରରେ ହୁଏ। କେବେ ପଡ଼ିଶାଙ୍କ ପାଇଁ ଅଶାନ୍ତି ତ କେବେ ବନ୍ଧୁ-ବାନ୍ଧବଙ୍କ ପାଇଁ ଘରେ କଳହ। ଯେତିକି ଶାନ୍ତି ଖୋଜୁ, ସେତିକି ଅଶାନ୍ତିର ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇଯାଉ। ଶାନ୍ତିରେ ରହିବାକୁ ମହାପୁରୁଷମାନେ ବହୁ ଉପାୟ କହିଛନ୍ତି। ଆମେ ଶୁଣୁ, ଜାଣୁ, ପାଳନ କରି ପାରୁନା। ଥରେ ଗୁରୁଜୀ ପିଲାମାନଙ୍କୁ ମ୍ୟୁଜିୟମ ଦେଖେଇବାକୁ ନେଇଥିଲେ। ସେଠି ଅନେକ ମୂର୍ତ୍ତି ଓ କାରୁକାର୍ଯ୍ୟ ସାଇତା ହୋଇଥିଲା। ପିଲାମାନେ ଗୁରୁଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି। ଏତିକି ବେଳେ ଆଉ ଗୋଟିଏ ନୂଆ ମୂର୍ତ୍ତି ଅଣାଗଲା। ମୂର୍ତ୍ତିକୁ ପ୍ୟାକେଟ୍‌ରୁ ଖୋଲି କାଚ ବାକ୍ସରେ ରଖାଗଲା। ପ୍ୟାକେଟ୍ ହୋଇଥିବା ଅଳିଆକୁ ଫିଙ୍ଗି ଦିଆଗଲା। ଗୁରୁଜୀ ପିଲାମାନଙ୍କୁ କହିଲେ- ମ୍ୟୁଜିୟମ ଭିତରେ ଏ ବି ଏକ ଶିକ୍ଷା। କିଛି ଚିରା କାଗଜ ଓ ନଡ଼ା କୁଟା ଭିତରେ ଅତ୍ୟନ୍ତ ଦରକାରୀ ମୂର୍ତ୍ତି ଥିଲା। ମୂର୍ତ୍ତିଟି ବାହାରି ଗଲେ ନଡ଼ା, କାଗଜ ଅଳିଆ ସାବ୍ୟସ୍ତ ହୁଏ। ସେମିତି କିଛି ମନ୍ଦ ଭିତରେ ବି କିଛି ଭଲ ଲୁଚା ଯାଇଥାଏ। କାହାର ମନ୍ଦ ଗୁଣକୁ କାଢ଼ି ଫିଙ୍ଗିଦେଇ ଭଲ ଗୁଣକୁ ସାଇତି ରଖିଲେ ଆମ ମନ ଗୋଟିଏ ଦର୍ଶନୀୟ ସ୍ଥାନ ହୋଇଯିବ। ଆମକୁ ଅନେକ ଲୋକ ଆଦର ସମ୍ମାନ କରିବେ। ବଡ଼ ହେବା ପାଇଁ ଅଳିଆ ଗଦା ନୁହେଁ; ସୋ' କେଶ୍ ହେବା ଜରୁରୀ।

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

**ଉଦ୍ଧାର କୁଟ୍‌ରା ବନବିଭାଗକୁ ହସ୍ତାନ୍ତର**

**କଣ୍ଟିଲୋ,୨୮।୪/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନ ପାଣ୍ଡୁସାହୁ ପାଟଣା ୱାର୍ଡ ନମ୍ବର୍ ୨୩କୁ ନିକଟସ୍ଥ ଜଙ୍ଗଲରୁ ଏକ କୁଟ୍‌ରା ବାଟବଣା ହୋଇ ପଶିଆସିଥିଲା। ଏହା ଦେଖି ଉପସ୍ଥିତ ଲୋକମାନେ ମିଳିତ ଭାବେ କୁଟ୍‌ରାକୁ ଧରିବାକୁ ଉଦ୍ୟମ କରିବା ସମୟରେ ନିକଟରେ ଥିବା ସ୍କୁଲ ଭିତରକୁ ପଶିଯାଇଥିଲା। ତୁରନ୍ତ ଉପସ୍ଥିତ ଥିବା ଗ୍ରାମବାସୀମାନେ ତାକୁ କାବୁ କରିନେଇଥିଲେ। ଖବର ପାଇ କଣ୍ଟିଲୋ ବନପାଳ ବିଜୟ କୁମାର ପ୍ରଧାନ, ଖଣ୍ଡପଡ଼ା ପାରା ଷ୍ଟାଫ୍ ରମେଶ କୁମାର ଦାସ, ପ୍ରମୋଦ କୁମାର କୋଠାଳ, ସାରଥ ଦାସ ଓ ବିପିନ ପରିଡ଼ା ପହଞ୍ଚି କୋଟ୍‌ରାକୁ ପରୀକ୍ଷା କରିବା ପାଇଁ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। କୋଟରା ଦେହରେ କିଛି ସ୍ଥାନରେ ଆଘାତ ଲାଗିଥିବା ଜାଣିବା ପରେ ପ୍ରାଥମିକ ଚିକିତ୍ସା କରାଯାଇ କୋଟରାକୁ ବନବିଭାଗକୁ ହସ୍ତାନ୍ତର କରାଯାଇଥିଲା।



# ହାତରେ ତ୍ରିରଙ୍ଗା ଧରି ପାକିସ୍ତାନ ପତାକା ପୋଡ଼ିଲେ



**ବଲଙ୍ଗା,୨୮।୪/ଏନ୍‌ଏନ୍‌ଏସ୍:** ରାସ୍ତା ମଝିରେ ଜଳିଲା ପାକିସ୍ତାନ ପତାକା। ପାକିସ୍ତାନକୁ କଡ଼ା ଜବାବ ଦିଅ। ହାତରେ ତ୍ରିରଙ୍ଗା ପାଦରେ ପାକିସ୍ତାନ ପତାକା, ନିଆରା ପ୍ରତିବାଦ କରିଛନ୍ତି ବଲଙ୍ଗା ନୂଆଗୋପାଳପୁର ବାସିନ୍ଦା। ଜାମ୍ମୁ କାଶ୍ମୀରର ପହଲଗାମ୍‌ରେ ଘଟିଥିବା ଆତଙ୍କୀଙ୍କ କାର୍ଯ୍ୟକଳାପକୁ କଡ଼ା ନିନ୍ଦା କରିଛନ୍ତି ପୁରୀ ନିମାପଡ଼ା ବ୍ଲକ ବଲଙ୍ଗା ଥାନା ଅଞ୍ଚଳସ୍ଥିତ ନୂଆ ଗୋପାଳପୁର ଗାଁର ମୁସଲିମ୍ ଯୁବକମାନେ। ପାକିସ୍ତାନ ପତାକାକୁ ରାସ୍ତା ଉପରେ ପୋଡ଼ିବା ସହ ପାଦରେ ଦଳିଥିଲେ ଏହି ମୁସଲିମ୍ ଯୁବକମାନେ। ଭାରତ ମାତା କି ଜୟ ଓ ପାକିସ୍ତାନ ମୁର୍ଦ୍ଦାବାଦ୍‌ରେ ଫାଟିପଡ଼ିଥିଲା ସାରା ଅଞ୍ଚଳ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ମିର ଇସ୍ରାଦ ଅଲ୍ଲୀ, ରିଆଜତ୍ ଅଲ୍ଲୀ, ସୋଲେମାନ ସାହା, ମିର୍ ନୌସାଦ ଅଲ୍ଲୀ, ସାଦିକ ହୁସେନ, ରାଜୁନୁ ସାହା, କବିର ମହମଦ, ବବୁଲ ସାହା, ଗୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁବାବୁଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ



**ବେଗୁନିଆ,୨୮।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଆଦର୍ଶ କ୍ଲବ୍ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ପୁଣ୍ୟ ଜନ୍ମତିଥି ଅବସରରେ 'ସ୍ୱାଭିମାନ ଦିବସ' ପାଳିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ କ୍ଲବ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ର ପୌରୋହିତ୍ୟ କରିଥିଲେ। ପଣ୍ଡିତ ବିଷ୍ଣୁପ୍ରସାଦ କରଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ଏହି ଦିବ୍ୟ ପୁରୁଷଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ମଧୁବାବୁଙ୍କ ରଚିତ 'ଉତ୍କଳ ସନ୍ତାନ' କବିତାକୁ ଶ୍ରାବ୍ୟ ଉପକରଣ ମାଧ୍ୟମରେ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିବା ସହ 'ସନ୍ତାନର ଉକ୍ତି' କବିତା ଗାନ କରିଥିଲେ। ଏହି ଅବସରରେ ସଭାପତି ସମସ୍ତଙ୍କୁ ସ୍ୱାଭିମାନ ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ କରାଇଥିଲେ। ଏଥିରେ ସ୍ଥାନୀୟ ତହସିଲଦାର ତାପସ କୁମାର ବିଶି ମୁଖ୍ୟ ଅତିଥି, ବାଗ୍ମୀ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତା, ବିଶିଷ୍ଟ ରସାୟନବିଜ୍ଞାନୀ ପ୍ରଫେସର ଡ. ହରିପ୍ରସାଦ ଦାସ ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମଧୁବାବୁ ଜଣେ ଅଦ୍ୱିତୀୟ ଓ ଯୋଗଜନ୍ମା ଓଡ଼ିଆ ଭାବରେ ଦେଶ ଓ ଦେଶ ବାହାରେ ଓଡ଼ିଶାର ସ୍ୱରକୁ ନିରନ୍ତର ସ୍ପର୍ଦ୍ଧିତ ଓ ଶାଣିତ କରି ଜାତିର ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରଖିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କବୟିତ୍ରୀ ମାନସୀ ଦାସ, ବାସନ୍ତୀ ପ୍ରଧାନ, ଶିକ୍ଷାବିତ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ବସନ୍ତ କୁମାର ହୋତା, ପତିତପାବନ ବଳବନ୍ତରାୟ, ଅଶ୍ୱିନୀ ପଟ୍ଟନାୟକ, କୈଳାସ ନାଥ ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ବାରିକ, ପଣ୍ଡିତ ଦୀନବନ୍ଧୁ ଦାଶ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି ବିଶ୍ୱନାଥ ସାହୁ, ରାଜକିଶୋର ସାହୁ, ସବିତା ରାୟ, ଶୈଳ ସାହୁ, ପିତାମ୍ବର ସାହୁ ଓ ଭ୍ରମର ଦାସ ପ୍ରମୁଖ ବହୁ ମଧୁପ୍ରେମୀ ଜନସାଧାରଣ ଯୋଗଦେଇଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କଲାବେଳେ କବିକେତନ ଗୌରଚରଣ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

**ପୁରୀ,୨୮।୪/ଏନ୍‌ଏନ୍‌ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱତନ୍ତ୍ର ଓଡିଶା ଗଠନ, ଭାଷା ସୁରକ୍ଷା ରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା, ମନୀଷା ଷଡ଼ଙ୍ଗୀ, ସହଦେବ ସାହୁ, ବିବେକାନନ୍ଦ ସାହୁ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ଉପ ନିର୍ଦ୍ଦେଶକ ଉଦ୍ୟାନ ମଞ୍ଜୁଳା ରଥ, ଆରଟିଓ ରବିନ ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ୱାଟକୋ ନିର୍ବାହୀ ଯନ୍ତ୍ରୀ ବିକ୍ରମ ରାଉତ, ଏଆରସିଏସ ସ୍ୱରୂପ କର, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଜାଗୃତିକା ତରଫରୁ ମଧୁ ଜୟନ୍ତୀ



**ଚିଲିକା,୨୮।୪/ଏନ୍‌ଏନ୍‌ଏସ୍:** ନାରୁଣୀର ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଜାଗୃତିକା ସୌଜନ୍ୟରେ ସଂପାଦକ ବିରଞ୍ଚି ନାରାୟଣ ପ୍ରସାଦ ନାୟକଙ୍କ ସଂଯୋଜନା ଓ ପ୍ରାକ୍ତନ ଏବିଡିଓ କାଲୁ ଚରଣ ସାମନ୍ତରାୟଙ୍କ ସଭାପତିତ୍ୱରେ ବୃଷଭଛକ ଠାରେ ପହଲଗାମ ହତ୍ୟାକାଣ୍ଡରେ ଜୀବନ ଦେଇଥିବା ମୃତକଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ନିରବ ପ୍ରାର୍ଥନା କରାଯିବା ସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଧୁବାବୁଙ୍କ ଦେଶପ୍ରେମ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ଜାଗୃତିକାର ସଭାପତି ଗଙ୍ଗାଧର ପ୍ରଧାନ, ଭଗବତୀ ମଣ୍ଡଳ ପାଲା ଗାୟକ ସଂସଦର ସଭାପତି ରମେଶ ଚନ୍ଦ୍ର ପାତ୍ର, ଶିକ୍ଷାବିତ୍ ପଠାଣି ବଳବନ୍ତରାୟ, ଶିକ୍ଷକ ବସନ୍ତ କୁମାର ସାହୁ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ମର୍ଦ୍ଦରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଚିଲିକା ପୂଜ୍ୟପୂଜା ସଂସଦ ସଭାପତି ଦିଲ୍ଲୀପ କୁମାର ଶତପଥୀ, ପଣ୍ଡିତ ଭବାନୀ ଶଙ୍କର ମହାପାତ୍ର, ସଙ୍ଗୀତଜ୍ଞ ଅଜିତ୍ ମିଶ୍ର, ନିରୋଦ ମହାପାତ୍ର, ଗୌରୀଶଙ୍କର ମହାପାତ୍ର, ପୁରୁଷୋତ୍ତମ ମିଶ୍ର ଓ ସଂଗ୍ରାମ କେଶରୀ ବଳବନ୍ତରାୟ ପ୍ରମୁଖ ମଧୁ ବାବୁଙ୍କ ଦେଶ ପ୍ରେମ ଉପରେ ବକ୍ତବ୍ୟ ଦେଇଥିଲେ।

## ଆର୍‌ଏସ୍‌ଏସ୍‌ର ପ୍ରାରମ୍ଭିକ ବର୍ଗ

**ଖଣ୍ଡପଡ଼ା,୨୮।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ସହରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାରମ୍ଭିକ ବର୍ଗ କାର୍ଯ୍ୟକ୍ରମ ଗତ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଆରଏସଏସ ସଂଘ ଚାଳକ ହେମନ୍ତ ଖୁଂଟିଆ, ହରପ୍ରସାଦ ରଣସିଂହ, ଜିତେନ୍ଦ୍ର କୁମାର କାଟିଆ, ଚରଣ ସାହୁ, ଲକ୍ଷ୍ମଣ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଧିନ ବିଭିନ୍ନ ପଂଚାୟତରୁ ୬୪ ଜଣ ସ୍ୱୟଂ ସେବକ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସ୍ୱୟଂ ସେବକମାନଙ୍କୁ ମାର୍ଗଦର୍ଶନ କରାଯିବା ସହ ଦେଶ ଗଠନରେ ଆର୍‌ଏସ୍‌ଏସ୍‌ର ଭୂମିକା ନେଇ କାର୍ଯ୍ୟକର୍ତ୍ତାମାନେ ଆଲୋକପାତ କରିଥିଲେ। ସେହିପରି ଦେଶର ଅଖଣ୍ଡତା, ସଂସ୍କୃତିକୁ ରକ୍ଷା କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣକରି ୧୦୦ବର୍ଷରେ ଆର୍‌ଏସ୍‌ଏସ୍ ପଦାର୍ପଣ କରିଥିବା ନେଇ ସଂଘ ଚାଳକମାନେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନବାଗତ ସ୍ୱୟଂ ସହାୟକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ପହଲଗାମ୍ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**ଫୁଲନଖରା,୨୮।୪/ଏନ୍‌ଏନ୍‌ଏସ୍:** କଟକ ସଦର ଥାନା ଅନ୍ତର୍ଗତ ଆଞ୍ଚଳିକ ଶାନ୍ତି କମିଟି ଆନୁକୂଲ୍ୟରେ ପହଲଗାମ୍ ମୃତକଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ନିମାଇଁଚରଣ ଲେଙ୍କାଙ୍କ ଅଧକ୍ଷତାରେ ପ୍ରତାନଗରୀସ୍ଥିତ ଧାକୁଲେଈ ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଦେଷ୍ଟା ଡକ୍ଟର ଶରତକୁମାର ରଥ, ସୁରେନ୍ଦ୍ରନାଥ ଛୋଟରାୟ ଓ ଶ୍ରୀ ସନ୍ନ୍ୟାସୀଜୀ, ସମ୍ପାଦକ ତଥା ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଆଇନଜୀବୀ କବିନାରାୟଣ ଜେନା, ବିକ୍ରମ କେଶରୀ ଶତପଥି, ପ୍ରଦ୍ୟୁମ୍ନକୁମାର ପତି, ଚନ୍ଦ୍ରମଣି ପ୍ରଧାନ, କୌଶିକ ଜେନା, ବାଦଲକୁମାର ଜେନା, କୋଷାଧକ୍ଷ ସୁଶାନ୍ତ ମହାନ୍ତି, କ୍ଷୀରୋଦ ପଟ୍ଟନାୟକ, ମଦନ ବେହେରା, ଧନେଶ୍ୱର ଜେନା, ମହେଶ୍ୱର ଭଞ୍ଜ, ରାଜକିଶୋର ବେହେରା, ଅଜୟକୁମାର ଦାଶ, ଆଦିତ୍ୟ ଛୋଟରାୟ, ପ୍ରତାପକେଶରୀ ପାତ୍ର ଓ ବିଶ୍ୱରଂଜନ ଦାସ ପ୍ରମୁଖ ଯୋଗଦେଇ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣକୁ ତୀବ୍ର ଭର୍ତ୍ସନା କରିବା ସହିତ ନିରୀହ ତଥା ନିରସ୍ତ୍ର ପର୍ଯ୍ୟଟକଙ୍କ ପ୍ରତି ଏପରି ଅମାନବୀୟ କାର୍ଯ୍ୟକୁ ସମସ୍ତେ ଏକ ସ୍ୱରରେ ନିନ୍ଦା କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୃତକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇଥିଲା। କମିଟି କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ସ୍ୱାଧିନଚେତା ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ଯୁଗ୍ମ ସମ୍ପାଦକ ତଥା ଆଇନଜୀବୀ ନଳୀନ ସେନାପତି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପୁରାତନ ବିଦ୍ୟାର୍ଥୀ ପରିଷଦର ମହମ୍‌ବତୀ ଶୋଭାଯାତ୍ରା



**ନିଶ୍ଚିନ୍ତକୋଇଲି,୨୮।୪/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାଲକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜାମ୍ମୁ କାଶ୍ମୀର ଅନନ୍ତନାଗ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ପହଲଗାମ୍ ବୈସରନ୍ ଘାଟିରେ ହୋଇଥିବା ବର୍ବରୋଚିତ ଆକ୍ରମଣର ପ୍ରତିବାଦ ଏବଂ ଏଥିରେ ମୃତ୍ୟୁବରଣ କରିଥିବା ୨୬ଜଣ ମୃତକଙ୍କ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମହମବତୀ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରାତନ ବିଦ୍ୟାର୍ଥୀ ପରିଷଦ ସଭାପତି ଗୌତମ ଚରଣ ଦାସଙ୍କ ନେତୃତ୍ୱରେ ସଂପାଦକ ସୁରେନ୍ଦ୍ରନାଥ ରାଉତଙ୍କ ସଂଯୋଜନାରେ ଏଥିରେ ବହୁ ପୁରାତନ ବିଦ୍ୟାର୍ଥୀମାନେ ଯୋଗଦେଇ ହାତରେ ମହମବତୀ ଧରି ଆତଙ୍କବାଦ୍ ବିରୋଧୀ ସ୍ଲୋଗାନ ଦେଇ ଜିଗ୍ନିପୁର ବଜାର ଓ ସ୍ଥାନୀୟ ଗ୍ରାମ ପରିକ୍ରମା କରି ବଳଦେବଜିଉ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ପୂଜକଙ୍କ ସହଯୋଗରେ ମୃତକଙ୍କ ପରିବାରଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ଦୀପଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଦ୍ୟାର୍ଥୀ ପଦ୍ମଚରଣ ଆଚାର୍ଯ୍ୟ, ନାରାୟଣ ଭାରତୀ, କମଳା ବସ୍ତିଆ , ପଦ୍ମଲୋଚନ ରାଉତ, ଜଗବନ୍ଧୁ ବିଶ୍ୱାଳ, ଇଂ. ଚନ୍ଦନ କୁମାର ରାଉତ, ଦୀପକ ପରିଡା, ତାପସ ଦାସ, ଗଣେଶ୍ୱର ରାଉତ, ନିତ୍ୟାନନ୍ଦ ସ୍ୱାଇଁ, ଅଶୋକ ରାଉତ, ଜିତେନ୍ଦ୍ର ସ୍ୱାଇଁ, ତପନ ଜେନା, ପ୍ରଭାତ କୁମାର ପତି ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀକ୍ଷେତ୍ର ଓପନ୍ ୟୁନିଟ୍ ପକ୍ଷରୁ ମହମବତୀ ଶୋଭାଯାତ୍ରା




**ପୁରୀ,୨୮।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ସହ ଅନୁବନ୍ଧିତ ପୁରୀର ସର୍ବପୁରାତନ ରୋଭାର ୟୁନିଟ ଶ୍ରୀକ୍ଷେତ୍ର ଓପନ ୟୁନିଟ ପକ୍ଷରୁ ଜମ୍ମୁ କାଶ୍ମୀର ସ୍ଥିତ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୟୁନିଟ ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନଙ୍କ ନେତୃତ୍ୱରେ ଏହି ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୟୁନିଟର ସଦସ୍ୟମାନେ ଆକ୍ରମଣରେ ପ୍ରାଣବଳି ଦେଇଥିବା ବ୍ୟକ୍ତିଙ୍କ ଆମର ଆତ୍ମାର ସଦ୍‌ଗତି କାମନା କରି ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। ପରେ ପର୍ଯ୍ୟଟକ ଉପରେ ଆତଙ୍କବାଦୀଙ୍କ ଆକ୍ରମଣକୁ ନିନ୍ଦା କରି ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ମହମବତୀ ଶୋଭଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ରୋଭର ମନୋଜ କୁମାର ସାମନ୍ତ, ଗୋପାଳ ଚନ୍ଦ୍ର ଘଡ଼େଇ, ମଳୟ ରଞ୍ଜନ ଦାଶ, ପ୍ରସନ୍ନଜିତ୍ ଦେବନାଥ, ଅର୍ଜୁନ ନାୟକ , ପ୍ରିତମ୍ ପାଲଟାସିଂହ, ପ୍ରୟାସ କୁମାର ମହାପାତ୍ର, ରେଞ୍ଜର ଆରତୀ ମହାନ୍ତି, ପୁଷ୍ପଲତା ମୁଦୁଲି , ସୁଭାଷିନୀ ପରିଡ଼ା, ସିମ୍ରନ୍ ଜେନା, ବିଜୟଲକ୍ଷ୍ମୀ ସ୍ୱାଇଁ, ମାନସୀ ଭୂଇଆ, ତ୍ରିଶା ଦଳାଇ, ତେଜସ୍ୱିନି ଦାଶ ଓ ଭାଗ୍ୟଶ୍ରୀ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। ଆସିଷ୍ଟାଣ୍ଟ ଲିଡର ଅଜିତ୍ କୁମାର ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ।

## ବନମାଳୀ ଦାସ ସ୍ମୃତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ବାଲିଗୁଆଳି ଚାମ୍ପିଅନ୍

**ପୁରୀ,୨୮।୪/ଏନ୍‌ଏନ୍‌ଏସ୍:** ପୁରୀର ବନମାଳୀ ଦାସ ୱେଲ୍‌ଫେୟାର ଓ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ ଓ ମାଆ ଆଲବାଇ କ୍ରିକେଟ କ୍ଲବ୍ ପକ୍ଷରୁ ଇଞ୍ଚଳ ଠାରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବାଲିଗୁଆଳିର ମହାବୀର କ୍ଲବ, ମାଆ ଆଲବାଇ କ୍ରିକେଟ କ୍ଲବ୍‌କୁ ହରାଇ ବନମାଳୀ ଦାସ ସ୍ମୃତି ଚାମ୍ପିଅନ୍ ହୋଇଛି। ଏହି ଅବସରରେ ବାବା ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ନିକଟରେ ଫାଉଣ୍ଡେସନର ସଂପାଦକ ତଥା ଜଗନ୍ନାଥ ବଲ୍ଲଭ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧିବକ୍ତା ସଂଗ୍ରାମ ଦାସଙ୍କ ପରିଚାଳନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମାଜସେବୀ ସ୍ନେହଲତା ଦାସ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଭୁବନି ବରାଳ ଓ କ୍ରୀଡାବିତ୍ ଡକ୍ଟର ବଦ୍ରି ମିଶ୍ର ମିଳିତ ଭାବେ ଉଦ୍‌ଘାଟନ କରିବା ସହ ଚମ୍ପିୟାନ, ରନର୍ସଅପ୍ ଦଳକୁ ସ୍ୱର୍ଗତ ଗୋବର୍ଦ୍ଧନ ପାଣି ଟ୍ରଫି ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ପ୍ରାରମ୍ଭରେ ଅନୁଷ୍ଠାନ ତରଫରୁ ଯୁବଗୋଷ୍ଠୀଙ୍କ ସହଯୋଗରେ ଚାରାବଣ୍ଟନ, ଖାଦ୍ୟବଣ୍ଟନ ଓ ଗୀତା ବଣ୍ଟନ ଆଦି କରାଯାଇଥିଲା। ଏଥିରେ ଇନା ଦାଶ ଓ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ମିଳିତ ସହଯୋଗ ରେ ଓଡ଼ିଶୀ ନୃତ୍ୟ ଓ ଗୀତିନାଟ୍ୟ ପରିବେଷଣ ହୋଇଥିଲେ। ଏହାକୁ ସଞ୍ଚାଳନ କରିଥିଲେ ଗୁଣନିଧି ପାଣି। ଏଥିରେ ପୁରୀ ସଦର ଥାନା ଅଧିକାରୀ, ବିନୟ ନୃସିଂହ ମହାପାତ୍ର ଓ ସଂଗ୍ରାମ ପାଟସାଣୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ବଲଙ୍ଗାରେ ମଧୁବାବୁଙ୍କ ଜୟନ୍ତୀ



**ବଲଙ୍ଗା,୨୮।୪/ଏନ୍‌ଏନ୍‌ଏସ୍:** ସୋମବାର ଅପରାହ୍ନରେ ବଲଙ୍ଗାସ୍ଥ ମୋହିନୀ ମୋହନ ଶିକ୍ଷକ ଭବନରେ ଭାର୍ଗବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁବାବୁଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ ପାଳନ ଅବ୍ୟବହିତ ପୂର୍ବରୁ କାଶ୍ମିରୀର ପେହଲଗାମ୍‌ରେ ଘଟିଯାଇଥିବା ବର୍ବରୋଚିତ ହତ୍ୟାକାଣ୍ଡରେ ସହିଦ ହୋଇଥିବା ବ୍ୟକ୍ତି ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧକ୍ଷତାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ, ଶିକ୍ଷକ ଗଙ୍ଗାଧର ପ୍ରଧାନ ଶିକ୍ଷକ ସରୋଜ କୁମାର ଦେଓ, ପ୍ରସନ୍ନ କୁମାର ସତପଥୀ ଶିକ୍ଷକ ରବିନ୍ଦ୍ର କୁମାର ଦାସ, ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା, ଲକ୍ଷ୍ମୀଧର ପୃଷ୍ଟି, ନାରାୟଣ ମନୋହରୀ ଉପସ୍ଥିତ ରହି ଉତ୍କଳ ଗୌରବ ମଧୁବାବୁଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

**ତୁଷାରକାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ପଞ୍ଚସଖାକୁ ହରାଇ କାକଟପୁର ସେମିରେ

**ଅସ୍ତରଙ୍ଗ,୨୮।୪/ଏନ୍‌ଏନ୍‌ଏସ୍:** କାକଟପୁର ପଛ ପଡିଆ ମିନିଷ୍ଟାଡିଅମଠାରେ ଚାଲିଥିବା ଦ୍ୱିତୀୟ ବାର୍ଷିକୀ ତୁଷାରକାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର୍ ଫାଇନାଲ ମ୍ୟାଚରେ ପଞ୍ଚସଖା କ୍ରିକେଟ କ୍ଲବ ସାକ୍ଷୀଗୋପାଳକୁ ହରାଇ କାକଟପୁର ମଙ୍ଗଳା କ୍ରିକେଟ ଏକାଡେମୀ ସେମିରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ମଙ୍ଗଳା କ୍ରିକେଟ ଏକାଡେମୀ ନିର୍ଦ୍ଧାରିତ ୨୦ଓଭରରେ ୭ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ୧୮୨ ରନ୍‌ର ବିଜୟଲକ୍ଷ୍ୟ ନେଇ ପଞ୍ଚଶଖା କ୍ରିକେଟ କ୍ଲବ ମାତ୍ର ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୯୪ରନ ସଂଗ୍ରହକରି ପରାସ୍ତ ହୋଇଥିଲା। ମଙ୍ଗଳା ଏକାଡେମୀର ରମେଶ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ରମେଶ ପ୍ରଧାନ ଓ ତ୍ରିଭୁବନ ଦାଶ। ଅତିଥି ଭାବେ ପ୍ରକାଶ ଦାଶ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଆୟୋଜିତ କ୍ଲବ ପକ୍ଷରୁ ଅଭିଷେକ, ଅରିନ, ଅମ୍ଲାନ, ଲୁଡୁ, ଡେଭିଡ, ବବୁଲ, ଜଗନ, ଚନ୍ଦନ, ପବିତ୍ର, ସ୍ମୃତି ଓ ସୂର୍ଯ୍ୟକାନ୍ତ ସହଯୋଗ କରିଥିଲେ।

# ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ



**ସାଲେପୁର,୨୮।୪/ଏନ୍‌ଏନ୍‌ଏସ୍:** ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫର୍ମାସି ଆଣ୍ଡ ଟେକ୍ନୋଲୋଜିର ୪୨ତମ ବାର୍ଷିକ ଉତ୍ସବ ସେଲେଷ୍ଟିଆ ୨୦୨୫ ଆଜି ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରବୀର କୁମାର ସିହ୍ନାମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡ଼ଃ ପତିତପାବନ ମହାନ୍ତି ଓଲଟପୁର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଫାର୍ମାସିଷ୍ଟମାନଙ୍କ ଭୂମିକା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ଼ଃ ସଂଘମିତ୍ରା ଭଞ୍ଜ ଯୋଗଦେଇ ସେବା ଓ କର୍ମହିଁ ମାନବଙ୍କ ପରମ ଧର୍ମ କହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରେ ସଭାରେ ଉପସ୍ଥିତ ପରିଚାଳନା କମିଟିର ସଭ୍ୟ ଡ଼ଃ ଉପେନ୍ଦ୍ର କୁମାର ମହାନ୍ତି, ପୃଥିବୀ ବଲ୍ଲଭ ପଟ୍ଟନାୟକ, ସତ୍ୟନାରାୟଣ ଦାସ, ଭାରତ ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କଲେଜର ଭିତ୍ତିଭୂମି ଓ ବିକାଶ ପାଇଁ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଦେଇ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ପ୍ରଥମେ ପରିଚାଳନା କମିଟିର ସଭାପତି ଦେବୀପ୍ରସାଦ ଦାସ ଅତିଥିମାନଙ୍କ ସହିତ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଇ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବରେ ଅନୁଷ୍ଠାନର ଆଣ୍ଥେମ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଡ଼ଃ ପ୍ରବୀର କୁମାର ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ସହିତ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ତରଫରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ପରିଚାଳକ ଡ଼ଃ ଅଶ୍ୱିନୀ କୁମାର ସେନାପତି ସଭାକୁ ସୁଚାରୁ ରୂପେ ପରିଚାଳିତ କରିଥିଲେ। ମିସ୍ ଶ୍ୟାମଳୀ ଶତପଥୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଯାପିତ



**ବେଗୁନିଆ,୨୮।୪/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାରପଡା ଗ୍ରାମରେ ଚାରିଦିନ ଧରି ଚାଲିଥିବା ତୃତୀୟ ବାର୍ଷିକ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟବକ୍ତା, ଜିଲ୍ଲାପରିଷଦ ସଭ୍ୟ ଅନାଦି ସାହୁ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ସମ୍ପାଦକ ଦିବ୍ୟ ଲୋଚନ ବିଶ୍ୱାଳ, ସାମାଜିକକର୍ମୀ ଲକ୍ଷ୍ମୀପ୍ରିୟା ପଣ୍ଡା, ମାନସ ରଞ୍ଜନ ବାହୁବଳେନ୍ଦ୍ର, ବିଜୟ କୁମାର ରାଉତରାୟ ସଂଯୋଜନା କରୁଥିଲେ ଶିକ୍ଷକ ଜାମ୍ବେଶ୍ୱର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ ରତିକାନ୍ତ କହଲସିଂହ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ପକ୍ଷରୁ ଏବଂ ସ୍ଥାନୀୟ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଭିନେତା ପପୁ ପମ୍‌ପମ୍‌ଙ୍କ ଦ୍ୱାରା ହାସ୍ୟ ଅଭିନୟ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ।

# ସଚେତନ ନାଗରିକ ମଞ୍ଚ ପକ୍ଷରୁ କ୍ୟାଣ୍ଡଲ୍ ଶୋଭାଯାତ୍ରା




**ପିପିଲି,୨୮।୪/ଏନ୍ଏନ୍ଏସ୍:** କାଶ୍ମୀର ପହଲଗାମ ରେ ପ୍ରାଣ ହରାଇଥିବା ନିରୀହ ପର୍ଯ୍ୟଟକ ମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ସନ୍ଧ୍ୟା ସମୟରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ପିପିଲିରେ କ୍ୟାଣ୍ଡଲ ଶୋଭାଯାତ୍ରା ହୋଇଯାଇଛି। ସଂଗଠନର ସଭାପତି ଆଇନଜୀବୀ ସୁରେଶ କୁମାର ରଥଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ହୋଇଥିବା ବେଳେ ପିପିଲି ହାଟଛକ ଠାରୁ ଏକ ପଦଯାତ୍ରାରେ ବାହାରି ପିପିଲି ବଜାର ପରିକ୍ରମା ସହ ପେଟ୍ରୋଲ ପମ୍ପ ଛକଠାରେ ପହଞ୍ଚିଥିଲା। ଏହାସହ କାଶ୍ମୀର ପହଲଗାମ୍‌ଠାରେ ନିରୀହ ପର୍ଯ୍ୟଟକମାନଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଆତଙ୍କବାଦୀ ସଂଗଠନକୁ ଘୋର ନିନ୍ଦା କରିବା ସହ ସେମାନଙ୍କୁ ସହଯୋଗ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କେନ୍ଦ୍ର ସରକାର କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଦାଶ, ଭଗବାନ ସେଠୀ, ଗୌରାଙ୍ଗ ଚନ୍ଦ୍ର ମହାନ୍ତି, କଳ୍ପନା ମିଶ୍ର, ଗୀତାଞ୍ଜଳି ସ୍ୱାଇଁ, ପ୍ରମିଳା ପଣ୍ଡା ଯୋଗଦେଇଥିବା ବେଳେ ପିପିଲି କଲେଜ ଏନ୍‌ସିସି କ୍ୟାଡର୍ ଛାତ୍ରଛାତ୍ରୀଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ହାସ୍ୟ ଅଭିନେତା ଅଜୟ ନାୟକଙ୍କ ସ୍ମୃତିସଭା

**ଡେଲାଙ୍ଗ,୨୮।୪/ଏନ୍ଏନ୍ଏସ୍:** ଦି ଗ୍ରେଟ ଓଡ଼ିଶା ପଲିଟିକାଲ ସର୍କସର ହାସ୍ୟ ଅଭିନେତା ଅଜୟ ନାୟକ(୪୮)ଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଥିବା ବେଳେ ଏହି ଅବସରରେ ଡେଲାଙ୍ଗ ବ୍ଲକ ଅରିଶଳ ପଞ୍ଚାୟତ ଅନ୍ତର୍ଗତ ବଙ୍କିଲ ଗ୍ରାମରେ ତାଙ୍କର ସ୍ମୃତିସଭା ସହ ନିରବ ପ୍ରାର୍ଥନା କରାଯାଇଛି। ବ୍ୟଙ୍ଗକବି ତଥା ହାସ୍ୟ ଅଭିନେତା ଶ୍ରୀମାନ ଗବାଙ୍କ ସଭାପତିତ୍ୱରେ ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା, ଶିକ୍ଷକ ଅଭୟ ଚରଣ ସାହୁ, ହାସ୍ୟ ଅଭିନେତା ସତ୍ୟନାରାୟଣ ସାହୁ, ଶରତ କୁମାର ମହାପାତ୍ର, ସରୋଜିନୀ ଜେନା, ନମିତା ସ୍ୱାଇଁ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ନାୟକଙ୍କ କଳାକାର ଜୀବନର ସଫଳତାକୁ ଭୂୟସି ପ୍ରଶଂସା କରିଥିଲେ। ତାଙ୍କର ଅକାଳ ବିୟୋଗରେ କଣାସ ଅଞ୍ଚଳରୁ ଜଣେ ପୁଅକୁ ହରାଇଥିବା ବେଳେ ରାଜ୍ୟରେ ଜଣେ ସଫଳ ହାସ୍ୟ ଅଭିନେତାକୁ ହରାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କର ଏହି ଶୂନ୍ୟସ୍ଥାନ ପୂରଣ କରିବା ସମ୍ଭବ ହୋଇପାରିବ ନାହିଁ। ସେ ଜଣେ ସ୍ନେହୀ, ପରୋପକାରୀ, ମେଳାପୀ ମିଷ୍ଟଭାଷୀ ଭାବେ ଓ ହାସ୍ୟ କଳାକାର ଭାବେ ପରିଚିତ ଥିଲେ। ତାଙ୍କର ଅକାଳ ବିୟୋଗରେ ଅପୂରଣୀୟ କ୍ଷତି ହୋଇଥିବା ବେଳେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଦୁଃଖଦ ସମୟରେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ପ୍ରଭୁ ଜଗନ୍ନାଥ ସେହି ପରିବାରକୁ ଧୈର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

# ଚୌଦ୍ୱାରରେ ଚତୁର୍ଦ୍ଦଶ ଚୈତ୍ର ମହୋତ୍ସବ




**ଚୌଦ୍ୱାର,୨୮।୪/ଏନ୍ଏନ୍ଏସ୍:** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୫ନମ୍ବର ୱାର୍ଡସ୍ଥିତ କଳାପ୍ରକାଶିନୀ କ୍ଲବ ପ୍ରାଙ୍ଗଣରେ ବାଜିରାଉତ କୈବର୍ତ୍ତ ଯୁବକ ସଙ୍ଘ ପକ୍ଷରୁ ଇଷ୍ଟଦେବୀ ମା' ଅଶ୍ୱେନୀ ବାସେଲୀଙ୍କ ୧୪ତମ ଚୈତ୍ର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୁରୀର ବୀଣାକେଶ୍ୱରୀ ଅନୁଷ୍ଠାନ ପକ୍ଷରୁ କେଳା କେଲୁଣୀ ନୃତ୍ୟ ଓ ଅହଲ୍ୟା ଉଦ୍ଧାର ପରିବେଷଣ, ଦିଗପହଣ୍ଡି ଅଞ୍ଚଳରୁ କଥା କୁହା କଣ୍ଢେଇ ନୃତ୍ୟ ସହ ପଶୁ ନୃତ୍ୟ ପରିବେଷଣ, ବଲାଙ୍ଗୀର ସଂଗୀତ ସନ୍ଧ୍ୟା ଅନୁଷ୍ଠାନ ତରଫରୁ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ହିନ୍ଦ ସେବକ ସଙ୍ଘର ସଭାପତି ଦାମୋଦର ସାହୁ, ମଙ୍ଗରାଜ ବେହେରା, ଅର୍ଜ୍ଜିନି ବେହେରା, ସୁବାସ ଦଳାଇଙ୍କ ସମେତ ସଙ୍ଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟରେ ମଧୁବାବୁଙ୍କ ଜୟନ୍ତୀ

**ବାଲୁଗାଁ ୨୮।୪/ଏନ୍ଏନ୍ଏସ୍:** ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଆଜି ଓଡ଼ିଆ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନ ମହାବିଦ୍ୟାଳୟ ପରିସର ମଧ୍ୟ ପାଳିତ ହୋଇଯାଇଛି। ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ବରିଷ୍ଠ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ, ଅଧ୍ୟାପକ ପ୍ରବୀଣ କୁମାର ଜେନା, ଡକ୍ଟର ସନ୍ତୋଷ କୁମାର ରଥ ଓ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ରୀନା ରାଉତ ଅତିଥିଭାବେ ଯୋଗଦେଇ ମଧୁବାବୁଙ୍କ ଓଡ଼ିଆ ସ୍ୱାଭିମାନ, ଭାଷାପ୍ରୀତି ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୁଶ୍ରୀ ତପସ୍ୱିନୀ ନନ୍ଦ ଓ ଅଧ୍ୟାପିକା କୀର୍ତ୍ତିମୟୀ ବାରିକ ମଧୁବାବୁଙ୍କ କାଳଜୟୀ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କ୍ରିଷ୍ଣକ୍ଷ ସେଠୀ, ସୁନିତା ନନ୍ଦ, ମନସ୍ୱିନୀ ପଟ୍ଟନାୟକ, ସ୍ନିଗ୍ଧାରାଣୀ ମୁଦୁଲି, ବାଳକୃଷ୍ଣ ପାଢ଼ୀ, ଚନ୍ଦନ ନାୟକ, ରୋଜାଲିନ ମିଶ୍ର, ସୁଚିସ୍ମିତା ମହାପାତ୍ର, ହିମାଂଶୁ ଦାଶ, ବିଶ୍ୱଜିତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା ରୀନା ରାଉତ।

## ସାବାସୀ ସାଉଁଟିଲେ ପିପିଲି ପୁଲିସ

# ନିଖୋଜ ନାବାଳକ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର

**ପିପିଲି,୨୮।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ରତନପୁର ଘଟଣା ସାରା ରାଜ୍ୟରେ ଚର୍ଚ୍ଚିତ ଘଟଣା ହୋଇଥିବା ବେଳେ ଆଜି ଆଉଜଣେ ନାବାଳକକୁ ପିପିଲି ପୁଲିସ ଉଦ୍ଧାରକରି ପରିବାରକୁ ହସ୍ତାନ୍ତର ପରେ ସାବାସୀ ସାଉଁଟିବା ସହ ପ୍ରଶଂସନୀୟ ହୋଇଛି। ଡେଲାଙ୍ଗରେ ଆର୍ଶୀବାଦ ନାମକ ୧୧ବର୍ଷର ନାବାଳକ ସହିତ ଅପ୍ରାକୃତିକ ଯୌନସଂପର୍କ ପରେ ହତ୍ୟା ଘଟଣାକୁ ନେଇ ଡେଲାଙ୍ଗ ପୁଲିସକୁ ନିନ୍ଦିତ କରାଯାଉଥିଲା ବେଳେ ପିପିଲିରେ ନିଖୋଜ ନାବାଳକକୁ ଉଦ୍ଧାରକରି ତତ୍ପରତା ସହ କାର୍ଯ୍ୟାନୁଷ୍ଠାକୁ ସବୁ ମହଲରେ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କୁ ପ୍ରଶଂସା କରାଯାଇଛି। ସୂଚନା ମୁତାବକ ଆଜି ସକାଳେ ପିପିଲି ଥାନା ଲକ୍ଷ୍ମୀନାରାୟଣପୁର ମେଳଣପଡ଼ିଆଠାରେ ଏକ ସାଇକେଲ ଧରି




ନାବାଳକ ପିଲାଟି ଏଣେ ତେଣେ ବୁଲୁଥିବା ଖବର ପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ସନ୍ଦୀପ ଦାସ ଘଟଣାସ୍ଥଳକୁ ଯାଇ ତାକୁ ସେଠାରୁ ଉଦ୍ଧାର କରିଥିଲେ। ପରେ ତାକୁ ପିପିଲି ଥାନାକୁ ଆଣି ପଚାରିବାରେ ସେ ତା' ନାମ ଓ ବାପାଙ୍କ ନାମ କହିଥିଲା। ହେଲେ ଘର ଠିକଣା କହିପାରି ନଥିଲା। ତେବେ ଥାନା ଅଧିକାରୀ ତତ୍ପରତାର ସହ ନାବାଳକର ଫଟୋ ଓ ତା'ର ବିବରଣୀ ସମସ୍ତ ସୋସିଆଲ ଗ୍ରୁପ୍‌ରେ ଛାଡ଼ିବା ପରେ ବାଲିପାଟଣା ଅଞ୍ଚଳରେ ତା'ର ମାମୁଁ ଘର ବୋଲି କୌଣସି ସୂତ୍ରରୁ ଖବର ମିଳିଥିଲା। ସଙ୍ଗେ ସଙ୍ଗେ ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଓ ଫାଣ୍ଡି ଅଧିକାରୀ ସନ୍ଦୀପ ଦାସ ଉକ୍ତ ନାବାଳକକୁ ବାଲିପାଟଣା ଥାନାକୁ ନେଇ ସେଠାରେ ତା' ମାମୁ ନରେନ୍ଦ୍ର ବେହେରାଙ୍କୁ ହସ୍ତାନ୍ତର କରିଥିଲେ। ନରେନ୍ଦ୍ର ବେହେରା ତାଙ୍କ ନାବାଳକ ଭଣଜାକୁ ପାଇ ବେଶ୍ ଖୁସିଥିବା ବେଳେ ପିପିଲି ପୁଲିସର ଏଭଳି ଦୃଢ଼ ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଥିଲେ। ନାବାଳକ ହସ୍ତାନ୍ତର ସମୟରେ ପିପିଲି ଓ ବାଲିପାଟଣା ପୁଲିସ ସମେତ ବାଲିପାଟଣା ଅଞ୍ଚଳର ଶିକ୍ଷକ ପବିତ୍ର ମୋହନ ମୁଖୀ ଓ ପିପିଲି ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ।

## ପ୍ରକଳ୍ପ ଅଚଳ

# ପାନୀୟ ଜଳ ଅଭାବରୁ ଶହ ଶହ ପରିବାର ଡହଳବିକଳ

**ଗୋପ,୨୮।୪/ଏନ୍ଏନ୍ଏସ୍:** ଗୋପ ବ୍ଲକ୍ ଅଧୀନ ବେଦପୁର ପଞ୍ଚାୟତ ବାଲିକାଦଳ ଗ୍ରାମ ସ୍ଥିତ ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠଠାରେ ଥିବା ପାନୀୟଜଳ ପ୍ରକଳ୍ପଟି ଅଚଳ ହୋଇପଡ଼ିଥିବାବେଳେ ଶହ ଶହ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗତ କିଛି ଦିନ ଧରି ଜଳ ପ୍ରକଳ୍ପ ନିକଟରେ ଏକ ପାଇପ୍ ଫାଟି ଏଥିରୁ ପାଣି ବାହାରୁଥିବାବେଳେ ଗତକାଲି ପାଇପ୍ ଫାଟି ପ୍ରକଳ୍ପଟି ସଂପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି। ଫଳରେ ଶତାଧିକ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଖରାଦିନ ସମୟରେ ପ୍ରକଳ୍ପ ଯୁଦ୍ଧକାଳୀନ ଭିତିରେ ମରାମତି ଲାଗି ବିଡ଼ିଓ ଛବିରାଣୀ ସାହୁଙ୍କୁ ଅଭିଯୋଗ କରିଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ଆସିଥିବା ଯନ୍ତ୍ରୀ କାର୍ଯ୍ୟଭାର ଗ୍ରହଣ କରିନଥିବା ସୂଚନା ମିଳିଛି। ଖରାଦିନେ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସଜାଗ ରହିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ କ'ଣ ପାଇଁ ସେ କାର୍ଯ୍ୟଭାର ଗ୍ରହଣ କରିନାହାନ୍ତି ତାହାକୁ ନେଇ



ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂପର୍କରେ ଗୋପ ବିଡ଼ିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ଜଳ ପ୍ରକଳ୍ପ ଅଚଳ ଖବର ପାଇବା ମାତ୍ରେ ମୁଁ ସଂପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ମରାମତି ଲାଗି ନିର୍ଦ୍ଦେଶ ଦେଇଛି। ଦିନେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣିରେ ୧୮୪ ଅଭିଯୋଗ



**ମାହାଙ୍ଗା,୨୮।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ କଟକ ଜିଲ୍ଲାପାଳ ଦତାତ୍ରେୟ ଭାଓସାହେବ ସିନ୍ଧେଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୧୮୪ଟି ଜନଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା ବେଳେ ଆବାସ ଯୋଜନାରେ ୪, ଭତ୍ତା ୧୮, ତହସିଲ ସମ୍ବନ୍ଧୀୟ ୮, ବ୍ୟକ୍ତିଗତ ୭୧ ଏବଂ ସାମୁହିକ ୧୧୩ ଟି ଅଭିଯୋଗର ଶୁଣାଣୀ କରାଯାଇଥିଲା।

ସାମୁହିକ ୧୧୩ଟି ଅଭିଯୋଗ ମଧ୍ୟରୁ ନବୀନ ଓଡିଶା ଆମ ଓଡିଶା କାର୍ଯ୍ୟର ବିଲର ଅଭିଯୋଗ ଆସିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ, ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋସ୍ନା ନାୟକ, ପିଡି ପ୍ରଶାନ୍ତ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ସନ୍ତୋଷ ରାଉତ, ବିଡିଓ ସନ୍ତୋଷ କୁମାର ଜେନା, ତହସିଲଦାର ସୁଭାଶିଷ ପାଲ୍‌ଟା, ଏବିଡିଓ ସୂର୍ଯ୍ୟକାନ୍ତ ରାଉତ, ଆଇଆଇସି ତପନ କୁମାର ରାଉତ, ଯୋଗାଣ ନିରୀକ୍ଷିକା ଇତିଶ୍ରୀ ଜେନା, ସିଡିପିଓ ଗୁରୁବାରୀ ସିଂହ, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତନୁସ୍ମିତା ବିନ୍ଧାଣୀଙ୍କ ସମେତ ବିଭିନ୍ନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହିଥିବାବେଳେ ବ୍ଲକର ବହୁ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥବା କେତେକ ଅଧିକାରୀ ଅନୁପସ୍ଥିତ ଥିବାରୁ ଜିଲ୍ଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ଖୋଦ୍ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ଦାସ ଅନୁପସ୍ଥିତ ଥିବାରୁ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଶ୍ରୀ ସିନ୍ଧେ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅବହେଳା ପାଇଁ ଯନ୍ତ୍ରୀ ସୁବାଷ ଜେନାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସାଲେପୁରରେ ବିଶାଳ ମଶାଲ ଶୋଭାଯାତ୍ରା

**ସାଲେପୁର,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜନ୍ମ ଜୟନ୍ତୀ ପାଳନ ଉପଲକ୍ଷେ ମଧୁମାଟି ବିକାଶ ପରିଷଦ ପକ୍ଷରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧୁମାଟି ବିକାଶ ପରିଷଦ ର ସଭାପତି ତଥା ଦୃଢ଼ ସଂଗଠକ ବରିଷ୍ଠ ବିଜେପି ନେତା ହିମାଂଶୁ ମହାନ୍ତି ନିଜର ହଜାର ହଜାର ସମର୍ଥକମାନଙ୍କ ସହିତ ଖଇରା ପୋଲ ଠାରୁ ସତ୍ୟ ଭାମାପୁର ସ୍ଥିତ ମଧୁବାବୁଙ୍କ ଜନ୍ମପୀଠ ପର୍ଯ୍ୟନ୍ତ ବିରାଟ ମଶାଲ ଶୋଭାଯାତ୍ରାରେ ଯାଇଥିଲେ। ଏହି ଶୋଭାଯାତ୍ରାରେ ସହ ସହ ଅଟୋରେ ଲୋକମାନେ ଜିବା ସହିତ ସମର୍ଥକ ମାନେ ବାଇକରେ ଯାଇଥିଲେ। ସାଲେପୁର ର ବିକାଶ ମୋର ଏକମାତ୍ର ଲକ୍ଷ ଏବଂ ଏଥିପାଇଁ ମୁଁ ଆପ୍ରାଣ ଉଦ୍ୟମ ଜାରି ରଖିବି ଏବଂ ମଧୁମାଟିର ସ୍ୱାଭିମାନ ରକ୍ଷା ପାଇଁ ମୁଁ



ସମର୍ପିତ ବୋଲି ହିମାଂଶୁ ମହାନ୍ତି କହିଛନ୍ତି। ଏହି ଶୋଭାଯାତ୍ରାରେ ରାଜୀବ ଷଡ଼ଙ୍ଗୀ, ମନୋଜ ବିଶ୍ୱାଳ, ଆକାଶ ପାତ୍ର, ଅଶ୍ୱିନୀ ଷଡ଼ଙ୍ଗୀ, ସମରେନ୍ଦ୍ର ଷଡ଼ଙ୍ଗୀ, ଅଜୟ ସ୍ୱାଇଁ, ରାଜୀବ ଦ୍ୱିବେଦୀ, କାର୍ତ୍ତିକ ବେହେରା, ମଳୟ ରଞ୍ଜନ ଦାସ, ମାନସ କରଣ, କିଶୋର ସାହୁ, ରିତେଶ ଦାସ, ସୁକାନ୍ତ ବେହେରା, ପୁଷ୍ପଲତା ଦତ୍ତ, ତୁଳସୀରାଣୀ ଦାସ, ଅନନ୍ତ ପାତ୍ର, କମଲେଶ ସାହୁ, ବେଣୁଧର ଦାସ, ତାପସ ବେହେରା, ଶାନ୍ତନୁ ମହାନ୍ତି, ବିଜୟ ହାତୀ, କଳିଙ୍ଗ ରଞ୍ଜନ ମହାନ୍ତି, ଜିଷାନ ଖାନ, ତାହୁର ଖାନ,ଏସ. କେ. ସଲ୍ଲୁଦିନ, ଫିରୋଜ୍ ଖାନ, ଗଣେଶ୍ୱର ନାଏକ, ମନୋରଞ୍ଜନ ଛାଟୋଇ, ଅମିତ ସୀଙ୍କୁ, ବଂଶୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାକୁ ଶୃଙ୍ଖଳିତ କରିବା ଦିଗରେ ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn before Notary Public, Pipili, Dt. 24.04.2025, I Kanakalata Pradhan, W/o- Kartik Pradhan and Sankar Guru (Father) of Vill - Subalpur, Ps- Pipili, Dist-Puri, Pin No.752046 do here by declare that before my marriage I was known as Kanak Guru, D/o- Sankar Guru which is reflected in the R.O.R situated in Mouza - Kialanda vide Khata No. 157 and after my marriages I have changed my name as Kanakalata Pradhan instead of Kanak Guru. That Kanak Guru, D/o- Sankar Guru and Kanakalata Pradhan, W/o- Kartik Pradhan is one and same person. Henceforth I shall be known as Kanakalata Pradhan, W/o- Kartik Pradhan for all purposes.

**AFFIDAVIT**

By virtue of an affidavit sworn before Notary Public, Pipili, Dt. 24.04.2025, I Pramila Chhatoi, W/o-Narahari Chhatoi and Sankar Guru (Father) of Vill - Bolakana, Ps- Delang, Dist - Puri, Pin No-752016 do here by declare that before my marriage I was known as Chuni Guru, D/o- Sankar Guru which is reflected in the R.O.R situated in Mouza - Kialanda vide Khata No. 157 and after my marriage I have changed my name as Pramila Chhatoi instead of Chuni Guru, that my self Chuni Guru, D/o- Sankar Guru and Pramila Chhatoi, W/o - Narahari Chhatoi is one and same person. Henceforth I shall be known as Chuni Guru alias Pramila Chhatoi for all purposes.

**NOTICE**

It is for information of all concerned that the partnership firm M/S Sai Krishna Transports bearing Regd No. 176/2013 District- Koraput has been reconstituted Dtd on 01.04.2013 due to retirement of one partner Shri Sridhar Panda. The said firm reconstituted again on 01.04.2017 due to retirement of partners namely Shri Krushna Chandra Begaray & Shri R.Govinda Rao. The said firm has been reconstituted again on Dtd 01.04.2025 due to retirement of one partner namely Shri Brundaban Chandra Panda and Admission of one partner namely Smt Kothakota Swati. The principal of the place has been changed from old At- Main Road, Jeypore, Dist- Koraput to New At/Po- Lingarajnagar, Po- Irrigation Colony, Jeypore, Dist- Koraput PIN- 764001 w.e.f. 01.04.2025.

Shri Kothakota Krishna Rao
Managing Partner
M/S Sai Krishna Transports

**AFFIDAVIT**

By virtue of an affidavit sworn before Notary Public Pattamundei, dated 11.04.2025, Santilata Nayak, W/o-Bharat Nayak, At /Po Balipatana, Ps-Pattamundei, Dist-Kendrapada, Odisha, Pin-754215 declared that I have changed my son's name from Swadhin Rout (Old name) to Ayush Rout (New name), Henceforth he shall be known as **Ayush Rout** (New Name) for all purpose.

**ZILLA SWASTHYA SAMITI, MAYURBHANJ** E-46
Office of the CDM&PHO-cum-District Mission Director, NHM, Mayurbhanj, Odisha, 757001
Advt. No. 1458/NHM/2022 Dt.25.04.2025

**CORRIGENDUM**

With reference to the advertisement No. 1337 published on dt.17.04.2025 in daily Odia Newspaper in the Samaja & Nitidin, the revised terms of reference in section 03 of the tender document as applicable can be downloaded from the website www.https://mayurbhanj.odisha.gov.in/

Sd/-
CDM & PHO cum District Mission Director
Mayurbhanj

B-59

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
Mail i.d seccbbsr@gmail.com
*****

E-procurement Tender Call Notice No.01 of 2025-26
No. 2040 (Estg.) Bhubaneswar the 22 April -2025

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number composite building to be received in online bidding, double cover system as detailed in: https://tendersodisha.gov.in. The details of bid documents will be available in the above website from 5.00 P.M. of 30.04.2025 to 4.00 P.M of 14.05.2025. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 P.M. of 14.05.2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.

Sd-Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

A-78

**Office of the Additional Chief Engineer**
**Southern Minor Irrigation Circle, Berhampur, Ganjam**
**E-mail : sesmicbam@gmail.com**

Office Notice No. 636 / SMIC, Dated 24.04.2025.
1st Corrigendum to tender call notice

The following changes have been made for the tender invited vide tender call notice no. ACESMIC-01/2025-26

i) Availability of bidding document in the Portal from 28.04.2025 10.30 Hours to 14.05.2025 up to 17.30 hours.
ii) Date of opening of technical bid on 15.05.2025 at 11.00 Hours.
iii) Bid clarification date from 28.04.2025 at 10.30 Hours to 05.05.2025 during official working hour.
iv) The Approx. estimate Cost for the work "Construction of Kharinala-I Check Dam near village Titikhandi in Digapahandi Block" at sl No. 1 of Annexure to Bid Notice amounting to Rs. 103.00 lakh, accordingly the Bid Security for the work @1% is Rs. 1,03,000/-.
v) The Approx. estimate Cost for the work "Construction of Kharinala-II Check Dam near village Titikhandi in Digapahandi Block" at sl No. 2 of Annexure to Bid Notice amounting to Rs. 102.00 lakh, accordingly the Bid Security for the work @1% is Rs. 1,02,000/-.
vi) Further details of the tender documents can be seen from the web site: https://www.tendersodisha.gov.in & https://dowr.odisha.gov.in

Any corrigendum/addendum/Cancellation if required shall only be available in website: https://www.tendersodisha.gov.in. Opening of financial bid will be intimated through e-procurement system after completion of technical evaluation. The other terms and conditions of the bid remain unaltered.

Additional Chief Engineer
S.M. I. Circle, Berhampur.

A-93

GOVT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, GAJAPATI.
AT/PO: PARALAKHEMUNDI, DIST: GAJAPATI.
PHONE NO: 06815-222365, e-mail- eemi_gajapati@yahoo.co.in
eemigajapatiparalakhemundi@gmail.com

e-Procurement Notice No. 1144 Date. 24/04/2025
BID IDENTIFICATION NO. MIDGJP-02/2025-26

The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover System **in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1. Name of the work: **Construction of Check Dams under MATY Scheme- 2024-25.**
2. No of works: **4 Nos. (Four)**
3. Estimated cost **Rs. 72.00 to 90.50 Lakhs.**
4. Period of completion: **6 (Six)** calendar months (Including Rain Season)
5. Date and time of availability of bid documents in the portal: from **10.00 Hours of 30.04.2025 to 17.00 Hours of 08.05.2025.**
6. Last date/ time for receipt of bids in the portal: **17.00 Hours of 08.05.2025**
7. Date of opening of Bid: **11.00 Hours** on **09.05.2025.**
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/Po- Paralakhemundi, Dist.- Gajapati. PIN-761200

Further details can be seen from the e-procurement portal https://tendersodisha.gov.in

Sd/- Superintending Engineer
MI Division, Gajapati, Paralakhemundi

## ପ୍ରଥମ ପୃଷ୍ଠାରୁ

### ନୌସେନାକୁ ମିଳିବ ବଳ ...

ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ପ୍ରତିରକ୍ଷା ଚୁକ୍ତି ବୋଲି ବିବେଚନା କରାଯାଉଛି । ଏହି ସରକାରୀ ଚୁକ୍ତିନାମାରେ ୨୨ଟି ସିଙ୍ଗଲ-ସିଟର ଏବଂ ଚାରିଟି ଟ୍ୱିନ-ସିଟର ଜେଟ୍ ଅନ୍ତର୍ଭୁକ୍ତ ରହିଛି । ଏହି ବୁଝାମଣାରେ ଫ୍ଲିଟ ରକ୍ଷଣାବେକ୍ଷଣ, ଲଜିଷ୍ଟିକ୍ସ ସହାୟତା, କର୍ମଚାରୀ ତାଲିମ ଏବଂ ସ୍ୱଦେଶୀ ଯନ୍ତ୍ରପାତି ଉତ୍ପାଦନ ପାଇଁ ଏକ ବ୍ୟାପକ ପ୍ୟାକେଜ୍ ମଧ୍ୟ ଅନ୍ତର୍ଭୁକ୍ତ । ଭାରତ ପାଖରେ ବର୍ତ୍ତମାନ ୩୬ଟି ରାଫେଲ ବିମାନ ଅଛି । ଏହାକୁ ୨୦୧୬ ମସିହାରେ ଏକ ଚୁକ୍ତି ଅନୁଯାୟୀ କିଣାଯାଇଥିଲା । ଏହି ବିମାନଗୁଡ଼ିକ ପଞ୍ଜାବର ଅମ୍ବାଲା ଏବଂ ପଶ୍ଚିମବଙ୍ଗର ହାସିମାରାରେ ନିୟୋଜିତ ହୋଇଛି । ଏହି ନୂତନ ଚୁକ୍ତି ଦ୍ୱାରା ଭାରତରେ ରାଫେଲ ଜେଟ୍‌ର ମୋଟ୍ ସଂଖ୍ୟା ୬୨ ହେବ ।

### ୧୧୭ ଜମାକାରୀ ...

ନୂଆ ପାକ୍ସ ଗଠନ କରାଯାଇଛି । ଏଇ ନୂଆ ପାକ୍ସଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ ଶସ୍ୟ ରାଶି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ଗୁଜରାଟ ଆନନ୍ଦ ସ୍ଥିତ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ସ୍କୁଲ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ରେଜିଷ୍ଟ୍ରାର ଅଫ୍ କପାରେଟିଭ ସୋସାଇଟିଇସ ସିଦ୍ଧାର୍ଥ ଦାସ ଏବଂ ଇରମା ସ୍କୁଲର ନିର୍ଦ୍ଦେଶକ ଉମାକାନ୍ତ ଦାଶ ଏମଓୟୁ ସ୍ୱାକ୍ଷର କରିଥିଲେ । ସମବାୟ ସଂସ୍ଥାଗୁଡ଼ିକର ସୁପରିଚାଳନା ପାଇଁ ଏହା ଏକ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରିବ । କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ଉପସ୍ଥିତ ଥିଲେ । ବିଭାଗୀୟ ସଚିବ ରାଜେଶ ପ୍ରଭାକର ପାଟିଲ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

### କଟିବ ବିଦେଶୀଙ୍କ ...

ଦେଖି ଓଡ଼ିଶାରେ ଅନୁପ୍ରବେଶ କରି ସମସ୍ତ ସରକାର ସୁବିଧା ହାସଲ କରିଛନ୍ତି । ସେମାନଙ୍କୁ ଚିହ୍ନଟ କରି ସେମାନଙ୍କର ରାସନ କାର୍ଡ କଟିବାପରେ ପ୍ରକୃତ ରାସନ କାର୍ଡ ହିତାଧିକାରୀଙ୍କ ସଂଖ୍ୟା ଜଣାପଡ଼ିବ । ପ୍ରକ୍ରିୟା ସରିଲେ ସଂଖ୍ୟା ସାମ୍ନାକୁ ଆସିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

### ଦିନରେ ଖରା ...

କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ବିଜୁଳି ଘଡ଼ଘଡ଼ି ବର୍ଷା ସହ ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏନେଇ ସମ୍ପୃକ୍ତ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ସେହିପରି ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଟକ, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ସୋନପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ଓ ୩୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନାକୁ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଆସନ୍ତାକାଲି ସନ୍ଧ୍ୟାରୁ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଅନୁଗୁଳ ଓ ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ, କନ୍ଧମାଳ, କୋରାପୁଟ, ରାୟଗଡା, ମାଲକାନଗିରି, ପୁରୀ, ଖୋର୍ଦ୍ଧା ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି । ସେହିପରି ୩୦ ତାରିଖ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ନୟାଗଡ଼, ପୁରୀ, ଗଜପତି, ଗଞ୍ଜାମ ଓ ଖୋର୍ଦ୍ଧାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ୩୦ରୁ ୪୦ କିମି ବେଗରେ ବହିବ । ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଭିତରେ ରଖାଯାଇଛି । ମେ' ୧ ତାରିଖ ପାଇଁ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର ଓ ଭଦ୍ରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, କଟକ, ଓ ଜଗତସିଂହପୁରରେ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ୩୦ରୁ ୪୦ କିମି ବେଗରେ ବହିବ । ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨ ତାରିଖରେ ବିଜୁଳି ଘଡଘଡି, ପ୍ରବଳ ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନାକୁ ନେଇ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦୁଝରରେ ହାଲୁକା ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ୩୦ରୁ ୪୦ କିମି ବେଗରେ ବହିବ । ପରେ ୨ରୁ ୪ ଡିଗ୍ରୀ ଯାଏଁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି ।

### ଭିତରକନିକା: ମେ'୧ ରୁ ...

ହୋଇଥାଏ । ଜାନୁଆରୀ ୨୦୨୫ ସୁଦ୍ଧା ଭିତରକନିକା ଜାତୀୟ ଉଦ୍ୟାନରେ ୧୮୨୬ଟି ଲୁଣାପାଣି କୁମ୍ଭୀର ଅଛନ୍ତି । ପ୍ରଜନନ ସ୍ଥଳକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିଛି । ବନରକ୍ଷୀମାନେ ପ୍ରତି ବସା ପାଇଁ ୫୦ ରୁ ୬୦ ଟି ଅଣ୍ଡା ଦେଉଥିବା ମା'କୁମ୍ଭୀରମାନଙ୍କ ଉପରେ ନଜର ରଖିବେ ଏବଂ ସେମାନଙ୍କ ଅଣ୍ଡା ଫୁଟିବା ପର୍ଯ୍ୟନ୍ତ ସେମାନଙ୍କୁ ସତର୍କତାର ସହ ଜଗିବେ । ଏହା ସହିତ,ଏହି ସମୟ ମଧ୍ୟରେ ସ୍ଥାନୀୟ ଗ୍ରାମବାସୀଙ୍କୁ ପାର୍କ ଭିତରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି ।

### ୭୧ଙ୍କୁ 'ପଦ୍ମ' ...

ଗ୍ରହଣ କରିଥିଲେ । ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ଅନ୍ୟ ଦୁଇ ବିଶିଷ୍ଟ ବ୍ୟକ୍ତି ହେଲେ ଡ. ଦୁବଭୁର ନାଗେଶ୍ୱର ରେଡ୍ଡୀ ଏବଂ ଲକ୍ଷ୍ମୀନାରାୟଣ

ସୁବ୍ରମଣ୍ୟମ୍ । ସେହିପରି ଫିଲ୍ମ ନିର୍ମାତା ଶେଖର କପୁର, ଭାରତୀୟ ହକି ଦଳର ଷ୍ଟାର ଖେଳାଳି ଶ୍ରୀଜେଶ, ଦକ୍ଷିଣ ଭାରତୀୟ ଅଭିନେତା ନନ୍ଦମୁରୀ ବାଲକ୍ରିଷ୍ଣା ଓ ଅଜିତ୍ କୁମାରଙ୍କ ସମେତ ମୋଟ୍ ୧୦ଜଣଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ବିଜେପି ନେତା ସୁଶୀଲ କୁମାର ମୋଦୀ, ସ୍ୱର୍ଗତ ଗଜଲ ଗାୟକ ପଙ୍କଜ ଉଦ୍ଧାସ୍‌ଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ମରଣୋତ୍ତର ଭାବେ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିଲା । ଉଭୟଙ୍କ ପତ୍ନୀ ଯଥାକ୍ରମେ ଜେସି ସୁଶୀଲ ମୋଦୀ ଏବଂ ଫରିଦା ପଙ୍କଜ ଉଦ୍ଧାସ ଉପସ୍ଥିତ ରହି ନିଜ ସ୍ୱାମୀଙ୍କ ସମ୍ମାନ ଗ୍ରହଣ କରିଥିଲେ ।

ପଦ୍ମବିଭୂଷଣ ଏବଂ ପଦ୍ମଭୂଷଣ ବ୍ୟତୀତ, ସୋମବାର ୫୭ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି । ଏମାନଙ୍କ ମଧ୍ୟରେ କ୍ରିକେଟର ଆର.ଅଶ୍ୱିନ୍ ପ୍ରମୁଖ ସାମିଲ ଅଛନ୍ତି । ପ୍ରକାଶ, ଚଳିତ ବର୍ଷ-୨୦୨୫ ପାଇଁ ମୋଟ୍ ୧୩୯ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଏମାନଙ୍କ ମଧ୍ୟରେ ୭ଜଣଙ୍କୁ ପଦ୍ମ ବିଭୂଷଣରେ, ୧୯ଜଣଙ୍କୁ ପଦ୍ମ ଭୂଷଣରେ ଏବଂ ୧୧୩ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

### ପଦ୍ମ ପୁରସ୍କାର ଗ୍ରହଣ ...

ନୃତ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଦୁର୍ଗାଚରଣ ରଣବୀର ତାଙ୍କର ଅସାଧାରଣ ନୃତ୍ୟକଳା ପାଇଁ ଜଣାଶୁଣା ଏବଂ ଜଣେ ଗୁରୁ ଭାବରେ ସମ୍ମାନିତ । ତାଙ୍କର ଚାରି ଦଶନ୍ଧିର କ୍ୟାରିୟରରେ ସେ ଏହି ନୃତ୍ୟର ପ୍ରଚାର ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ଜଣେ ନୃତ୍ୟଶିଳ୍ପୀ, ପ୍ରଦର୍ଶକ, ଗୁରୁ ଏବଂ କୋରିଓଗ୍ରାଫର ଭାବରେ କାର୍ଯ୍ୟ କରିଥିଲେ ।ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସାହିତ୍ୟ ଓ ଶିକ୍ଷା ପାଇଁ ଡ. ପ୍ରତିଭା ଶତପଥୀ ପଦ୍ମପୁରସ୍କାର ପାଇଁ ମଧ୍ୟ ଚୟନ ହୋଇଛନ୍ତି ।

# ବିଭିନ୍ନ ସ୍ଥାନରେ ମଧୁସୂଦନ ଦାସଙ୍କ ଜୟନ୍ତୀ





**କଟକ,୨୮।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଗୋରାକବର ସ୍ଥିତ ସମାଧିପୀଠ, ହରିଣପାର୍କ, କ୍ୟାଣ୍ଟନମେଣ୍ଟରୋଡ଼, ଶୈଳବାଳା ମହିଳା ମହାବିଦ୍ୟାଳୟ ସମେତ କଟକରେ ଥିବା ମଧୁବାବୁଙ୍କ ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଡାକ୍ତର ରବିରଞ୍ଜନ ସାହୁଙ୍କ ସମେତ ମାଧବ ମିଶ୍ର, ଶ୍ୟାମସୁନ୍ଦର ସାହୁ, ସମରେନ୍ଦ୍ର ଘୋଷ, ରବୀନ୍ଦ୍ର ପଣ୍ଡା, ମୀରା ବେଉରା, ପ୍ରଫୁଲ୍ଲ ସିଂ, ପ୍ରଶାନ୍ତ ନାୟକ ଓ ଆଇନଜୀବୀ ଇଂ ଆକାଶ ଭୂୟାଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟ:** ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ବରିଷ୍ଠ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ପାଳିତ ହୋଇଯାଇଛି । ଓଡ଼ିଶା ଓ ଓଡ଼ିଆଙ୍କ ପ୍ରତି ଥିବା ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଯୁବ ସମାଜ ମଧୁବାବୁଙ୍କ ପରି ମାତୃଭୂମି, ମାତୃଭାଷାକୁ ଭଲ ପାଇବା ସହ ସ୍ୱାଭିମାନୀ ହୋଇ ବଞ୍ଚିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ଅନ୍ୟତମ ଉପସଭାପତି ମନୋଜ ବିଶ୍ୱାଳ ଏବଂ ରାଜେଶ୍ ସ୍ୱାଇଁ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, କଟକ ନଗର(ଜିଲ୍ଲା)କଂଗ୍ରେସର ମୁଖପାତ୍ର ମାନସ ପରିଡ଼ା, ସଚ୍ଚିଦାନନ୍ଦ ରାଉତ, ନିର୍ମଳ ସ୍ୱାଇଁ, ପ୍ରଶାନ୍ତ ଭୋଇ, ଉଗ୍ରସେନ ଭୂୟାଁ, ଜୟନାରାୟଣ ତ୍ରିପାଠୀ, ରଜନୀ ବସ୍ତିଆ, କାଳନ୍ଦୀ ଖୁଣ୍ଟିଆ, ଋଷି କାଣ୍ଡି, ଦେବାଶିଷ ଜେଠୀ, ସୀତାକାନ୍ତ ପଣ୍ଡା, ପ୍ରତ୍ୟୁଷ ସାହୁ, ଲିପୁଲ୍ ରାଉତ, ନିହାର ରଞ୍ଜନ ନନ୍ଦ, ସନ୍ତୋଷ ବିଶ୍ୱାଳ ଓ ସୁବ୍ରତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।



**ମଧୁସୂଦନ କ୍ରାନ୍ତି ପରିଷଦ:** ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜନ୍ମ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ଅବସରରେ ଓଡ଼ିଶାର ଅଗ୍ରଣି ସାମାଜିକ ସଂଗଠନ ମଧୁସୂଦନ କ୍ରାନ୍ତି ପରିଷଦ, ଓଡିଶାର ପଞ୍ଚମ ବାର୍ଷିକ ଉତ୍ସବ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରର ବାଲିପୋଖରୀ ସ୍ଥିତ ମଧୁକୋଠୀରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ସଂଗ୍ରାମ କିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ମଧୁକୋଠୀରେ ଅନୁଷ୍ଠିତ ହୋଇଥିଲା । ଏହି ସଭାକୁ ପରିଷଦର ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତି ଏହାକୁ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଡ. ପ୍ରଦୀପ କୁମାର ନନ୍ଦ, ମୁଖ୍ୟ ଅତିଥି ଡ. ଜଗଦୀଶ ମହାନ୍ତି, ସମ୍ମାନିତ ଅତିଥି ଡ. ସତ୍ୟବ୍ରତ କର ଓ ଡ. ଶକ୍ତି ପ୍ରସାଦ ମିଶ୍ର ଉତ୍କଳ ଗୌରବଙ୍କର ସ୍ମୃତି ଚାରଣ କରିଥିଲେ । ପରିଷଦର ମୁଖ୍ୟ ଉପଦେଷ୍ଟା ଧ୍ରୁବଚରଣ ଜେନା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ସଞ୍ଜୟ କୁମାର ତ୍ରିପାଠୀ, ଦିଲ୍ଲୀପ କୁମାର ବିଶୋଇ, ବିବେକାନନ୍ଦ ଜେନା, ତାପସ କୁମାର ଜେନା, ଗୋବିନ୍ଦ ଚନ୍ଦ୍ର ସାହୁ, ମିନାକ୍ଷୀ ସାହୁ, ସବିତା ନାୟକ, ମମତା ଦାସ, ବସନ୍ତ କୁମାର ଦାସ, ତୁଷାରକାନ୍ତ ମହାନ୍ତି, ପ୍ରିୟଦର୍ଶିନୀ ପ୍ରଧାନ, ବସନ୍ତ କୁମାର କର, ସସ୍ମିତା ମୁଦୁଲି ଓ ବହୁତ ସାମାଜିକ କର୍ମୀ ଉପସ୍ଥିତ ଥିଲେ । ମଧୁସ୍ମୃତି କମିଟିର ସାଧାରଣ ସମ୍ପାଦିକା ସନ୍ଧ୍ୟାରାଣୀ ମଲ୍ଲିକ ଓ କସ୍ତୁରୀବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକୀର ଅଶୋକ କୁମାର ସ୍ୱାଇଁ ପୂର୍ଣ୍ଣ ସହଯୋଗ କରିଥିଲେ । କସ୍ତୁରୀବା ଆଶ୍ରମର ଅନ୍ତେବାସୀଙ୍କ ସହ ଏକ ମଧ୍ୟାହ୍ନ ଭୋଜନ ଅନୁଷ୍ଠିତ ହୋଇଥିଲା । ଶେଷରେ ପରିଷଦର ସଭ୍ୟ ରାମନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ,୨୮।୪/ଏନ୍ଏନ୍ଏସ୍:** ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ପୁଣ୍ୟାତ୍ମା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ ପ୍ରଜ୍ଞାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଛାତ୍ରଛାତ୍ରୀମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ବିକଶିତ ଓଡିଶା ଗଠନରେ ବ୍ରତୀ ହେବାକୁ ଦିଗ୍‌ଦର୍ଶନ ଦେଇଥିଲେ । ମୁଖ୍ୟଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ମଧୁବାବୁଙ୍କ ଜାତି ପ୍ରେମ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବିସ୍ମରଣୀୟ ଅବଦାନ ଉପରେ ଆଲୋକପାତ କରି ଯୁବପିଢ଼ିଙ୍କ ପାଇଁ ତାଙ୍କର ଜୀବନୀ ପ୍ରେରଣାର ଉତ୍ସ ବୋଲି କହିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଉତ୍ସବରେ ପୌରୋହିତ୍ୟ କରି କହିଲେ ଯେ ମଧୁବାବୁଙ୍କ ଜୀବନୀ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ଓଡ଼ିଆ ଜାତିର ସଂକଟ କାଳରେ ସେ ଯେଭଳି ତ୍ରାଣକର୍ତ୍ତା ସାଜିଛନ୍ତି ତାହା ଅବର୍ଣ୍ଣନୀୟ । ନିଜର ଜ୍ଞାନଗାରିମା ଓ ଜାତିପ୍ରେମ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ସେ ଚିର ସ୍ମରଣୀୟ ହୋଇରହିବେ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡିନ୍ ଡ. ନୟନ ରଞ୍ଜନ ସାମଲ, ଡ. ଶ୍ରୀତା ଭୋଳ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଡା. ଦୁର୍ଗା ପ୍ରସାଦ ମିଶ୍ର, ଅଧ୍ୟାପକ ଗୁରୁ ପ୍ରସାଦ ମୁଖାର୍ଜୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ସୁନୟ ମିଶ୍ର, ମୃତ୍ୟୁଞ୍ଜୟ ପରିଡ଼ା, ବିଶ୍ୱଜତ୍ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଯୋଗଦେଇ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।



## ମା' ମଙ୍ଗଳା ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ



**କଟକ,୨୮।୪/ଏନ୍ଏନ୍ଏସ୍:** ଜମ୍ମୁ-କାଶ୍ମୀରର ପହଲଗାମ ଘଟଣାକୁ ମହାନଦୀ ଫାଉଣ୍ଡେସନ ପକ୍ଷରୁ ଏହାର ଦୃଢ଼ ନିନ୍ଦା କରାଯିବା ସହ ଆତଙ୍କବାଦୀ ଆକ୍ରମଣରେ ନିହତ ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଅନୁଷ୍ଠାନ ପକ୍ଷରୁ ମହାନଦୀବିହାର ସ୍ଥିତ ମା' ମଙ୍ଗଳା ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମହାନଦୀ ଫାଉଣ୍ଡେସନର ସଭାପତି ରମାକାନ୍ତ ଲେଙ୍କା, ଆଇନଜୀବୀ ମନୋଜ ଦାସ, ଡ. କମଳ ପ୍ରସାଦ ମହାନ୍ତି, ଗୁରୁ ପ୍ରସାଦ ପଣ୍ଡା, ଲୋକରଞ୍ଜନ ଦାସ, ଭବାନୀ ଶଙ୍କର ଦାସ, ଶଶିକାନ୍ତ ନାୟକ, ଗୌତମ ଲେଙ୍କା, ଉମେଶ ଜେନା, ଅରୁଣ କୁମାର ରାଓ,ବିଶ୍ୱଜିତ ସାମଲ, ନିଲୁ ପଟ୍ଟନାୟକ, ଅମ୍ବୁଜ ବିଶ୍ୱାଳ, ପ୍ରଣବ ନାୟକ, ଦୀନେଶ ମହାପାତ୍ର, ରମଣୀ ରଞ୍ଜନ ଦାସ, ଦୀପକ ସାମନ୍ତରାୟ, ଜ୍ୟୋତି ରଞ୍ଜନ ସାଇଁ, ଚନ୍ଦନ ନାୟକ ଓ ଅଜୟ ସାନୁ ପ୍ରମୁଖ ଯୋଗ ଦେଇଥିଲେ ।

## ସରକାର ପ୍ରତିଶ୍ରୁତି କାର୍ଯ୍ୟକାରୀ କରନ୍ତୁ: ସିପିଆଇ

**କଟକ,୨୮।୪/ଏନ୍ଏନ୍ଏସ୍:** ବିଭିନ୍ନ ଦାବିନେଇ ସିପିଆଇ ପକ୍ଷରୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏକ ସ୍ମାରକ ପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି । ପ୍ରତ୍ୟେକ ପରିବାରଙ୍କୁ ମାସିକ ୩୦୦ ୟୁନିଟ୍ ବିଜୁଳି ଛାଡ଼ କରାଯିବା, ବାର୍ଦ୍ଧକ୍ୟ ଭତ୍ତା, ବିଧବା,ଭିନ୍ନକ୍ଷମ ଭତ୍ତା ୩ହଜାର ଟଙ୍କା ଦେବା, ପ୍ରତି ଗ୍ରାମର ଯୁବକ ଯୁବତୀ ୧୦୦ ଜଣଙ୍କୁ ଚାକିରି, ସମସ୍ତଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ, ସର୍ବନିମ୍ନ ମଜୁରୀ ୬୦୦ ଟଙ୍କା ପ୍ରଭୃତି ପ୍ରତିଶ୍ରୁତି ରକ୍ଷା କରି କାର୍ଯ୍ୟକାରୀ ପାଇଁ ସିପିଆଇ ପକ୍ଷରୁ ଦାବି କରାଯାଇଛି । କଚେରି ଗଡ଼ାଠାରେ ଅନୁଷ୍ଠିତ ସାଧାରଣ ସଭାରେ ନଗର ସଂପାଦକ ପ୍ରସନ୍ନ ମହାପାତ୍ରଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମରେନ୍ଦୁ ମହାନ୍ତି ସରକାର ପ୍ରତିଶ୍ରୁତି ଦେଇ ଲୋକଙ୍କ ଦାବି ପୂରଣ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ଭ୍ରମରବର ସାହୁ, ବିପିନ ବିହାରୀ ପାଢ଼ୀ, ଅଶୋକତା, ସୁବାସ୍ ବୋଷ, ସୁଶାନ୍ତ ମହାପାତ୍ର, କୃଷ୍ଣ ପ୍ରିୟା ମହାପାତ୍ର, ଅଭୟ ପଟ୍ଟନାୟକ, ବନମାଳୀ ବେହେରା, ସାନନ୍ଦ ସେଠୀ, ସଞ୍ଜୟ ପରିଜା, ଦେବେନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ ।

## ସ୍ୱଚ୍ଛସାଥୀଙ୍କ ବିୟୋଗରେ ଶୋକସଭା



**କଟକ,୨୮।୪/ଏନ୍ଏନ୍ଏସ୍:** ସିଏମସି ଅନ୍ତର୍ଗତ ୫୩ନଂ ୱାର୍ଡର ସ୍ୱଚ୍ଛସାଥୀ ବିଦ୍ୟୁତପ୍ରଭା ଭଦ୍ରଙ୍କ ବିୟୋଗରେ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ଅନ୍ଦରପୁରସ୍ଥିତ ରେଡକ୍ରସ ଖେଳପଡିଆରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ପୂର୍ବତନ ବିଧାୟକ ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଶୋକସଭାରେ ସାହି ଅଧିକାରୀ ପ୍ରମୋଦ ଭୋଳ, ମୁରବୀ ଅମର ସାମନ୍ତରାୟ, ବିଜୟନନ୍ଦ ସାହୁ, ମହିଳା କର୍ମୀ ପ୍ରିୟମ୍ବଦା ପାଢ଼ୀ, ସରିତା ସାହୁ, ବିଦ୍ୟୁଲତା ସ୍ୱାଇଁ, ତନୁଶ୍ରୀ ମହାନ୍ତି, ସୁଜାତା ସ୍ୱାଇଁ, କଲ୍ୟାଣୀ ଦାସ, ଶ୍ରଦ୍ଧାଞ୍ଜଳି ପରିଡା, ସୂର୍ଯ୍ୟମଣୀ ସ୍ୱାଇଁ, ମଞ୍ଜୁ ସ୍ୱାଇଁ, ବାସନ୍ତି ସ୍ୱାଇଁ, ସବିତା ଦାସ, ସୁଲୋଚନା ସ୍ୱାଇଁ, ମଧୁସ୍ମିତା ସାହୁ, ସୁକାନ୍ତି ସ୍ୱାଇଁଙ୍କ ସମେତ କଟକ ସହରର ବିଭିନ୍ନ ୱାର୍ଡରୁ ଆସିଥିବା ବହୁ ସ୍ୱଚ୍ଛସାଥୀ ସାମିଲ ହୋଇ ତାଙ୍କ ସ୍ମୃତିଚାରଣ କରିଥିଲେ ।

# ୱାକଫ୍ ସୁଧାର ଜନ ଜାଗରଣ କର୍ମଶାଳା

**କଟକ,୨୮।୪/ଏନ୍ଏନ୍ଏସ୍:** ଟାଉନ ହଲ୍‌ଠାରେ ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାର ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗ ଦେଇଥିଲେ । ୱାକଫ୍ ବିଲ୍‌ରେ ସୁଧାର ଦ୍ୱାରା ଗରିବ ନିଷ୍ପେସିତ ମୁସଲମାନମାନେ ଉପକୃତ ହେବା ସହିତ ପ୍ରଧାନମନ୍ତ୍ରୀଙ୍କ ବିକାଶିତ ଭାରତର ଲକ୍ଷ୍ୟ ପୂରଣ ହେବ ବୋଲି କହିଥିଲେ । ଜିଲ୍ଲାର ମୁସଲମାନ ଭାଇଭଉଣୀଙ୍କ ନିକଟରେ ପହଞ୍ଚି ୱାକଫ ସୁଧାରର ସୁଫଳ କିପରି ସେମାନେ ପାଇବେ ତାହାକୁ ଜଣାଇବା ପାଇଁ ଶ୍ରୀ ବିଶ୍ୱାଳ ବିଜେପିର କାର୍ଯ୍ୟକର୍ତ୍ତା ତଥା ସଂଖ୍ୟାଲଘୁ ନେତୃତ୍ୱମାନଙ୍କୁ ପରାମର୍ଶ ଦେବା ସହ ଏହା ଉପରେ ସାଧାରଣରେ ବ୍ୟାପକ




ଜନଜାଗରଣ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲାର ପୂର୍ବତନ ଉପସଭାପତି ଦେବାଶିଷ ଘୋଷ ସଂଚାଳନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲାର ପୂର୍ବତନ ସଂଖ୍ୟାଲଘୁ ସଭାପତି ସବୀର ଅଲ୍ଲୀ ବକ୍ତା ଭାବେ ଯୋଗ ଦେଇଥବଲେ । ଅନ୍ୟମାନଙ୍କ ମଧ୍ୟରେ ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ, ଲକ୍ଷ୍ମୀଧର ପ୍ରଧାନ, ପ୍ରଦୀପ ପଟ୍ଟନାୟକ, ଦୀପାୟନ ପଟ୍ଟନାୟକ, ବିଶ୍ୱରଞ୍ଜନ ମିଶ୍ର, ଭାଗିରଥି ଦଳାଇ, ସୁନୀଲ ଦିବେଦୀ, ସ୍ମୃତି ରଞ୍ଜନ ମିଶ୍ର, ସ୍ୱାଧୀନ ମହାନ୍ତି, ଶୁଭେନ୍ଦୁ ପାତ୍ର,ଅ ାଶିଷକାନ୍ତ ମହାନ୍ତି, ସୁରଜ ଦାସ, ଦେବାଶିଷ ରାୟ, ମଧୁସ୍ମିତା ପ୍ରଧାନ, ପ୍ରବୀଣା ମହାପାତ୍ର, ନିତାଇଗୌର ମହାନ୍ତି, କଳ୍ପନା ବେହେରା, ୱାଇ.ବାଣୀ ଓ ପୂର୍ଣ୍ଣବାସୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଆଜିର ଇତିହାସ

- ୧୫୪୦-ମହାରାଣା ପ୍ରତାପଙ୍କ ମିତ୍ର ଓ ପରାମର୍ଶଦାତା ଭାମାଶାହ ଏହିଦିନ ଜନ୍ମଗ୍ରହଣ କରିଥିଲେ।
- ୧୬୩୯-ଲାଲ୍‌କିଲ୍ଲାର ମୂଳଦୁଆ ପଡ଼ିଥିଲା।
- ୧୯୨୦-ପ୍ରସିଦ୍ଧ ଗଣିତଜ୍ଞ ରାମାନୁଜନ୍‌ଙ୍କର ନିଧନ ହୋଇଥିଲା।
- ୧୯୩୯-ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସରୁ ଇସ୍ତଫା ଦେଇଥିଲେ।
- ୧୯୭୯-ଭାରତୀୟ କ୍ରିକେଟର୍ ଆଶୀଷ ନେହେରା ଏହିଦିନ ଜନ୍ମଗ୍ରହଣ କରିଥିଲେ।
- ୨୦୨୦-ହିନ୍ଦୀ ସିନେମାର ପ୍ରସିଦ୍ଧ ଅଭିନେତା ଇର୍‌ଫାନ ଖାନଙ୍କର ଦେହାନ୍ତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ବ୍ୟବସାୟ ଓ କାରବାର ଦୃଷ୍ଟିରୁ ଦିନଟି ଉତ୍ତମ। ପରିବାର ଧାର୍ମିକ ଆୟୋଜନରେ ସାମିଲ ହେବେ। ସାମାଜିକ କାର୍ଯ୍ୟରେ ସହଭାଗିତା ବଢ଼ିବ। ପରିଜନଙ୍କ ପୂରା ସହଯୋଗ ପାଇବେ। ବିରୋଧୀ ସକ୍ରିୟ ରହିବେ।

**ବୃଷ** - ବ୍ୟସ୍ତଭରା ଦିନଟିଏ। ମାନସିକ ଚାପ ରହିବ। ଆର୍ଥିକ ସ୍ଥିତିରେ ସୁଧାର ଆଣିବେ। ବାଦବିବାଦ ହେବାର ଆଶଙ୍କା ରହିଛି। ସନ୍ଧ୍ୟା ସମୟ ମନୋରଞ୍ଜନରେ ବିତିବ। ଭ୍ରମଣ ଯୋଗ ରହିଛି।

**ମିଥୁନ** - ସମ୍ପତ୍ତି ଲାଭର ସଂକେତ ମିଳୁଛି। ପ୍ରପର୍ଟି କିଣିପାରନ୍ତି। ଯାତ୍ରା ଯୋଗ ରହିଛି। କାର୍ଯ୍ୟକ୍ଷେତ୍ରରେ ପ୍ରଭାବ ବଢ଼ିବ। ସମ୍ମାନ ଓ ଲାଭ ପାଇବେ। କୌଣସି ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ହୋଇପାରେ।

**କର୍କଟ** - କାମ କରିବା ପାଇଁ ଦିନଟି ଖୁବ୍ ଭଲ। ପିକନିକ୍ ଆଦିରେ ଯାଇପାରନ୍ତି। କାର୍ଯ୍ୟସ୍ଥଳର ସମସ୍ୟାକୁ ଅଣଦେଖା ନକଲେ ଭଲ। ସଞ୍ଚୟ ଯୋଜନା ଉପରେ ଧ୍ୟାନ ଦେବେ।

**ସିଂହ** - ଧାର୍ମିକ ଯାତ୍ରା ଯୋଗ ରହିଛି। ପରିବାରରେ ବିବାହ ଓ ମାଙ୍ଗଳିକ କାର୍ଯ୍ୟକ୍ରମର ଆୟୋଜନ ହୋଇପାରେ। ସାଙ୍ଗସାଥିଙ୍କ ସହିତ ସୁଖଦ ମୁହୂର୍ତ୍ତ ବିତେଇବେ। ପିଲାମାନଙ୍କର ସଙ୍ଗତି ଉପରେ ଧ୍ୟାନ ଦେବାକୁ ପଡ଼ିବ।

**କନ୍ୟା** - ଦିନଟି ସାମାନ୍ୟ ରହିବ। ସ୍ୱାସ୍ଥ୍ୟ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ। ଗରିବ ଲୋକଙ୍କୁ ସାହାଯ୍ୟ କରିପାରନ୍ତି। ଆର୍ଥିକ ମାମଲାରେ ଦିନଟି ଉତ୍ସାହବର୍ଦ୍ଧକ। ବ୍ୟବସାୟରେ ଆୟ ଖୁବ୍ ଭଲ ହେବ।

**ତୁଳା** - ଦ୍ୱନ୍ଦ୍ୱାତ୍ମକ ଦିନଟିଏ। ଖାସ୍ କାମ ପାଇଁ ଯାତ୍ରାରେ ଯାଇପାରନ୍ତି। ନୂଆ କାମ ପାଇଁ ସାବଧାନ ରହିବେ। ସନ୍ତାନ ପକ୍ଷରୁ ଶୁଭ ସମାଚାର ପାଇବେ। ବୈବାହିକ ଜୀବନରେ ମତଭେଦ ଦେଖାଦେଇପାରେ।

**ବିଛା** - ଦିନଟି ଖୁସିରେ ଭରିଦେବ। ଶୁଭ ଓ ମାଙ୍ଗଳିକ କାମରେ ଭାଗ ନେଇପାରନ୍ତି। ଭାଗୀଦାରୀ କାମରେ ସଫଳତା ପାଇବେ। ସଫର ଯୋଜନା ହୋଇପାରେ। ନିବେଶ ସମ୍ବନ୍ଧୀୟ ଯୋଜନାର ଆଲୋଚନା ହେବ।


**ଧନୁ** - ମିଶ୍ରିତ ଫଳପ୍ରାପ୍ତି ହେବ। ଲୋକମାନଙ୍କ ଛବି ଆହୁରି ସ୍ପଷ୍ଟ ହେବ। ମାତାପିତାଙ୍କ ଆଶୀର୍ବାଦରୁ ଅଟକିଥିବା କାମ ପୂରା ହେବ। ପିଲାମାନଙ୍କ ଖୁସି ପାଇଁ ଉପହାର ଦେବେ। ପ୍ରପର୍ଟିରେ ନିବେଶ କରିପାରନ୍ତି।

**ମକର** - ବ୍ୟବସାୟରେ ଲାଭ ପାଇଁ ପରିଶ୍ରମ କରିବେ। ବିଦ୍ୟାର୍ଥୀ ନୂଆ ରିସର୍ଚ୍ଚରେ ଭାଗ ନେଇପାରନ୍ତି। ଜ୍ଞାନ ବୃଦ୍ଧି ହେବ। ଅଳ୍ପ ଦୂର ଯାତ୍ରା ଯୋଗ ରହିଛି। କିଛି ଲୋକ କ୍ଷତି କରିପାରନ୍ତି। ମଉଜମସ୍ତିରେ ଦିନଟି ବିତେଇବେ।

**କୁମ୍ଭ** - ଦିନଟି ଖୁବ୍ ଭଲରେ ବିତିବ। ନିଜ ଛବିକୁ ଆହୁରି ଭଲ କରିବେ। ଲମ୍ବା ଦୂର ଯାତ୍ରା କରିପାରନ୍ତି। ସ୍ୱାସ୍ଥ୍ୟ ଅଚାନକ ଖରାପ ହୋଇପାରେ। ମନ ଅଶାନ୍ତ ରହିବ। ମିତ୍ର ଓ ପଡ଼ୋଶୀଙ୍କ ଠାରୁ ସହଯୋଗ ମିଳିବ।

**ମୀନ** - ଦିନଟି ମିଶ୍ରିତ ପରିଣାମ ଦେବ। ବ୍ୟବସାୟ ଓ କାମକାର୍ଯ୍ୟରେ ପରିବର୍ତ୍ତନ କରିପାରନ୍ତି। ପୂଜାପାଠ ଓ ଆଧ୍ୟାତ୍ମିକ କାର୍ଯ୍ୟ ଆଗକୁ ବଢ଼ିବ। ମନ ପ୍ରସନ୍ନ ରହିବ। ପାଠପଢ଼ାରେ ରୁଚି ବଢ଼ିବ। ନିବେଶ ପାଇଁ ଦିନଟି ଉତ୍ତମ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ତପାମ୍ୟହମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ।
ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ। (୯/୧୯)**


ହେ ଅର୍ଜୁନ! ଆମ୍ଭେ ଆଦିତ୍ୟ ରୂପରେ ରହି ଉତ୍ତାପ ଦେଉଛୁ। ଆମ୍ଭେ ଭୂମିରୁ ଜଳ ଆକର୍ଷଣ କରୁ ଏବଂ ପୁନର୍ବାର ଜଳ ବର୍ଷଣ କରୁ। ଆମ୍ଭେ ଜୀବର ଜୀବନ ଓ ମୃତ୍ୟୁ ସ୍ୱରୂପ। ଆମ୍ଭେ ସତ ଅବିନାଶୀ ଆତ୍ମା) ଏବଂ ଅସତ (ନଶ୍ୱର ବା ବିନାଶଶୀଳ ଜଗତ)। ସତ ଓ ଅସତ ଶବ୍ଦ ଏଠାରେ ବ୍ୟବହାର କରିବାର ଉଦ୍ଦେଶ୍ୟ ହେଉଛି ଯେ କେବଳ ଈଶ୍ୱର ହି ସତ ବା ଅବିନାଶୀ ଏବଂ ଜଗତ ସମେତ ସବୁକିଛି ଅସତ ବା ବିନାଶଶୀଳ। ଶ୍ରୀ ରାମକୃଷ୍ଣ କହନ୍ତି- ଈଶ୍ୱର କେବଳ ସତ୍ୟ ଆଉସବୁ ଅସତ୍ୟ। ବାଜିକର ସତ୍ୟ ଏବଂ ତା'ର ଯାଦୁ ଅସତ୍ୟ। ତେଣୁ ଏହି ଅସତ୍ୟ ଜଗତ ପଛରେ ନ ଦୌଡ଼ି ଈଶ୍ୱରଙ୍କୁ କେବଳ ଧରି ସଂସାର କାର୍ଯ୍ୟ କର।

# ଜୀବନର ବାସ୍ତବିକ ମାର୍ଗଦର୍ଶନ



ଶ୍ରୀମଦ୍ ଭଗବଦ୍‌ଗୀତା ହେଉଛି ଜୀବନର ବାସ୍ତବିକ ମାର୍ଗଦର୍ଶନ। ଏହା ସଂଘର୍ଷରତ ମନୁଷ୍ୟମାନଙ୍କୁ ଆଭ୍ୟନ୍ତରୀଣ ଶାନ୍ତି ଓ ସନ୍ତୁଳନର ରାସ୍ତା ଦେଖାଇଥାଏ। ଯେତେବେଳେ ଜୀବନରେ ଦ୍ୱନ୍ଦ୍ୱ ଉତ୍ପନ୍ନ ହୁଏ ସେତେବେଳେ ସଚ୍ଚା ଧର୍ମ ନିଜର କର୍ତ୍ତବ୍ୟଗୁଡ଼ିକ ବିନା ସ୍ୱାର୍ଥକୁ ପୂରଣ କରିଥାଏ। ଏହି ଗ୍ରନ୍ଥ କହେ ଯେ ମୋହ, ଲୋଭ ଓ ଅହଂକାର ଆତ୍ମାର ଉନ୍ନତିରେ ବାଧା ସୃଷ୍ଟି କରେ। ଗୀତା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ ମନୋବୈଜ୍ଞାନିକ ସ୍ତରରେ ଓ ଦାର୍ଶନିକ ସ୍ତରରେ ମଧ୍ୟ ମାର୍ଗଦର୍ଶନ କରାଇଥାଏ। ଗୀତା ମନ, ଭାବନା ଓ ନୈତିକ ଦ୍ୱିଧାଗୁଡ଼ିକ ଉପରେ ଆଲୋକପାତ କରାଏ। ଏହିସବୁ ମାଧ୍ୟମରେ ମାନବ ବ୍ୟବହାର ଓ ନିର୍ଣ୍ଣୟ ନେବାର ପ୍ରକ୍ରିୟାକୁ ବୁଝିବାରେ ସାହାଯ୍ୟ କରେ। ଗୀତାରେ ଯୋଗକୁ ମାନସିକ ଅନୁଶାସନ ଓ ଆତ୍ମ-ଜ୍ଞାନ ପ୍ରାପ୍ତ କରିବାର ଏକ ସାଧନ ଭାବରେ ପ୍ରସ୍ତୁତ କରାଯାଇଛି। ଗୀତାରେ ମନକୁ ନିୟନ୍ତ୍ରିତ ଓ ଏହାକୁ ଏକାଗ୍ର କରିବା ଉପରେ ମହତ୍ତ୍ୱକୁ ଜୋର୍ ଦିଆଯାଇଛି ଯାହା ମନୋବିଜ୍ଞାନର ଏକ ଦିଗ। ଗୀତା ଆତ୍ମ-ଜ୍ଞାନ ପ୍ରାପ୍ତ କରିବା ପାଇଁ ମହତ୍ତ୍ୱ ଉପରେ ଜୋର୍ ଦେଇଥାଏ ଯାହା ବ୍ୟକ୍ତିର ନିଜର ଭାବନା, ବିଚାର ଓ କାର୍ଯ୍ୟଗୁଡ଼ିକୁ ବୁଝିବାରେ ସାହାଯ୍ୟ ମିଳିଥାଏ। ଆଧୁନିକ ଜୀବନର ସମସ୍ୟାଗୁଡ଼ିକ ପାଇଁ ଏହା ଆତ୍ମ-ଚିନ୍ତନ ଓ ଈଶ୍ୱର ବିଶ୍ୱାସର ପ୍ରେରଣା ଦେଇଥାଏ ଯାହା ସବୁ ଯୁଗରେ ସେତିକି ଉପଯୋଗୀ ହୋଇପାରିଛି। ଗୀତାର ଶିକ୍ଷା, ସକାରାତ୍ମକ ମନୋବିଜ୍ଞାନର ସିଦ୍ଧାନ୍ତଗୁଡ଼ିକ ସହିତ ମେଳ ଖାଉଛି। ଏହା ବ୍ୟକ୍ତିର ଚରିତ୍ରକୁ ମଜଭୁତ କରିବାରେ ଓ ସକାରାତ୍ମକ ଚିନ୍ତାଧାରାକୁ ବିକଶିତ କରିବା ଉପରେ ଗୁରୁତ୍ୱ ଦିଏ। ଭଗବତ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଅନେକ ମହତ୍ତ୍ୱପୂର୍ଣ୍ଣ ଜୀବନ ଉପଦେଶ ଦେଇଛନ୍ତି ଯେଉଁଥିରୁ ଅନ୍ୟତମ ଏକ ମୁଖ୍ୟ ସନ୍ଦେଶ ହେଲା ମନୁଷ୍ୟ କେବେ ମଧ୍ୟ ଅହଂକାର ବା ଗର୍ବ କରିବା ଉଚିତ ନୁହେଁ।

# ଗୋପବନ୍ଧୁ ଚୌଧୁରୀ



ଅବିଭକ୍ତ କଟକ ତଥା ଏବେକାର ଜଗତସିଂହପୁର ଜିଲ୍ଲାର ଖେରସ ଅଞ୍ଚଳରେ ୧୮୯୫ ମସିହା ମେ' ୮ ତାରିଖରେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ 'ଧୂଳିମାଟିର ସନ୍ଥ' ଗୋପବନ୍ଧୁ ଚୌଧୁରୀ। ତାଙ୍କର ଶିକ୍ଷା ଆରମ୍ଭ ହୋଇଥିଲା ଗ୍ରାମରୁ ଓ ଶେଷ ହୋଇଥିଲା ସୁଦୂର କଲିକତା ସହରରେ। କଲିକତା ପ୍ରେସିଡେନ୍ସି କଲେଜରୁ ଏମ୍ଏ ଡିଗ୍ରୀ ପ୍ରାପ୍ତ କରିବା ପରେ ସେ ଓକିଲାତି ପଢ଼ିଥିଲେ। କିନ୍ତୁ ବାପାଙ୍କର ଦେହାନ୍ତ ହୋଇଯିବାରୁ ତାଙ୍କର ପାଠପଢ଼ାରେ ଡୋରି ବାନ୍ଧି ସେ ଫେରିଥିଲେ ଓଡ଼ିଶାକୁ। ଏହାପରେ ବ୍ରିଟିଶ ସରକାର ଅଧୀନରେ କଟକର ଜଣେ ଡେପୁଟି ମାଜିଷ୍ଟ୍ରେଟ୍ ଭାବରେ ଚାକିରି ଜୀବନ ଆରମ୍ଭ କରିବା ପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ରମାଦେବୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଚାକିରିରୁ ଇସ୍ତଫା ଦେଇ ପରିବାର ସହିତ ଯୋଗ ଦେଇଥିଲେ ସ୍ୱାଧୀନତା ସଂଗ୍ରାମରେ ଓ ପତ୍ନୀ ରମାଦେବୀ ମା' ଓ ନିଜେ ଜଣେ ସନ୍ଥ ଭାବରେ ଲୋକପ୍ରିୟ ହୋଇଥିଲେ। ୧୯୨୧ରେ ସର୍ବଭାରତୀୟ କଂଗ୍ରେସ କମିଟିର ସଭାରେ ଓଡ଼ିଶାକୁ ଡ଼କା ଯାଇଥିବା ବେଳେ ଗୋପବନ୍ଧୁ ଚୌଧୁରୀ ଏହାର ପ୍ରତିନିଧିତ୍ୱ କରିଥିଲେ। ଗାଁରେ ମ୍ୟାଲେରିଆ ଓ ହଇଜା ବିରୁଦ୍ଧରେ ତାଙ୍କର ସଂଗ୍ରାମ, ବରୀ କ୍ଷେତ୍ରରେ ଆଶ୍ରମ ପ୍ରତିଷ୍ଠା ଓ ଅଳକା ନଦୀ କୂଳରେ ଅଳକା ଆଶ୍ରମର ପ୍ରତିଷ୍ଠା ଥିଲା ତାଙ୍କର ପ୍ରଚେଷ୍ଟାର ଫଳ। ଏହା ବ୍ୟତୀତ ଖଦି, ଚାଷବାସ ଏବଂ ଶିକ୍ଷାଦାନ କ୍ଷେତ୍ରରେ ମଧ୍ୟ ସେ ଉଲ୍ଲେଖନୀୟ ସୁଧାରମାନ ଆଣିଥିଲେ। ସନ୍ଥ ବିନୋବା ଭାବେଙ୍କ ସହିତ ମିଶି ଭୂଦାନ ଆନ୍ଦୋଳନକୁ ଲୋକଙ୍କ ପାଖକୁ ପହଞ୍ଚାଇଥିବା ଗୋପବନ୍ଧୁ ଚୌଧୁରୀ ୧୯୫୮ର ଆଜିର ଦିନରେ ଦୁନିଆରୁ ବିଦାୟ ନେଇଥିଲେ।

# ମଙ୍ଗଳ ଗ୍ରହରେ ଏଲିୟନ୍ ଆକ୍ରମଣ

ଅନେକ ବର୍ଷ ହେଲାଣି ମଙ୍ଗଳ ଗ୍ରହରେ ଜୀବନର ସଂଚାର କରିବା ପାଇଁ ପ୍ରସ୍ତୁତି ଚାଲିଛି। ନାସା ସହିତ ବିଶ୍ୱର ଅନେକ ଅନ୍ତରୀକ୍ଷ ଏଜେନ୍ସି ସମୟ ସମୟରେ ଲାଲ୍ ଗ୍ରହରେ ଜୀବନର ସାକ୍ଷ୍ୟକୁ ନେଇ ଦାବି କରି ଆସୁଛନ୍ତି କେବେ ବରଫର ଗ୍ଲାସିଅର୍‌କୁ ନେଇ ତ କେବେ ମାଇକ୍ରୋ ଅର୍ଗାନିଜ୍‌ମକୁ ନେଇ। ଏବେ ମଙ୍ଗଳ ଗ୍ରହରେ ଜୀବନ ଥିବା ବିଷୟକୁ ନେଇ ନୂଆ ରିସର୍ଚ୍ଚ ସାମ୍ନାକୁ ଆସିଛି। କିଛି ବୈଜ୍ଞାନିକଙ୍କ ଅନୁସାରେ ମଙ୍ଗଳ ଗ୍ରହରେ ପୂର୍ବରୁ ଜୀବନ ଥିଲା କିନ୍ତୁ ଅନେକ ପ୍ରଶ୍ନ ବି ଉଠୁଛି। କିନ୍ତୁ ଭୌତିକ ବୈଜ୍ଞାନିକମାନେ ଏକ ବିବାଦାସ୍ପଦ ସିଦ୍ଧାନ୍ତ ପେଶ୍ କରିଥିଲେ। ଏଥିରେ ସେମାନେ କହିଛନ୍ତି ଯେ ମଙ୍ଗଳ ଗ୍ରହରେ କେବେ ଏକ ପ୍ରାଚୀନ ସଭ୍ୟତା ଥିଲା। କିନ୍ତୁ ଏଲିୟନ୍ସ ପରମାଣୁ ଆକ୍ରମଣ କରି ଏହି ଗ୍ରହକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେଇଛନ୍ତି। ତେବେ ଏହି ଦାବି କୌଣସି ସାଇନ୍ସ-ଫିକ୍ସନ ଠାରୁ କମ୍ ନୁହେଁ। କିନ୍ତୁ ତାଙ୍କ ପାଖରେ ରହିଛି କିଛି ବୈଜ୍ଞାନିକ ଆଧାର। ବୈଜ୍ଞାନିକ ଜନ୍ ଇ ବ୍ରାଣ୍ଡେନବର୍ଗ ତାଙ୍କର ପୁସ୍ତକ 'ଡେଥ୍ ଅନ୍ ମାର୍ସ'ରେ ଏହି ସିଦ୍ଧାନ୍ତ ବିଷୟରେ ବିସ୍ତାର ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅନୁସାରେ ମଙ୍ଗଳ ଗ୍ରହର ବାୟୁମଣ୍ଡଳରେ ଜେନନ୍-୧୨୯ ନାମକ ଆଇସୋଟପ୍‌ର ଉପସ୍ଥିତି ଏହି କଥାର ସଂକେତ ଦେଉଛି ଯେ ସେଠାରେ କେବେ ଏକ ବଡ଼ ପରମାଣୁ ବିସ୍ଫୋରଣ ହୋଇଥିଲା। ପୃଥିବୀରେ ଏହିପରି ଆଇସୋଟପ୍ ସାଧାରଣତଃ ପରମାଣୁ ପରୀକ୍ଷଣଗୁଡ଼ିକ ପରେ ଦେଖିବାକୁ ମିଳେ ଯେପରିକି ୧୯୪୫ରେ ହିରୋଶିମା ଓ ନାଗାସାକିରେ ହୋଇଥିବା ବିସ୍ଫୋରଣ ପରେ ଦେଖିବାକୁ ମିଳିଥିଲା। ତାଙ୍କର ତର୍କ ହେଉଛି ମଙ୍ଗଳ ଗ୍ରହରେ ମଧ୍ୟ ଏହିପରି କିଛି ହୋଇଥିବ ଯେଉଁଥି ପାଇଁ ସେମାନେ ଏକ ଏଲିୟନ ସଭ୍ୟତାକୁ ଏଥିପାଇଁ ଦାୟୀ କରିଛନ୍ତି। ତାଙ୍କ ଅନୁସାରେ ଏହି ଆକ୍ରମଣ ମଙ୍ଗଳ ଗ୍ରହର ପୂରା ସଭ୍ୟତାକୁ ଶେଷ କରିଦେଇଛି। ଏହି ଗ୍ରହର ଲାଲ୍ ରଙ୍ଗ ଏହି ବିନାଶର ଫଳାଫଳ।



# ନୃତ୍ୟ ଦିବସ





ତ୍ରେତୟା ଯୁଗରେ ଦେବତାମାନଙ୍କ ବିନତି କ୍ରମେ ଭଗବାନ ବ୍ରହ୍ମା ନୃତ୍ୟ ବେଦ ପ୍ରସ୍ତୁତ କରିଥିଲେ। ସେବେଠାରୁ ନୃତ୍ୟର ଉତ୍ପତ୍ତି ହୋଇଛି ବୋଲି ସମସ୍ତେ ମାନନ୍ତି। ଏହି ନୃତ୍ୟ ବେଦରେ ସାମ୍‌ବେଦ, ଅଥର୍ବବେଦ, ଯଜୁର୍ବେଦ ଓ ଋଗ୍‌ବେଦର କେତେକ ତତ୍ତ୍ୱକୁ ସାମିଲ କରାଯାଇଥିଲା। ଯେତେବେଳେ ନୃତ୍ୟ ବେଦର ରଚନା ପୂରା ହୋଇଗଲା ସେତେବେଳେ ଭରତମୁନିଙ୍କ ଶହେ ପୁତ୍ର ନୃତ୍ୟ କରିବାର ଅଭ୍ୟାସ କରିଥିଲେ। ଆଜି ଆମ ଦେଶରେ କଥକଲୀ, ମୋହିନୀଅଟ୍ଟମ୍, ଓଡ଼ିଶୀ, କଥକ, ଭାରତନାଟ୍ୟମ୍, କୁଚିପୁଡ଼ି, ମଣିପୁରୀ ଆଦି ନୃତ୍ୟ ଶୈଳୀ ଦେଖିବାକୁ ମିଳୁଛି। ନୃତ୍ୟ-ମାନବୀୟ ଅଭିବ୍ୟକ୍ତିଗୁଡ଼ିକର ରସମୟ ପ୍ରଦର୍ଶନ ଅଟେ। ନୃତ୍ୟ ବିଦ୍ୟା ମାଧ୍ୟମରେ ଲୋକମାନେ ନିଜର ଭାବନା ଓ ବିଚାରଗୁଡ଼ିକୁ ବ୍ୟକ୍ତ କରିଥାନ୍ତି। ଏହା ଏକ ସାର୍ବଭୌମ କଳା, ମାନବ ଜୀବନ ସହିତ ଏହି କଳାର ଆରମ୍ଭ ହୋଇଥିଲା। ପିଲାଟିଏ ଜନ୍ମ ହେବା ମାତ୍ରେ ନିଜର ହାତ-ଗୋଡ଼ ହଲାଇଥାଏ। ଏହି ଆଙ୍ଗିକ କ୍ରିୟାରୁ ଜୀବନରେ ଆରମ୍ଭ ହୋଇଥାଏ ନୃତ୍ୟ କରିବାର ଶୈଳୀ। ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ କ୍ରମରେ ରହିଛି ଆଜିର ଦିନ। କାରଣ ପ୍ରତ୍ୟେକ ବର୍ଷ ଆଜିର ଦିନରେ ପୂରା ବିଶ୍ୱ ପାଳନ କରେ ନୃତ୍ୟ ଦିବସ। ଏହି କଳା ଦେବୀ-ଦେବତା, ଦୈତ୍ୟ ଦାନବ, ମନୁଷ୍ୟ ଏବଂ ପଶୁ-ପକ୍ଷୀଙ୍କର ଅତି ପ୍ରିୟ। ଭାରତୀୟ ପୁରାଣରେ ଏହାକୁ ଦୁଷ୍ଟନାଶକ ଏବଂ ଈଶ୍ୱର ପ୍ରାପ୍ତିର ସାଧନ ବୋଲି କୁହାଯାଇଛି। ତେଣୁ ନୃତ୍ୟର ମହତ୍ତ୍ୱ ପ୍ରତି ଜନସାଧାରଣଙ୍କୁ ଜାଗ୍ରତ କରାଇବା ପାଇଁ ୨୯ ଏପ୍ରିଲ୍, ୧୯୮୨ ମସିହାରେ ନୃତ୍ୟ ଦିବସର ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥାର ସହଯୋଗୀ ଅନ୍ତର୍ଜାତୀୟ ନୃତ୍ୟ ସମିତି ୨୯ ଏପ୍ରିଲ୍ ଦିନଟିକୁ ନୃତ୍ୟ ଦିବସ ଭାବରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ଏହି ସଂସ୍ଥା ଥିଲା ୟୁନେସ୍କୋର ସହଯୋଗୀ।

# ଅନେକ ରୋଗର ରାମବାଣ-ଚିରେଇତା

ଆୟୁର୍ବେଦରେ ଚିରେଇତା ଏକ ମହତ୍ତ୍ୱପୂର୍ଣ୍ଣ ଜଡ଼ିବୁଟି। ଏହା ଏପରି ଏକ ଜଡ଼ିବୁଟି ଯାହା ସ୍ୱାସ୍ଥ୍ୟପକ୍ଷେ ବହୁତ ଲାଭକାରୀ ହୋଇଥାଏ। ସ୍ୱାଦରେ ପିତା ଓ ଔଷଧୀୟ ଗୁଣରେ ଭରପୂର ଚିରେଇତାର ଉପଯୋଗ ଶହ ଶହ ବର୍ଷ ହେଲାଣି ଅନେକ ରୋଗର ଚିକିତ୍ସାରେ ବ୍ୟବହାର କରାଯାଉଛି। ପାଚନରୁ ଆରମ୍ଭ କରି ଗମ୍ଭୀର ରୋଗ, ଲିଭର୍ ସମ୍ବନ୍ଧୀୟ ସମସ୍ୟା ଓ ସ୍କିନ୍ ସମ୍ବନ୍ଧୀୟ ଚିକିତ୍ସାରେ ଚିରେଇତାର ଉପଯୋଗ କରାଯାଏ। ତେବେ ଲାଭ ସହିତ ଏହାର ରହିଛି ଅନେକ ଦୁଃଷ୍ପ୍ରଭାବ ଯେଉଁଗୁଡ଼ିକ ଉପରେ ଧ୍ୟାନ ଦେବା ଜରୁରୀ ଥିଲା। ପାଚନ ତନ୍ତ୍ରକୁ ସୁଧାରିବାରେ ଚିରେଇତାର ରହିଥାଏ ବିଶେଷ ଭୂମିକା। ଅପଚ, ଗ୍ୟାସ୍ ଓ କୋଷ୍ଠକାଠିନ୍ୟ ପରି ସମସ୍ୟାଗୁଡ଼ିକରୁ ରକ୍ଷା ପାଇବା ପାଇଁ ଓ ଭୋକ ବଢ଼େଇବା ପାଇଁ ଚିରେଇତା ସହାୟକ ହୋଇଥାଏ। ଏହା ଜ୍ୱର, ବିଶେଷ କରି ମ୍ୟାଲେରିଆର ଚିକିତ୍ସାରେ ଅନେକଟା ସଫଳ ହୋଇଛି। ଲିଭର୍ ଡିଟକ୍ସ ପାଇଁ ମଧ୍ୟ ଏହା ଏକ ପ୍ରଭାବୀ ଉପାୟ। ହେପାଟାଇଟିସ୍ ଓ ଅନ୍ୟ ଲିଭର୍ ସମ୍ବନ୍ଧୀୟ ରୋଗଗୁଡ଼ିକରେ ଚିରେଇତା ସେବନ କରିବା ଦ୍ୱାରା ଲାଭ ମିଳିପାରେ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ଅଧିକ ଲାଭକାରୀ ପ୍ରମାଣିତ ହୋଇଛି। ସ୍କିନ୍ ଚିକିତ୍ସାରେ ମଧ୍ୟ ଚିରେଇତାର ବ୍ୟବହାର କରାଯାଏ। ବ୍ରଣ, ଦାନା, ଏଗ୍‌ଜିମା ଓ ଆଲର୍ଜି ପରି ସମସ୍ୟାଗୁଡ଼ିକରୁ ରକ୍ଷା କରିଥାଏ ଚିରେଇତା। ଏହା ସହିତ ଚିରେଇତା ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରାଇଥାଏ। କାଶକୁ ଠିକ୍ କରିବା ପାଇଁ ମଧ୍ୟ ଚିରେଇତାର ବ୍ୟବହାର କରାଯାଏ। ଚିରେଇତାକୁ କାଢ଼ା କରି ପିଇବା ଦ୍ୱାରା କାଶ ଭଲ ହୁଏ। ଏହାର ଔଷଧୀୟ ଗୁଣ ପ୍ରଭାବଶାଳୀ ଲାଭ ଦେଇଥାଏ। ଏହାର ରହିଛି ଅନେକ ଦୁଃଷ୍ପ୍ରଭାବ।



**କ୍ଷତି**-ଚିରେଇତାର ସ୍ୱାଦ ବେଶ୍ ପିତା ହୋଇଥିବାରୁ କିଛି ଲୋକଙ୍କୁ ବାନ୍ତି ଲାଗେ କିମ୍ବା ବାନ୍ତି ହୋଇଥାଏ। ଏହା ରକ୍ତଚାପକୁ କମ୍ କରିଥାଏ। ଏପରି ସ୍ଥଳେ ଲୋ ବିପିର ରୋଗୀଙ୍କ ପାଇଁ ଏହା ବିପଦ ସାବ୍ୟସ୍ତ ହୋଇପାରେ। ଏହାଛଡ଼ା ଗର୍ଭବତୀ ଓ ସ୍ତନ୍ୟପାନ କରଉଥିବା ମହିଳାମାନେ ମେଡିକାଲ୍ କଣ୍ଡିସନ୍ ବିନା ଚିରେଇତାର ବ୍ୟବହାର କରିବା ଉଚିତ ନୁହେଁ।


# ମଣିଷଙ୍କୁ ଦୁର୍ବଳ କରୁଛି ଏଆଇ





ଦିନ ପ୍ରତିଦିନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଅର୍ଥାତ ଏଆଇ ମଣିଷଙ୍କୁ ପଛରେ ଛାଡ଼ି ଦ୍ରୁତଗତିରେ ଆଗକୁ ବଢ଼ିଚାଲିଛି। କିଛି ଲୋକ ଅନୁମାନ କରିପାରୁନାହାନ୍ତି ଯେ ଏପରି ସମୟ ଆସିବ ଯେତେବେଳେ ମଣିଷକୁ ଏହା ମନ୍ଦବୁଦ୍ଧି ବା ମୂର୍ଖ କରିଦେଇପାରେ। ଏହା କହୁଛନ୍ତି ବୈଜ୍ଞାନିକମାନେ। ଏଆଇ ମସ୍ତିଷ୍କ କରୁଥିବା ବଡ଼ ବଡ଼ କାମଗୁଡ଼ିକୁ ନିଜ ହାତକୁ ନେଉଥିବାରୁ ମଣିଷ ଚିନ୍ତା କରିବାର କ୍ଷମତା ହରେଇ ବସୁଛି। ତେଣୁ ବହୁତ ଶୀଘ୍ର ସେ ସମୟ ଆସିବ ଯେତେବେଳେ ଏଆଇ ମଣିଷମାନଙ୍କୁ ବେକାର କରିଦେବ ଓ ଏହା କେବଳ ଆଗାମୀ ଦଶକ ମଧ୍ୟରେ ସମ୍ଭବ ହୋଇଯାଇପାରେ। କାରଣ ଏଆଇ ଦିନକୁ ଦିନ ବୁଦ୍ଧିମାନ ହୋଇଚାଲିଛି। ମଣିଷ କେବଳ ଏହା ଦେଖିବା ବ୍ୟତୀତ ଆଉ କିଛି କରିପାରିବ ନାହିଁ। ବିଶେଷଜ୍ଞଙ୍କ ମତରେ ମଣିଷ ତା'ର ମସ୍ତିଷ୍କର ଶକ୍ତିକୁ ହରେଇ ଚାଲିଛି। କାରଣ ଏଆଇ ମଣିଷ ବିନା ନୂଆ କଣ୍ଟେଣ୍ଟ୍ ପର୍ଯ୍ୟନ୍ତ ପ୍ରସ୍ତୁତ କରିପାରୁଛି। ବୈଜ୍ଞାନିକମାନେ ଜେମ୍ସ କ୍ଲିନ୍‌ଙ୍କ ନାମରେ କ୍ଲିନ୍ ପ୍ରଭାବ ବିଷୟରେ କହିଛନ୍ତି। ପିଢ଼ି ପରେ ପିଢ଼ି ମଣିଷ ବୁଦ୍ଧିମତ୍ତା ପରୀକ୍ଷଣଗୁଡ଼ିକରେ ଅଧିକ ନମ୍ବର ଆଣୁଥିଲା। କିନ୍ତୁ ଏହି ଚଳନ ଏବେ ଓଲଟିବାକୁ ଲାଗିଲାଣି। ଅଧିକ ବୁଦ୍ଧିମାନ ହେବା ଓ ଆଇକ୍ୟୁ ପରୀକ୍ଷାରେ ଅଧିକ ସ୍କୋର୍ କରିବା ପରିବର୍ତ୍ତେ ଏବେ ମଣିଷ କମ୍ ନମ୍ବର ଆଣୁଛି ଓ ଏହି ସ୍କୋର ପ୍ରତିବର୍ଷ କମ୍ ହୋଇଚାଲିଛି। ଅର୍ଥାତ ମଣିଷ ପ୍ରତିବର୍ଷ ମନ୍ଦବୁଦ୍ଧି ହୋଇଚାଲିଛି। ୧୯୪୯ରେ ଏହିଭଳି ଟେଷ୍ଟ୍ ଆରମ୍ଭ ହୋଇଥିଲା। ତିନି ଦଶକ ହେଲାଣି ଆମର ଆଇକ୍ୟୁ ସ୍କୋର୍ ଲଗାତର ତଳକୁ ଯାଉଥିବାର ନଜର ଆସୁଛି। ନିକଟରେ ଏହି ସ୍କୋର୍ ସବୁଠାରୁ କମ୍ ହୋଇଥିବାର ଲକ୍ଷ୍ୟ କରାଯାଇଛି। ଯେତେବେଳେ ଆଇକ୍ୟୁ ସ୍ତର ହ୍ରାସ ପାଉଛି ଆମର ଆଲୋଚନାତ୍ମକ ଚିନ୍ତାଧାରା ଓ ଧ୍ୟାନ ଦେବାର କ୍ଷମତା ଦୁଇଟି ସାରାରେ ଅଭାବ ଥିବାର ଦେଖିବାକୁ ମିଳୁଛି। କାରଣ ମଣିଷ ଶିଖିବାର କ୍ଷମତା ଓ ବିଶେଷଜ୍ଞତାଗୁଡ଼ିକରୁ ବଞ୍ଚିତ ହେଉଛି। ବର୍ତ୍ତମାନ ସମୟରେ ମାନବ ବୁଦ୍ଧିମତ୍ତାକୁ ଦୁର୍ବଳ କରିଦେଲାଣି ଏଆଇ।

# 'ସିଆଇଡି-୨'ରେ ଜବରଦସ୍ତ ଟ୍ୱିଷ୍ଟ୍

ଟିଭିର ଲୋକପ୍ରିୟ କ୍ରାଇମ୍ ଶୋ' 'ସିଆଇଡି-୨' ଲୋକମାନଙ୍କୁ ମନୋରଞ୍ଜନ ଯୋଗଉଛି। ଅଳ୍ପ ସମୟ ଭିତରେ ଲୋକମାନଙ୍କ ମନରେ ଏହା ଛାଡ଼ିଛି ଏକ ସ୍ୱତନ୍ତ୍ର ଛାପ। ଏହା ସହିତ ସୋସିଆଲ୍ ମିଡିଆରେ ମଧ୍ୟ ଏହା ଟ୍ରେଣ୍ଡ୍ କରୁଛି। ନିକଟରେ ଶୋ'ର ଏକ ନୂଆ ଏପିସୋଡ୍ ଆସିଥିଲା ଓ ତାହା ହୋଇଥିଲା ଯାହା ଦେଖିବାକୁ ଚାହୁଁଥିଲେ ଦର୍ଶକମାନେ। କିଛି ଏପିସୋଡ୍ ପୂର୍ବରୁ ଏସିପି ପ୍ରଦ୍ୟୁମ୍ନଙ୍କ ମୃତ୍ୟୁର କାହାଣୀ ଦେଖାଇ ଶିବାଜୀ ସାଟମ୍‌ଙ୍କୁ ଶୋ'ରୁ ବାହାର କରିଦିଆଗଲା। କିନ୍ତୁ ଏହି ଘଟଣାକୁ ଦର୍ଶକମାନେ ପସନ୍ଦ କରିନଥିଲେ। ସୋସିଆଲ୍ ମିଡିଆ ଜରିଆରେ ଲୋକମାନେ ଏସିପି ପ୍ରଦ୍ୟୁମ୍ନଙ୍କ ଚରିତ୍ର ଅର୍ଥାତ ଶିବାଜୀ ସାଟମ୍‌ଙ୍କୁ ପୁଣି ଥରେ ଫେରାଇ ଆଣିବା ପାଇଁ ଦାବି କରିଥିଲେ। ତେଣୁ ନୂଆ ଏପିସୋଡ୍‌ରେ ପୁଣି ଥରେ ତାଙ୍କର ଏଣ୍ଟ୍ରି ହୋଇଗଲା ଓ ଆସିବା ମାତ୍ରେ ନୂଆ ଏସିପିଙ୍କ ଉପରେ ସେ ବନ୍ଧୁକ ଲଗାଇଦେଲେ। ଏକ ପାର୍ଶ୍ୱରେ ଦୟା ଓ ଅଭିଜିତ୍ ମିଶି ଏକ ମାମଲାର ସମାଧାନ କରୁଥିବା ବେଳେ ସେ ସମୟରେ ଏପିସୋଡ୍‌ରେ ଫ୍ଲାସ୍‌ବ୍ୟାକ୍‌ର କାହାଣୀ ଶୁଣିବାକୁ ମିଳିଥିଲା ଓ ଫେରିଥିଲେ ଏସିପି ପ୍ରଦ୍ୟୁମ୍ନ। ତେବେ ତିନି ମାସର କାହାଣୀରେ କେହି ଜଣେ ପ୍ରଦ୍ୟୁମ୍ନଙ୍କୁ ଫଲୋ କରୁଥିବାର ଦେଖିବାକୁ ମିଳିଥିଲା କିନ୍ତୁ ସେ କିଏ ଥିଲେ? ଏହାପରେ ଫୋନ୍‌ରେ ଏକ ମେସେଜ ଆସିଥିଲା- 'ତୁମର ଏକମାତ୍ର ଟାର୍ଗେଟ୍ ହେଉଛନ୍ତି ଏସିପି ପ୍ରଦ୍ୟୁମ୍ନ।' ଏସିପି ପ୍ରଦ୍ୟୁମ୍ନ ତ ଫେରିଲେ। କିନ୍ତୁ ନୂଆ କେସ୍‌ରେ ଏହା ସହିତ ଫ୍ଲାସ୍‌ବ୍ୟାକ୍‌ର କାହାଣୀ ଦେଖିବାକୁ ମିଳିଥିଲା। ଏସିପି ପ୍ରଦ୍ୟୁମ୍ନଙ୍କୁ ଆଉ କେହି ଫଲୋ କରୁନଥିଲେ ସେ ଥିଲେ ନୂଆ ଏସିପି ଆୟୁଷ୍ମାନ ଓରଫ୍ ପାର୍ଥ ସମଥାନ୍। ତେବେ ସୋସିଆଲ୍ ମିଡିଆରେ ପାର୍ଥଙ୍କର ଖୁବ୍ ପ୍ରଶଂସା ହୋଇଥିଲା।



# ତାଣ୍ଡବ ରଚିଲା କାଳବୈଶାଖୀ



**କାମାଖ୍ୟାନଗର ,୨୮।୪/ଏନ୍‌ଏନ୍‌ଏସ୍:** କାମାଖ୍ୟାନଗର ସହର ଓ ଆଖପାଖ ଅଞ୍ଚଳରେ ତାଣ୍ଡବ ରଚିଛି କାଳବୈଶାଖୀ । ଅପରାହ୍ନରେ ହଠାତ ପ୍ରବଳ ବର୍ଷା ସହ ଭୟଙ୍କର ପବନ ଅଳ୍ପ ସମୟ ମଧ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ସହରର ପୋଷ୍ଟ ଅଫିସ୍ ଠାରୁ କାନପୁରା ଯାଉଥିବା ରାସ୍ତାରେ ଅତ୍ୟଧିକ ଗଛ ଭାଙ୍ଗି ପଡିଥିବା ବେଳେ ଅନେକ ଗଛ ଉପୁଡି ଯାଇଥିବା ବେଳେ ଅନେକ ଗଛ ପଡ଼ି ରହିଛି । ଫଳରେ ଯାତାୟାତରେ ବାଧା ଉପୁଜିବା ସହ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି । ସେହିପରି ଡେଙ୍ଗୁଳି କେନାଲ ନିକଟରେ ଥିବା ମହେଶ୍ୱର ଜେନାଙ୍କ ଦୋକାନଟି କାଳବୈଶାଖୀ ପ୍ରଭାବରେ ସମ୍ପୂର୍ଣ୍ଣ ଭାଙ୍ଗି ରୁଜି ଯାଇଥିବା ବେଳେ ଦୋକାନରେ ଥିବା ଅନେକ ସାମଗ୍ରୀ ନଷ୍ଟ ହୋଇଯାଇଛି । ମହେଶ୍ୱର କହିଲେ ଗରିବ ଲୋକ ହୋଇଥିବା ବେଳେ ଏହି ଦୋକାନରୁ ସେ ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ । ତେଣୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ନେଇ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି । ସେହିପରି ସହର ଓ ମେମୋରିଆଲ, କିରିଗାମାଳି, ପ୍ରକୃତି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ରାସ୍ତାରେ ଅନେକ ଗଛ ଉପୁଡି ପଡ଼ିଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବନ୍ଦ ହୋଇ ରହିଥିଲା । ତେବେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁଁ ଜନଜୀବନ ପ୍ରବଳ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତ ହୋଇଥିବା ବେଳେ ଅନେକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି ।

# ଚୋରକୁ ନିର୍ଧୁମ ଛେଚିଲେ ଲୋକେ

**ତାଳଚେର ,୨୮।୪/ଏନ୍‌ଏନ୍‌ଏସ୍:** ଗତକାଲି ସନ୍ଧ୍ୟା ସମୟରେ ଜୈନିକ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ସମୟରେ ସମ୍ପୃକ୍ତ ଲୁଟେରାଙ୍କୁ ଧରି ଅଞ୍ଚଳବାସୀ ନିର୍ଘୁମ ମାଡ଼ ମାରିଥିବା ଘଟଣା ସମଗ୍ର ତାଳଚେର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଶିଳ୍ପନଗରୀ ତାଳଚେର ଅଞ୍ଚଳର ମୁଖ୍ୟ ବଜାର ହାଟତୋଟା ଦେଇ ଜୈନିକ ଦମ୍ପତି ବାଇକ୍‌ରେ ଯାଉଥିବା ବେଳେ ଦୁଇଜଣ ସୁନାଚେନ୍ ଚୋର ତାଙ୍କ ପିଛା କରିବା ସହ ବେକରୁ ସୁନାଚେନ୍ ଝାମ୍ପି ନେଉଥିବା ସମୟରେ ସେମାନେ ବିଫଳ ହୋଇଥିଲେ ଏବଂ ହୋ'ହାଲ୍ଲା ହେବାପରେ ସେଠିକାର ଅଞ୍ଚଳବାସୀ ପାଟି ଶୁଣି ଘଟଣା ସ୍ଥଳରେ ରୁଣ୍ଡ ହୋଇଥିଲେ ଓ ସୁନାଚେନ ଚୋରକୁ ବାନ୍ଧୁ କରିନେବା ସହ ନିର୍ଦ୍ଧୁମ ଛେଚିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ତେବେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଯଦି ଲୁଟପାଟ ହେବ ତେବେ ତାଳଚେର ଅଞ୍ଚଳରେ ଲୋକେ କେତେ ସୁରକ୍ଷିତରେ ବୁଲାବୁଲି କରୁଛନ୍ତି ତାହା ଏଥିଗଣରୁ ସ୍ପଷ୍ଟ ଜଣାପଡୁଛି । ଏଭଳି ଘଟଣା ଅନେକ ଘଟିସାରିଥିଲେ ମଧ୍ୟ ପୁଲିସ୍ ହାତଖାଲି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ପ୍ରସନ୍ନ ରାଉତ ଧର୍ମଶାଳା ବ୍ଲକ୍ ବିଜେଡି ସଭାପତି



**ଧର୍ମଶାଳା ,୨୮।୪/ଏନ୍‌ଏନ୍‌ଏସ୍:** ବିଜେଡି ରାଜ୍ୟ ସଭାପତି ନିର୍ବାଚନ ପରେ ଜିଲ୍ଲା ସ୍ତରରେ ବଳୀୟ ସଭାପତି ଚୟନ କରାଯାଇଥିବା ବେଳେ ବ୍ଲକ ସ୍ତରୀୟ ବିଜେଡି ସଭାପତି ଚୟନ କରାଯାଇଛି । ଧର୍ମଶାଳା ବ୍ଲକ୍ ପାଇଁ ବିଜେଡିର ନୂତନ ସଭାପତି ଭାବେ ପ୍ରସନ୍ନ କୁମାର ରାଉତଙ୍କୁ ନିଯୁକ୍ତି ଦିଆଯାଇଛି । ଏନେଇ ଯାଜପୁର ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ଚିଠି ମାଧ୍ୟମରେ ଆଜି ଘୋଷଣା କରିଛନ୍ତି । ପୂର୍ବରୁ ଜଳଧର ମହାନ୍ତି ଧର୍ମଶାଳା ବ୍ଲକର ବିଜେଡି ସଭାପତି ଭାବେ କାର୍ଯ୍ୟ ତୁଲାଉଥିଲେ । ଏବେ ଶ୍ରୀ ମହାନ୍ତିଙ୍କ ସ୍ଥାନରେ ଆନ୍ଧାଳ ପଞ୍ଚାୟତର ପ୍ରସନ୍ନ କୁମାର ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ପ୍ରସନ୍ନ ବିଜେଡିର ବ୍ଲକ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ପଦପଦବୀରେ ରହି ସୁଚାରୁ ରୂପେ କାର୍ଯ୍ୟ କରିଆସିଛନ୍ତି । ଧର୍ମଶାଳା ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ପାଇଥିବାରୁ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ଓ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ଆଗାମୀ ଦିନରେ ଧର୍ମଶାଳା ବ୍ଲକରେ ବିଜେଡିକୁ ଅଧିକ ଶକ୍ତ ଓ ସୁଦୃଢ଼ କରିବାକୁ ଚେଷ୍ଟା ଜାରିରଖିବେ ବୋଲି ଶ୍ରୀ ରାଉତ କହିଛନ୍ତି ।

# ସିପିଆଇ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୨୮।୪/ଏନ୍‌ଏନ୍‌ଏସ୍:** ସିପିଆଇ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଦାବି ଦିବସ ପାଳନ କରାଯାଇ କେନ୍ଦ୍ରାପଡା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାସନ କାର୍ଡ, ଆୟୁଷ୍ମାନ କାର୍ଡର କେନ୍ଦ୍ରୀୟ ସାଧାରଣ ଲୋକେ ଜାଣିପାରୁ ନଥିବାରୁ ତାକୁ ପ୍ରଶାସନ ପକ୍ଷରୁ କରାଇ ଦିଆଯାଉ । କେନ୍ଦ୍ରାପଡା କେନାଲର ନବୀକରଣ କାର୍ଯ୍ୟ ତୁରନ୍ତ ସମ୍ପର୍ଣ୍ଣ କରି ପାଣି ଛଡାଯାଉ । ସରକାର ପ୍ରତ୍ୟେକ ପରିବାରକୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରଦାନ କରାଯିବା ସହ ବ୍ଲକ୍‌କୁ ଆସୁଥିବା ଲୋକମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରାଯାଉ । ଚିଟଫଣ୍ଡ ଟଙ୍କା ଫେରସ୍ତ ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ପ୍ରମୋଦ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ ।

# ଅଂଶୁଘାତ ସେଚତନତା ବାର୍ତ୍ତା



**କେନ୍ଦ୍ରାପଡ଼ା,୨୮।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅଧିନ କୁଶିଆପାଳ ଗ୍ରାମର ୬୦ ବର୍ଷର୍ର ବୃଦ୍ଧ କୁବେର ଚନ୍ଦ୍ର ସାହୁ ସମାଜସେବାରେ ନିଜକୁ ନିୟୋଜିତ କରି ଗାଁ ଗାଁ ବୁଲି ଅଂଶୁଘାତର ସେଚତନତା ବାର୍ତ୍ତା ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଅନୁଭୂତ ହେଉଥିବା ପ୍ରବଳ ଗ୍ରୀଷ୍ମତାପରେ ଜନ ସଧାରଣଙ୍କୁ ସଚେତନ କରାଇ ଅଂଶୁଘାତର ନିରାକରଣ ଓ ପ୍ରତିକାର ଉପରେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି । ନିଜେ ସାଇକେଲ ଚଲାଇ ଜିଲ୍ଲାର ବିଭିନ୍ନ ବ୍ଲକକୁ ଯାଇ ଅଂଶୁଘାତର ଭୟାବହତା ଓ ଏହାପ୍ରତି ସତର୍କ ରହିବାକୁ ଜନସାଧାରଣଙ୍କୁ ପ୍ରେରଣା ଯୋଗାଉଥିବାରୁ ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଉଥିବା ଜଣାପଡ଼ିଛି ।

# ଉତ୍କଳ ଗୌରବ ମଧୁବାବୁଙ୍କ ୧୭୭ତମ ଜୟନ୍ତୀ



**ଢେଙ୍କାନାଳ,୨୮।୪/ଏନ୍‌ଏନ୍‌ଏସ୍:** ଆଜି ଆନ୍ତର୍ଜାତୀୟ ସମବାୟ ବର୍ଷ । ଏହି ଅବସରରେ ଆଜି ଅପରାହ୍ନରେ ପୁରୁଣା ଜିଲ୍ଲା ପରିଷଦ ହଲ ଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଯୋଗଦେଇ ଓଡ଼ିଶାର ସମବାୟ ଆନ୍ଦୋଳନର ଅଗ୍ରଦୂତ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଭୂମିକା ଚୀର ସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ । ମଧୁବାବୁ ସମବାୟ ଆନ୍ଦୋଳନର ସ୍ରଷ୍ଟା ଥିଲେ। ଓଡ଼ିଶାର ପ୍ରଥମ ଶିଳ୍ପୋଦ୍ୟୋଗୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସମବାୟ ଆନ୍ଦୋଳନ ଫଳରେ ଗ୍ରାମାଞ୍ଚଳର ବହୁବିଧ ବିକାଶ ସମ୍ଭବ ହୋଇପାରିଛି ଏବଂ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ସମବାୟ ବ୍ୟବସ୍ଥା ଅଧିକ ସୁଦୃଢ ହେଲେ, କୃଷକ ବନ୍ଧୁ ଓ ଗ୍ରାମାଞ୍ଚଳବାସୀମାନେ ଅଧିକ ଉପକୃତ ହେବେ ଏବଂ ଗ୍ରାମାଞ୍ଚଳର ଲୋକେମାନଙ୍କ ଆର୍ଥିକ ଓ ସାମାଜିକ ସ୍ତରରେ ଅଧିକ ଉନ୍ନତି ହେବ ଏବଂ ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ସାକାର ରୂପ ନେଇପାରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ । ସମବାୟ ସମିତିର ଉପ ନିବନ୍ଧକ ଶ୍ରୀମତୀ ସରୋଜିନୀ ଜେନା ସମବାୟ ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ଏହା ଦ୍ୱାରା କୃଷକ ଭାଇ ଓ ଗ୍ରାମାଞ୍ଚଳବାସୀମାନେ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଋଣ ପ୍ରଦାନ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥିବା ଅନୁଗୁଳ କେନ୍ଦ୍ରୀୟ ସଂଯୁକ୍ତ ସମବାୟ ବ୍ୟାଙ୍କର କର୍ମକର୍ତ୍ତା, ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥଲା । ଉତ୍ସବରେ ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀମତୀ ଗୀତାଶ୍ରୀ ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷକ ଡକ୍ଟର ଦେବୀ ପ୍ରସାଦ ମିଶ୍ର, ଅନୁଗୁଳ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରିବା ସହିତ ସମବାୟ ଆନ୍ଦୋଳନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ବିଭାଗୀୟ ଅଧିକାରୀମାନେ, ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଓ ସଂପାଦକ, ବିଭିନ୍ନ ବ୍ୟାଙ୍କର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏହି ଅବସରରେ ଆଜି ସକାଳେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସିଭିଲ କୋର୍ଟ ଛକସ୍ଥିତ ମଧୁବାବୁଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

**କେନ୍ଦ୍ରାପଡ଼ା:** ଉତ୍କଳ ଗୌରବ ପୁଣ୍ୟାତ୍ମା ମଧୁ ସୁଦନ ଦାସଙ୍କ ୧୭୭ତମ ଜୟନ୍ତୀ ତଥା ଆଇନି ଜୀବୀ ଦିବସ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ତରଫରୁ ପାଳନ କରାଯାଇଛି । ଜିଲ୍ଲା ଓକିଲସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରିତା ମହାନ୍ତି ମୁଖ୍ୟ ଅତିଥି, ପ୍ରଫେସର ମୋହନ ଚରଣ ଜେନା ମୁଖ୍ୟ ବକ୍ତା, ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ବାର୍ କାଉନସିଲ ସଦସ୍ୟ ଦିନେଶ ରାୟ ସମ୍ମାନିତ ଅତିଥି ଭବେ ଯୋଗ ଦେଇଥିଲେ । ଏହି ଅବସର ରେ ଅତିଥି ମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରେଦଶ ଗଠନ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମାମଲା ପରିଚାଳନା କରି ସଫଳତା ପାଇଥିବା ତଥା ସମବାୟ ଅନ୍ଦୋଳନେର ପ୍ରମୁଖ ଭୂମିକା ଗ୍ରହଣ ତଥା ଓଡିଆ ଅସ୍ମିତା ର ପ୍ରମୁଖ ବିଦ୍ଧାଣୀ ସ୍ୱଗର୍ତ୍ତ ମଧୁବାବୁଙ୍କ ଜୀବନାଦର୍ଶ ତଥା ଜେଣ ଦକ୍ଷ ଆଇନଜୀବି ଭାବେ ମାମଲା ପରିଚାଳନା କରି ଅନେକ ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିଥିବା ପରିପ୍ରେକ୍ଷୀ ରେ ଅତିଥିମାନେ ଅଲୋଚନା କରିଥିଲେ । ଏହି ଅବସରରେ ଆଇନଜୀବୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଧ୍ରୁବ ଚରଣ ଜେନାଙ୍କୁ ମଧୁ ସମ୍ମାନ, ଅଧିବକ୍ତା ନିଶିଥ ଚକ୍ରବର୍ତ୍ତୀ, ସୁଶ୍ରୀ ସଂଗୀତା ଦାଶଙ୍କୁ 'ଚକ୍ରଧର ସେନାପତି' ଏବଂ 'ସୁରେଶ ଚନ୍ଦ୍ର ସେନାପତି' ସ୍ମୃତି ସମ୍ମାନ, ତୁଳସୀ ମହାରଣାଙ୍କୁ 'ସୁଧାଂଶୁବାଳା ଦାସ ' ସ୍ମୃତି ସମ୍ମାନ, ମାନସ କୁମାର ମହାନ୍ତି, ସୁରେଶ ପ୍ରଧାନଙ୍କୁ 'ଭାଗବତ ମହାନ୍ତି ସ୍ମୃତି ସମ୍ମାନ', ଅଶୋକ ଗୋଛୟତଙ୍କୁ 'ଜଗଦାନନ୍ଦ ପଣ୍ଡା ସ୍ମୃତି ସମ୍ମାନ' ନେହେରୁ କୁମାର ସାହୁଙ୍କୁ 'ପିତାମ୍ବର ମହାପାତ୍ର ସ୍ମୃତି ସମ୍ମାନ ' ରେ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ଓକିଲ ସଂଘ ସଂପାଦକ ନୃସିଂହ ରାଉତ ପରିଚାଳନା କରିଥିବାବେଳ କୋଷାଧକ୍ଷ ବିଭୂତି ଭୂଷଣ କର ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଆଶିଷ ସାମଲ, ଶାନ୍ତି ସ୍ୱରୂପ ଭୂୟାଁ, ନିତ୍ୟାନନ୍ଦ ସ୍ୱାଇଁ, ଗୌର ପ୍ରସାଦ ମହାପାତ୍ର, ରମେଶ ପ୍ରସାଦ ଲେଙ୍କା, ସୁବାସ ନାୟକ, ସୁବାଷ ମିଶ୍ର, ହାଡିବନ୍ଧୁ ସିଂ, ବିନୋଦ ବିହାରୀ ବେହେରା, ହରି ପ୍ରସାଦ କର, ମମତା ସାମଲ, ରେଣୁବଳା ସାମଲ, ନିରଞ୍ଜନ ବଳ ପ୍ରମୁଖ ଶତାଧିକ ଅଧିବକ୍ତା ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସରୋଜ ରାଜ ସିଂ, ଭୀମସେନ ଭୂୟାଁ, ବିଚିତ୍ରାନନ୍ଦ ମହାନ୍ତି, ସଞ୍ଜୟ କୁମାର ପତ୍ରୀ, ଗୋକୁଳି ରଞ୍ଜନ ଦାଶ, ଧିରେନ ସାହୁ, ଆଶିଷ କୁମାର ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।



**ପାରାଦୀପ:** ପାରାଦୀପ ପୌରପାଳିକା ଓ ପାରାଦୀପ ବାର୍ ଆସୋସିଏସନ୍ ମିଳିତ ସହଯୋଗରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର, ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ସୋମବାର ସକାଳେ ପାରାଦୀପ ଉପକଣ୍ଠ ଦୋଛକି ମଧୁସୂଦନ ପାର୍କରେ ଏହି ଉପଲକ୍ଷେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ପାରାଦୀପ ପୌରପାଳିକାର ଅଧକ୍ଷ,ପାରିଷଦଙ୍କ ସମେତ ପାରାଦୀପ ଓକିଲ ସଂଘର ସଭାପତି ଓ କର୍ମକର୍ତ୍ତାମାନେ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଏକ ଆଲୋଚନା ଚକ୍ର ନଗରପାଳ ତଥା ପାରାଦୀପ ଓକିଲ ସଂଘର ଉପସଭାପତି ବସନ୍ତ ବିଶ୍ୱାଳ ପୌରହିତ୍ୟ କରିଥିଲେ । ପାରାଦୀପ ଓକିଲ ସଂଘର ସଭାପତି ତଥା ଓଡ଼ିଶା ସରକାରଙ୍କ ଏଜିଏ ତପନ କୁମାର ଦାଶ, ଅନ୍ୟତମ ଉପସଭାପତି କୈଳାସ ଚନ୍ଦ୍ର ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂ, ପାରିଷଦ ସୁବ୍ରତ ପ୍ରଧାନ, କେଦାର ନାଥ ଜେନା, ଗୋଆ କାର୍ବନର ପରିଚାଳକ ଭେନୁଗୋପାଳ, ଲାଫିଙ୍ଗ କ୍ଲବ୍‌ର ସଭାପତି ଡ. କୈଳାସ ମହାରଣା ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ମୃତିଚାରଣ କରିଥିଲେ । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ପାରାଦୀପ ଓକିଲ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ତଥା ନୋଟାରି ପବ୍ଲିକ୍ ସଂଜୟ କୁମାର ମିଶ୍ର । ପାରାଦୀପ ପୌରପାଳିକାର ପାରିଷଦଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଯୋଇ ଦେଇଥିଲେ ।

**ଧର୍ମଶାଳା :** ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସୋମବାର ସନ୍ଧ୍ୟାରେ ଜାରକା ସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକଙ୍କ ଅଧକ୍ଷତାର ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ମଧୁବାବୁଙ୍କ ୩୧ ବର୍ଷର କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ତଥା ପ୍ରଧାନ ଶିକ୍ଷକ ବିଭୂତିଭୂଷଣ ପାଳ ଯୋଗଦେଇ ମଧୁସୂଦନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧୁ ଅଭୟାନନ୍ଦ ସାରଦା ଯୋଗ ଦେଇଥିଲେ। ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ , ଅଧକ୍ଷ ମହେଶ୍ୱର ପାଢ଼ୀ ପ୍ରମୁଖ ଯୋଗଦେଇ ମଧୁସୂଦନ ଦାସଙ୍କ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। କବି ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କବି ସରୋଜିନୀ ପଣ୍ଡା, ସବିତା ମିଶ୍ର, ଦେବେନ୍ଦ୍ର ପଟ୍ଟନାୟକ, ସନ୍ତୋଷ ଓଝା, ବେଣୁଧର ଦାସ, ଯୁଗଳ କିଶୋର ଦାସ, ନୃସିଂହ ଚରଣ ମିଶ୍ର, ଯତୀନ୍ଦ୍ର ମୋହନ ଦାସ, ସତ୍ୟାନନ୍ଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କବି ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।




**ତାଳଚେର:** ତାଳଚେର ବୁଦ୍ଧିଜୀବୀ ଫର୍ମ ପକ୍ଷରୁ ଆଜି ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ତାଳଚେର ଲିଙ୍ଗରାଜ କୋଇଲା ଖଣି ଅଧିନରେ ଥିବା ଡ଼ିସିଆଇ କ୍ଲବ୍‌ରେ ମଧୁବାବୁ ପ୍ରତିମୂର୍ତ୍ତି ଥିବାବେଳେ ଏଥିପ୍ରତି କାହାର ନଜର ପଡ଼ିନାହିଁ। ବିଶେଷ କରି ଏହି ମହାପୁରୁଷଙ୍କ ଜନ୍ମଶ୍ରାଦ୍ଧ ଦିସବ ମଧ ଏମ୍‌ସିଏଲ୍ ହେଉ କିମ୍ବା ତାଳଚେର ପୌରପରିଷଦ ହେଉ କି କୌଣସି ରାଜନୈତିକ ଦଳ ପକ୍ଷରୁ କେହି ହେଲେ ଫୁଲମାଳ ଟିଏ ଦିଆଯାଏ ନାହିଁ। ଏହାକୁ ଦୃଷ୍ଟିରେ ରଖି ତାଳଚେର ଆଇନଜୀବୀ ଗିରିଜାଶଙ୍କର ମିଶ୍ରଙ୍କ ନେତୃତ୍ୱରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ସଫାସୁତରା କରାଯାଇ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧରେ ମହିଳା କଲେଜର ପୂର୍ବତନ ଅଧକ୍ଷା ସୌଭାଗିନୀ ଦାସ, ସାମ୍ବାଦିକ ତପନ ମହାରଣା, ଭାଗ୍ୟରଥି ମହାପାତ୍ର, ଜିତେନ୍ଦ୍ର ମହାପାତ୍ର, ତାଳଚେର ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଜୀବନ ଉପରେ ବିସ୍ତୃତ ଆଲୋଚନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ତାଳଚେରର ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା।

# ଟ୍ରାଫିକ୍ ବ୍ୟବସ୍ଥାରେ ଆସୁନି ସୁଧାର !




**ତାଳଚେର,୨୮।୪/ଏନ୍‌ଏନ୍‌ଏସ୍:** ତାଳଚେରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ। କେତେବେଳେ କିଏ କୁଆଡୁ ମାଡ଼ିଆସିବ ଓ ଆଖି ପିଛୁଳାକେ ଜୀବନ ଚାଲିଯିବ ତାହା ଠଉରେଇବା କଷ୍ଟ। ରାସ୍ତା ମଝିରେ ଗାଡି ପାର୍କି ସାଙ୍ଗକୁ ରଙ୍ଗରୁଟ୍ ଡ୍ରାଇଭରେ ଆସି କିଏ କେତେବେଳେ ଧକ୍କା ହୋଇଯିବ କିଛି କହିହେବନି। ନୀତି ରାଜପଥରେ ଶହଶହ ଭାରିଯାନ ଚଳାଚଳ କରୁଛି। ମାତ୍ର ବିଡ଼ମ୍ବନାର ବିଷୟ, ସହର ମଧଦେଇ ଯାଇଥିବା ଜାତୀୟ ରାଜପଥରେ ୪ଟି ଟ୍ରାଫିକ୍ ପୋଷ୍ଟରେ କେତେବେଳେ ଟ୍ରାଫିକ୍ ପୁଲିସ୍ ରହୁଥିବା ବେଳେ ଆଉ କେତେ ବେଳେ ରହୁନଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପୁଣି ମହିଳା ଗୃହରକ୍ଷୀ ହାତରେ ଟ୍ରାଫିକ୍ ପରିଚାଳନା ଦାୟୀତ୍ୱ ଛାଡ଼ି ଦିଆଯାଇଛି। ଏପଟେ ଲୋକେ ଟ୍ରାଫିକ୍ ଯନ୍ତ୍ରଣାରେ ଦହଗଞ୍ଜ ହୁଅନ୍ତୁ କି, ମରନ୍ତୁ କାହାରି ଖାତିର୍ ନଥିବା ଭଳି ମନେହୁଏ ! ସେହିପରି କେତେବେଳେ କେମିତି ଗୃହରକ୍ଷୀ ଛିଡ଼ା ହୋଇଥିବା ବେଳେ ଅଧିକାଂଶ ସମୟରେ ମୁକୁଳା ରହୁଛି। ଏହି ବାଇପାସ୍ ଚାରି ଛକିଆରେ ଲୋକବିପଦକୁ ମୁଣ୍ଡାଇ ଆତଯାତ କରୁଥିବା ବେଳେ ଏଥିପ୍ରତି ପୁଲିସ୍ ନଜର ଅନ୍ଦାଜ ରହୁନାହିଁ। ସେହିଭଳି ହାଣ୍ଡିଧୁଆଁ ୪ଛକିଆ ଓ ଡ଼େରା ୬ଛକିଆ ରାସ୍ତାରେ ଟ୍ରାଫିକ ପୁଲିସ୍ ଆଦୌନଥିବା ଦୁର୍ଭାଗ୍ୟ ଜନକ ବିଷୟ ହୋଇଛି। ଆହୁରି ମଧରେ ତାଳଚେର କଲେଜ ନିକଟରେ ରହିଥିବା କେନାଲ ୪ଛକିଆ ବିପଦଜନକ ସ୍ଥାନ ହୋଇଥିଲେ ମଧ ଏଠାରେ ଆଦୌ ଟ୍ରାଫିକ୍ ପୋଷ୍ଟର ବ୍ୟବସ୍ଥା ଓ ଆଲୋକୀ କରଣ ବ୍ୟବସ୍ଥା ନଥିବାରୁ କେତେ ବେଳେ ଯେ, କ'ଣ ଘଟିବ ତାହା କହିବା ସମ୍ଭବ ନୁହଁ। ଏହି ଖବର ଗଣମାଧମରେ ପ୍ରକାଶପାଇ ଆସୁଥିଲେ ମଧ ପୁଲିସ୍ ଓ ପ୍ରଶାସନ କେହି ହେଲେ ଏଥିପ୍ରତି ଦୃଷ୍ଟି ଦେଉନଥିବା ପରିତାପର ବିଷୟ ହୋଇଛି। ସନ୍ଧ୍ୟା ସମୟରେ ଟ୍ରାଫିକ ଯନ୍ତ୍ରଣା ଏତେ ଯେ, ଦୁଇଚକିଆ ଯାନଗୁଡ଼ିକ ରାସ୍ତାପାର ହେବାକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥାଏ। ସହରରେ ଏପରି ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଜୁଡ଼ି ପଡ଼ିଥିବା ବେଳେ ପୁଲିସ୍ ସତେ ଯେପରି ହାତଟେକି ବସି ରହିଛି ବୋଲି ମନେ ହେଉଛି। ଟ୍ରାଫିକ ନିୟନ୍ତ୍ରଣ ଲକ୍ଷ୍ୟ ରଖି ସହରରେ ସିସିଟିଭି ଖଞ୍ଜା ଯାଇଛି। ସିସିଟିଭି ଦୀର୍ଘବର୍ଷ ବିତିଯାଇଥିଲେ ମଧ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆସୁନି। ଭାରିଯାନ ଗୁଡ଼ିକର ଦ୍ରୁତଗତି ସାଙ୍ଗକୁ ରୋମିଓମାନଙ୍କର ସାପଭଳି ଅଙ୍କାବଙ୍କା ଗାଡ଼ି ଚାଳନା ଯୋଗୁଁ ସାଧାରଣ ଜନତା ବିପଦ ମୁହଁକୁ ଠେଲି ହେଉଛନ୍ତି। ପୁନଶ୍ଚ ବ୍ୟାପକ ଧୂଳି ସହିତ ଅଣଓସାରିଆ ରାସ୍ତାରେ ମଳାମାଳ ଯାନବାହାନ ଚଳାଚଳ ଅବସ୍ଥାକୁ ଦ୍ୱିଗୁଣିତ କରୁଛି। ଏମାନଙ୍କୁ ଆକଟ କରିବାରେ ପୁଲିସର ନିଷ୍କ୍ରିୟତା ଯୋଗୁଁ ଉତ୍ପାତ ବଢ଼ିବାରେ ଲାଗିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

**ଯାଜପୁର ,୨୮।୪/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ସ୍ଥାନୀୟ ମିଶନ ଶକ୍ତି ଭବନରେ ଜିଲ୍ଲାର ଅଗ୍ରଣୀ ଚାଷୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁବ୍ରତ କୁମାର ମହାପାତ୍ର ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଲୋକପାତ କରିବା ସହିତ ସରକାରଙ୍କର ବିଭିନ୍ନ ଯୋଜନାରେ ଚାଷୀମାନଙ୍କ ସଂପୃକ୍ତି କରଣ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ରଣଜିତ୍ ସାହୁ ବିଶେଷତଃ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସଫଳ ରୂପାୟନ ଏବଂ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ରୋଗ ନିୟନ୍ତ୍ରଣ ଡା. ସୁଶାନ୍ତ କୁମାର ବେହେରା ପ୍ରାଣୀମାନଙ୍କର ବିଭିନ୍ନ ସଂକ୍ରାମକ ରୋଗ ନିରାକରଣ ନିମନ୍ତେ ବ୍ୟବସ୍ଥାର ସରଳୀକରଣ ଉପରେ ଆଲୋକପାତ କରିଥିଲେ । ଅନୁ ବିଭାଗୀୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିମଳ ମହାପାତ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ଯଥା ସମୟରେ ଉପଯୁକ୍ତ ସେବା ପ୍ରଦାନ କରିବାକୁ ପ୍ରାଣୀ ଚିକିତ୍ସକମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ କଟକ ଜିଲ୍ଲା ଦୁଗ୍ଧ ସଂଘର ସାଧାରଣ ପରିଚାଳକ ଡା. ଦିଗମ୍ବର ନାୟକ ଯୋଗଦାନ କରି ବିଭାଗ ସହିତ ଚାଷିଟିଏ ଯୋଡ଼ି ହେବାର ମାଗଦର୍ଶନ ଦେବା ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏବଂ ଓଡ଼ିଶାର ଗର୍ବ ଓ ଗୌରବ ବିଞ୍ଝାରପୁରୀ ଗାଈର କ୍ଷୀର ଇ୨ ମିଲକ୍‌ର ବଜାର ବ୍ୟବସ୍ଥାକୁ ସୁଗମ କରିବାକୁ ପ୍ରତିଶ୍ରୁତି ଦେବା ସହିତ ଚାଷିମାନଙ୍କ ର ଆୟ ବଢ଼ାଇବାର ବ୍ୟବସ୍ଥା ଉପାୟ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସାଧିକାରୀ ଏବଂ ଓମ୍ଫେଡ ଯାଜପୁର ୟୁନିଟର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଏହି କର୍ମଶାଳାରେ ଚାଷିମାନେ ସେମାନଙ୍କର ସଫଳ କାହାଣୀ ଉପସ୍ଥାପନ କରିଥିଲେ । ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଯୋଗଦାନ କରିଥିବା ଚାଷୀମାନଙ୍କୁ ମଧ୍ୟାହ୍ନ ଭୋଜନ ସହିତ ଗସ୍ତ ଖର୍ଚ୍ଚ ପ୍ରଦାନ କରା ଯାଇଥିଲା ।ଏହି କର୍ମଶାଳାକୁ ଯାଜପୁର ବ୍ଲକର ପ୍ରାଣୀ ଚିକିତ୍ସାଧିକାରୀ ଡା. ଜିତା ଦାସ ମଞ୍ଚ ପରିଚାଳନା କରିବା ସହିତ ଯାଜପୁର ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡା. ବିଜୟ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ଚାଷି ଯୋଗଦାନ କରିଥିଲେ।







**ଆଜିର ମ୍ୟାଚ୍**

ଦିଲ୍ଲୀ କ୍ୟାପିଟାଲ୍ସ ବନାମ କୋଲ୍‌କାତା ନାଇଟ୍ ରାଇଡର୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଦିଲ୍ଲୀ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ



## ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଫଳ ଶୂନ୍ୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ମୁମ୍ବାଇ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲ୍‌କାତା | ୯ | ୩ | ୫ | ୧ | ୭ | -୦.୨୧୨ |
| ରାଜସ୍ଥାନ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ | ୯ | ୨ | ୭ | ୦ | ୪ | -୧.୩୦୨ |

### ବୈଭବ ଓ ଯଶସ୍ୱୀଙ୍କ ବିସ୍ଫୋରଣରେ ଉଡ଼ିଲା ଗୁଜରାଟ

# ରାଜସ୍ଥାନ ୮ ୱିକେଟ୍‌ରେ ବିଜୟୀ

**ଜୟପୁର,୨୮।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ର ୪୭ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୮ ୱିକେଟ୍‌ରେ ଗୁଜରାଟ ଟାଇଟନ୍ସକୁ ହରାଇ ଦେଇଛି । ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପ୍ରଥମେ ୪ ୱିକେଟ୍ ବିନିମୟରେ ୨୦୯ ରନ୍ କରିଥିଲା । ଶୁଭମନ୍ ଗିଲ୍ ୮୪ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ । ଜବାବରେ ରାଜସ୍ଥାନ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଶତକ ଏବଂ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ ଦମ୍‌ରେ ୧୫.୫ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଛି । ଚଳିତ ସିଜନ୍‌ରେ ଲଗାତାର ୫ ପରାଜୟ ପରେ ଏହା ରାଜସ୍ଥାନର ପ୍ରଥମ ବିଜୟ । ଅନ୍ୟପଟେ ୯ ମ୍ୟାଚ୍‌ରେ ଗୁଜରାଟର ଏହା ତୃତୀୟ ପରାଜୟ ।

୨୧୦ ରନ୍‌ର ବିଜୟ ଲକ୍ଷ୍ୟର ଜବାବରେ ରାଜସ୍ଥାନ ଧୂଆଁଧାର ଆରମ୍ଭ କରିଥିଲା । ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ୍ ଇନିଂସ୍ ଓପନ୍ କରି ପ୍ରଥମ ୱିକେଟ୍ ପାଇଁ ୧୬୬ ରନ୍‌ର ପାର୍ଟନରଶିପ୍ କରିଥିଲେ । ବୈଭବ ୬ ଛକା ସହାୟତାରେ ମାତ୍ର ୧୭ ବଲ୍‌ରେ ହିଁ ଅର୍ଦ୍ଧଶତକ ପୂରଣ କରିଥିଲେ । ଏହାପରେ ନଅଟକି ସେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରିଥିଲେ । ଏହା ମଧ୍ୟରେ ତାଙ୍କ ବ୍ୟାଟ୍‌ରୁ ୧୧ ଛକା ଓ ୭ ଚୌକା ବାହାରିଥିଲା । ମାତ୍ର ୧୨ଶ ଓଭର୍‌ରେ ବୈଭବଙ୍କ ୱିକେଟ୍‌ର ପତନ ଘଟିଥିଲା । ସେ ୧୦୧ ରନ୍‌ରେ



ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ୍ ଫେରିଥିଲେ । ବୈଭବଙ୍କ ଆଉଟ୍ ପରେ ନୀତୀଶ ରାଣା (୪) ଶସ୍ତାରେ ରଶିଦ୍ ଖାନ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ । ଅନ୍ୟପଟେ ବ୍ୟାଟିଂ କରୁଥିବା ଯଶସ୍ୱୀ ଧୂଆଁଧାର ଅର୍ଦ୍ଧଶତକ ପୂରଣ କରିଥିଲେ । ଏହା ଦମ୍‌ରେ ରାଜସ୍ଥାନ ୧୬ଶ ଓଭର୍‌ରେ ହିଁ ଲକ୍ଷ୍ୟ ହାସଲ କରିନେଇଥିଲା । ଯଶସ୍ୱୀ ୪୦ ବଲ୍‌ରେ ୯ ଚୌକା ଓ ଦୁଇ ଛକା ସହାୟତାରେ ୭୦ ରନ୍‌ରେ ଅପରାଜିତ ଫେରିଥିଲେ । କ୍ୟାପ୍ଟେନ୍ ରିୟାନ୍ ପରାଗ ମଧ୍ୟ ଧୂଆଁଧାର ବ୍ୟାଟିଂ କରି ୧୫ ବଲ୍‌ରେ ଦୁଇଟି ଲେଖାଏ ଛକା ଓ ଚୌକା ଦମ୍‌ରେ ୩୨ ରନ୍ କରି ଅପରାଜିତ ରହିଥିଲେ । ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଓ ରଶିଦ୍ ଖାନ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଗୁଜରାଟ ଟାଇଟନ୍ସ ଦମ୍‌ଦାର ଆରମ୍ଭ କରିଥିଲା । କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ଓ ସାଇ ସୁଦର୍ଶନ ବିପକ୍ଷ ବୋଲର୍‌ଙ୍କୁ ପ୍ରଥମରୁ ନିଧୁମ ପିଟିବା ଆରମ୍ଭ କରିଥିଲେ । ଗିଲ୍ ଆଟାକିଂ ବ୍ୟାଟିଂ କରି ୨୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଅନ୍ୟପଟେ ସୁଦର୍ଶନ ମଧ୍ୟ ଛକା-ଚୌକା ବର୍ଷା କରିବାରେ ଲାଗିଥିଲେ । ୧୦ ଓଭର୍ ପରେ ଗୁଜରାଟ ସ୍କୋର୍ ୯୨ ରନ୍ ହୋଇଥିଲା । ତେବେ ୧୧ଶ ଓଭର୍‌ରେ ସୁଦର୍ଶନଙ୍କୁ ଆଉଟ୍ କରି ମହୀଶ ତୀକ୍ଷଣା ଟିମ୍‌କୁ ପ୍ରଥମ ଝଟ୍‌କା ଦେଇଥିଲେ । ସୁଦର୍ଶନ ୩୦ ବଲ୍‌ରେ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୩୯ ରନ୍ ଯୋଡ଼ିଥିଲେ । ଏହାପରେ ଗିଲ୍‌ଙ୍କ ସହ ଜୋଶ୍ ବଟ୍‌ଲର୍ ଇନିଂସ୍ ସମ୍ଭାଳିଥିଲେ । ଦୁହେଁ ବିସ୍ଫୋରକ ବ୍ୟାଟିଂ କରି ୧୫ ଓଭର୍‌ରେ ଟିମ୍‌ର ସ୍କୋର୍ ୧୫୦ ରନ୍ ପାର୍ କରାଇଥିଲେ । ୧୭ତମ ଓଭର୍‌ରେ ଗିଲ୍ ତୀକ୍ଷଣାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଗିଲ୍ ୫୦ ବଲ୍‌ରେ ୫ ଚୌକା ଓ ୪ ଛକା ସହାୟତାରେ ୮୪ ରନ୍‌ର ଇନିଂସ୍ ଖେଳିଥିଲେ । ଏହାପରେ ବଟ୍‌ଲର୍ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ । ୨୬ ବଲ୍‌ରେ ୩ ଚୌକା ଓ ୪ ଛକା ସହାୟତାର ୫୦ ରନ୍ କରି ସେ ଅପରାଜିତ ଫେରିଥିଲେ । ୱାଶିଂଟନ୍ ସୁନ୍ଦର ୧୩ ଓ ରାହୁଲ ତେୱାତିଆ ୯ ରନ୍ କରି ଆଉଟ୍ ହୋଇଥିବା ବେଳେ ଶାହରୁଖ୍ ଖାନ୍ ୫ ରନ୍‌ରେ ଅପରାଜିତ ରହିଥିଲେ । ରାଜସ୍ଥାନ ପକ୍ଷରୁ ତୀକ୍ଷଣା ୨ଟି, ଜୋଫ୍ରା ଆର୍ଚର୍ ଓ ସନ୍ଦୀପ୍ ଶର୍ମା ୧-୧ ୱିକେଟ୍ ନେଇଥିଲେ ।

# ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ କୀର୍ତ୍ତିମାନ

### ଦ୍ରୁତ ଶତକରେ ପ୍ରଥମ ଭାରତୀୟ

**ଜୟପୁର,୨୮।୪/ଏଜେନ୍ସି:** ଆଇପିଏଲ୍ ଇତିହାସରେ ସର୍ବକନିଷ୍ଠ ଖେଳାଳି ଭାବେ ଚଳିତ ସିଜନ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଡେବ୍ୟୁ କରିଥିବା ବିହାରର ବୈଭବ ସୂର୍ଯ୍ୟବଂଶୀ ସୋମବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଅନେକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି । ବୈଭବ ଟି-୨୦ ଏବଂ ଚଳିତ ଆଇପିଏଲ୍ ସିଜନ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ ସହିତ ଶତକ ପୂରା କରିଛନ୍ତି । ୩୫ ବଲ୍‌ରେ ସେ ଆଇପିଏଲ୍ କ୍ୟାରିୟର୍‌ର ପ୍ରଥମ ଶତକ ହାସଲ କରିଛନ୍ତି । ଆଇପିଏଲ୍‌ରେ ଦ୍ରୁତ ଶତକ ହାସଲ କରିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି । ଏହି ମାମଲାରେ ସେ ୟୁସୁଫ୍ ପଠାନ୍‌ଙ୍କ ରେକର୍ଡ ଭଙ୍ଗ କରିଛନ୍ତି । ୟୁସୁଫ୍ ପଠାନ୍ ୩୭ ବଲ୍ ଦ୍ରୁତ ଶତକ ହାସଲ କରିଥିଲେ । ଏହା ପୂର୍ବରୁ ମ୍ୟାଚ୍‌ରେ ବୈଭବ ୧୭ ବଲ୍‌ରେ କ୍ୟାରିୟର୍‌ର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ । ଏହା ଚଳିତ ସିଜନ୍‌ରେ ସବୁଠୁ ଦ୍ରୁତ ଅର୍ଦ୍ଧଶତକ । ଏହି



ମାମଲାରେ ସେ ନିକୋଲାସ୍ ପୂରନ୍‌ଙ୍କ ରେକର୍ଡକୁ ପଛରେ ପକାଇଛନ୍ତି । ପୂରନ୍ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ । ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ବୈଭବ ମାତ୍ର ୩୮ ବଲ୍‌ରେ ୨୬୫.୭୮ ଷ୍ଟ୍ରାଇକ୍ ରେଟ୍‌ରେ ୧୦୧ ରନ୍ କରି ଆଉଟ୍ ହୋଇଛନ୍ତି । ଏହା ମଧ୍ୟରେ ତାଙ୍କର ସାତଟି ଚୌକା ଓ ୧୧ ଛକା ସାମିଲ ।

# ପନ୍ତ୍‌ଙ୍କୁ ୨୪ ଲକ୍ଷ ଜୋରିମାନା



**ମୁମ୍ବାଇ,୨୮।୪/ଏଜେନ୍ସି:** ସ୍ଲୋ ଓଭର୍ ରେଟ୍ ପାଇଁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ କ୍ୟାପ୍ଟେନ୍ ଋଷଭ ପନ୍ତ୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି । ଏହା ବ୍ୟତୀତ ଟିମ୍‌ର ଇମ୍ପାକ୍ଟ ପ୍ଲେୟର୍‌ଙ୍କ ସହିତ ଚୂଡ଼ାନ୍ତ ଏକାଦଶର ସମସ୍ତ ଖେଳାଳିଙ୍କୁ ମଧ୍ୟ ମ୍ୟାଚ୍ ଫି'ର ୨୫% ଜୋରିମାନା କରାଯାଇଛି । ରବିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ପୂରା ଓଭର୍ ବୋଲିଂ କରିପାରି ନଥିବାରୁ କାରଣରୁ ଲକ୍ଷ୍ନୌ ଟିମ୍‌କୁ ଏହି ଦଣ୍ଡାଦେଶ କରାଯାଇଛି । ଚଳିତ ସିଜନ୍‌ରେ ଏହା ଟିମ୍‌ର ଦ୍ୱିତୀୟ ଏବଂ ମୋଟ ଉପରେ ଅଷ୍ଟମ ସ୍ଲୋ ଓଭର୍ ରେଟ୍ ।

### ଆଇସିସି ଅଣ୍ଡର୍-୧୯ ବିଶ୍ୱକପ୍ ୨୦୨୬

# ଜାପାନର ଯୋଗ୍ୟତା ଅର୍ଜନ

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ଜାପାନ କ୍ରିକେଟ୍ ଟିମ୍ ଆଇସିସି ଅଣ୍ଡର-୧୯ ପୁରୁଷ ବିଶ୍ୱକପ୍ ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଜାପାନ ଇଷ୍ଟ ଏସିଆ ପ୍ୟାସିଫିକ୍ କ୍ୱାଲିଫାୟର୍‌ରେ ସମସ୍ତ ଚାରିଟି ଯାକ ମ୍ୟାଚ୍ ଜିତି ଏହି ଟିକେଟ୍ ହାସଲ କରିଛି । ଜାପାନର କ୍ୱାଲିଫାୟର୍ ରାଉଣ୍ଡରେ ପାପୁଆ ନ୍ୟୁ ଗିନି (ପିଏନ୍‌ଜି) ଏବଂ ଫିଜି ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍‌ରେ ବିଜୟୀ ହୋଇଛି । ଏହା ସହିତ ଜାପାନ ଟିମ୍ ୮ ପଏଣ୍ଟ୍ ସହ ଅଣ୍ଡର-୧୯ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ୧୪ତମ ଟିମ୍ ହୋଇଛି । ସେହିପରି ରିଜିଓନାଲ୍ କ୍ୱାଲିଫିକେସନ୍ ଜରିଆରେ ଟୁର୍ଣ୍ଣାମେଣ୍ଟ୍‌ରେ ସ୍ଥାନ ହାସଲରେ ତୃତୀୟ ଟିମ୍ ହୋଇଛି । ଏହା ପୂର୍ବରୁ ତାଞ୍ଜାନିଆ ଆଫ୍ରିକା କ୍ୱାଲିଫାୟର୍ ଏବଂ ଆଫଗାନିସ୍ତାନ ଏସିଆ କ୍ୱାଲିଫାୟର୍ ଜିତି ନିଜ ନିଜର ସ୍ଥାନ ପକ୍କା କରିସାରିଛନ୍ତି । ଜାପାନ ଦ୍ୱିତୀୟ ଥର ପାଇଁ ଅଣ୍ଡର-୧୯ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛି । ଏହା ପୂର୍ବରୁ ଟିମ୍ ୨୦୨୦ରେ ପ୍ରଥମ ଥର ଟୁର୍ଣ୍ଣାମେଣ୍ଟ୍‌ରେ ଖେଳିଥିଲା । ମାତ୍ର ୬ ମ୍ୟାଚ୍‌ରେ ଗୋଟିଏ ବି ବିଜୟ ହାସଲ କରିପାରି ନଥିଲା । ଚଳିତ ଥର ଜାପାନ ଟୁର୍ଣ୍ଣାମେଣ୍ଟ୍‌ରେ ବିଜୟ ଖାତା ଖୋଲିବା ସହିତ ନିଜ ପ୍ରଦର୍ଶନରେ କ୍ରିକେଟ୍ ଜଗତକୁ ପ୍ରଭାବିତ ପାଇଁ ଉଦ୍ୟମ କରିବ । ଆଇସିସି ଅଣ୍ଡର-୧୯ ବିଶ୍ୱକପ୍‌ର ଆୟୋଜନ ଆସନ୍ତା ବର୍ଷ ଜିମ୍ବାୱେ ଓ ନାମ୍ବିୟାରେ ହେବ । ଏହି ଟୁର୍ଣ୍ଣାମେଣ୍ଟ୍‌ରେ ମୋଟ ୧୬ ଟିମ୍ ଭାଗନେବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୪ ଟିମ୍ ବିଶ୍ୱକପ୍ ଟିକେଟ୍ ହାସଲ କରିସାରିଛନ୍ତି । ଏବେ କେବଳ ଆମେରିକା ଓ ୟୁରୋପ ରିଜନ୍‌ରୁ କ୍ୱାଲିଫିକେସନ୍ ଜରିଆରେ ଦୁଇ ଟିମ୍ ସ୍ଥିର ହେବା ବାକି ରହିଛି ।

# ଅଶ୍ୱିନ ଓ ଶ୍ରୀଜେଶ୍ ପଦ୍ମ ପୁରସ୍କାରରେ ସମ୍ମାନିତ

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ୍‌ଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି । ଅଶ୍ୱିନଙ୍କୁ ସୋମବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି । କ୍ରିକେଟ୍‌ରେ ଉତ୍କୃଷ୍ଟ ଯୋଗଦାନ ପାଇଁ ଅଶ୍ୱିନଙ୍କ ଏହି ପୁରସ୍କାର ମିଳିଛି । ଅଶ୍ୱିନଙ୍କ ବ୍ୟତୀତ ଭାରତୀୟ ହକି ଟିମ୍‌ର ପୂର୍ବତନ ଗୋଲ୍‌କିପର୍ ପିଆର୍ ଶ୍ରୀଜେଶ୍‌ଙ୍କୁ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ୨୫ରେ ୭୬ତମ ଗଣତନ୍ତ୍ର ଦିବସର ପୂର୍ବ



**ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନକଲେ ପୁରସ୍କାର**

ସନ୍ଧ୍ୟାରେ ମୋଟ ୧୩୯ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଦେଶର ନାଗରିକ ପୁରସ୍କାର ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୭୧ ଜଣଙ୍କୁ ସୋମବାର ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଭବନର ଭବ୍ୟ ଦରବାର ହଲ୍‌ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ବାକି ମନୋନୀତ ବ୍ୟକ୍ତିଙ୍କୁ ଅନ୍ୟ ଏକ ସମାରୋହରେ ପରେ ଏହି ପୁରସ୍କାର ପ୍ରଦାନ କରାଯିବ ।

ବିସିସିଆଇ ସୋସିଆଲ୍ ମିଡିଆରେ ଏକ ଭିଡିଓ ଜାରିକରି ଅଶ୍ୱିନ୍‌ଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ବଧେଇ ଜଣାଇଛି । ଭିଡିଓରେ ଅଶ୍ୱିନଙ୍କୁ ରାଷ୍ଟ୍ରପତିଙ୍କ ହାତରୁ ପୁରସ୍କାର ନେଉଥିବାର ଦେଖିବାକୁ ମିଳୁଛି । ବିସିସିଆଇ ଏକ୍ସ'ରେ ଲେଖିରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରତିଷ୍ଠିତ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିବା ଆର୍. ଅଶ୍ୱିନଙ୍କୁ ବଧେଇ । ଏହା ତାଙ୍କ ଉଲ୍ଲେଖନୀୟ ଉପଲବ୍ଧି ଏବଂ ଟିମ୍ ଇଣ୍ଡିଆ ସହ ଏକ ଚମତ୍କାର କ୍ୟାରିୟର୍‌ର ସମ୍ମାନ ।

ଉଲ୍ଲେଖଯୋଗ୍ୟ, ଅଶ୍ୱିନ ଗତବର୍ଷ ଡିସେମ୍ବରରେ ଭାରତୀୟ ଟିମ୍‌ର ଅଷ୍ଟ୍ରେଲିଆ ଗସ୍ତ ଅବସରରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କହିଥିଲେ । ଗାବା ଟେଷ୍ଟର ସମାପ୍ତି ପରେ ଅଶ୍ୱିନ ସନ୍ନ୍ୟାସ ଘୋଷଣା କରିଥିଲେ । ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ଅଶ୍ୱିନ ମୋଟ ୭୬୫ ୱିକେଟ୍ ଅକ୍ତିଆର କରିଛନ୍ତି । ଏହା ମଧ୍ୟରେ ୫୩୭ ଟେଷ୍ଟ ୱିକେଟ୍, ୧୫୬ ଦିନିକିଆ ୱିକେଟ୍ ଏବଂ ୭୨ ଟି-୨୦ ଅନ୍ତର୍ଜାତୀୟ ଓ୍ୱିକେଟ୍ ସାମିଲ । ଅଶ୍ୱିନ ୨୦୧୧ ବିଶ୍ୱକପ୍ ଏବଂ ୨୦୧୩ ଚାମ୍ପିଅନ୍‌ସ ଟ୍ରଫି ବିଜେତା ଟିମ୍‌ର ସଦସ୍ୟ ଥିଲେ । ଅନୀଲ୍ କୁମ୍ବଲେଙ୍କ ପରେ ଭାରତ ପକ୍ଷରୁ ସମସ୍ତ ଫର୍ମାଟ୍‌ରେ ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍ ଭାବେ ଅଶ୍ୱିନ ନିଜର ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ସମାପନ କରିଛନ୍ତି ।

### ଜୁନିୟର୍ ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍

# ସ୍ୱର୍ଣ୍ଣ ପଦକ ଦୌଡ଼ରେ ୨୧ ଭାରତୀୟ

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ଜୋର୍ଡାନ୍ ରାଜଧାନୀ ଅମ୍ମାନ୍‌ରେ ଚାଲିଥିବା ଜୁନିୟର୍ ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍‌ରେ ଭାରତୀୟ ବକ୍ସର୍ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି । ଫଳରେ ଆଉ ୬ ମହିଳାଙ୍କ ସମେତ ୭ ବକ୍ସର୍ ଅଣ୍ଡର-୧୭ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି । ଭାରତ ବର୍ତ୍ତମାନ ସୁଦ୍ଧା ୪୩ ପଦକ ପକ୍କା କରିସାରିଛି । ଏହା ମଧ୍ୟରେ ଅଣ୍ଡର-୧୫ ଓ ଅଣ୍ଡର-୧୭ ବର୍ଗରେ ୨୧ ବକ୍ସର୍ ସ୍ୱର୍ଣ୍ଣ ପଦକ ପାଇଁ ମୁକାବିଲା କରିବେ ।

ଅଣ୍ଡର-୧୭ ମହିଳା ବକ୍ସର୍ ଅହାନା ଶର୍ମା (୫୦ କିଗ୍ରା) ରବିବାର କିର୍ଗିଜସ୍ତାନର ଅକମାରଲ ଅମାନ୍ତାୟେଭାଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ନକ୍‌ଆଉଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଖୁସି ଚାନ୍ଦ (୪୪-୪୬ କିଗ୍ରା)ରେ ୟୁକ୍ରେନ୍‌ର ଓଲେକ୍‌ସାନ୍ଦ୍ରା ଚେରେୱାଟାଙ୍କୁ ୩-୨ରେ ହରାଇଥିବା ବେଳେ ଜନ୍ନତ (୫୪ କିଗ୍ରା), ସିମରନ୍‌ଜିତ୍ କୌର୍ (୬୦ କିଗ୍ରା), ହର୍ଷିକା (୬୩ କିଗ୍ରା) ଏବଂ ଅଂଶିକା (୮୦+ କିଗ୍ରା) ମଧ୍ୟ ଚମତ୍କାର ବିଜୟ ହାସଲ କରି ଫାଇନାଲ୍ ମୁକାବିଲାରେ ନିଜ ସ୍ଥାନ ପକ୍କା କରିଛନ୍ତି ।

ପୁରୁଷ ଅଣ୍ଡର-୧୭ରେ ଦେବାଂଶ (୮୦ କିଗ୍ରା) ଚମତ୍କାର ପ୍ରଦର୍ଶନ କରି ଭିଏତ୍‌ନାମ୍‌ର ଗୁୟେନ୍ ଟ୍ରୋଙ୍ଗ୍ ତିଏନ୍‌ଙ୍କୁ ୪-୧ରେ ମାତ୍ ଦେଇ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏସିଆନ୍ ଅଲିମ୍ପିକ୍ ପରିଷଦ ଏବଂ ନବଗଠିତ ବିଶ୍ୱ ବକ୍ସିଂ ସମର୍ଥନପ୍ରାପ୍ତ ଏହା ଏସିଆନ୍ ବକ୍ସିଂ ଦଦ୍ୱାରା ଆୟୋଜିତ ପ୍ରଥମ ଟୁର୍ଣ୍ଣାମେଣ୍ଟ୍ ।



# ବିରାଟ କୋହଲିଙ୍କ ରେକର୍ଡ ବର୍ଷା



**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ଚଳିତ ଆଇପିଏଲ୍ ସିଜନ୍‌ରେ ଚମତ୍କାର ଫର୍ମରେ ଅଛନ୍ତି । ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଦମ୍‌ଦାର ଇନିଂସ୍ ଖେଳି ନିଜର ଟିମ୍‌କୁ ବିଜୟୀ କରାଇଛନ୍ତି । ଏହି ମ୍ୟାଚ୍‌ରେ କିଙ୍ଗ୍ କୋହଲି ଅନେକ ଉପଲବ୍ଧି ହାସଲ କରିଛି । କୌଣସି ଗୋଟିଏ ଟିମ୍ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହରେ ସେ ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି । ଏହା ବ୍ୟତୀତ ଲକ୍ଷ୍ୟର ପିଛା କରି ଚଳିତ ସିଜନ୍‌ରେ ଚତୁର୍ଥ ଥର ୫୦+ ରନ୍ ମଧ୍ୟ କରିଛନ୍ତି । ରବିବାରର ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ସେ ୪୭ ବଲ୍‌ରେ ୫୧ ରନ୍ କରି ନିଜର ଟିମ୍‌କୁ ବିଜୟ ଦ୍ୱାରଦେଶରେ ପହଞ୍ଚାଇଥିଲେ । ଏହା ଚଳିତ ସିଜନ୍‌ରେ ତାଙ୍କ ୬ଷ୍ଠ ତଥା କ୍ୟାରିୟର୍‌ର ୬୧ତମ ଅର୍ଦ୍ଧଶତକ ଥିଲା । ଏହା ସହିତ କୋହଲି କୌଣସି ଗୋଟିଏ ଟିମ୍ ବିପକ୍ଷରେ ଆଇପିଏଲ୍‌ରେ ସର୍ବାଧିକ ରନ୍ ସଂଗ୍ରହରେ ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି । ଦିଲ୍ଲୀ ବିପକ୍ଷରେ କୋହଲି ୧୧୩୦ ରନ୍ କରିଛନ୍ତି । ଏହି ମାମଲାରେ ଡେଭିଡ୍ ୱାର୍ଣ୍ଣର୍ ଶୀର୍ଷରେ ରହିଛନ୍ତି । ୱାର୍ଣ୍ଣର୍ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ୧୧୩୪ ରନ୍ କରିଛନ୍ତି । କୋହଲି ଏବେ ୱାର୍ଣ୍ଣର୍‌ଙ୍କ ରେକର୍ଡ ଭଙ୍ଗଠାରୁ ମାତ୍ର ୫ ରନ୍ ଦୂରରେ ରହିଛନ୍ତି ।

ସେହିପରି ଚଳିତ ସିଜନ୍‌ରେ ଲକ୍ଷ୍ୟର ପିଛା କରି କୋହଲି ଚତୁର୍ଥ ଥର ୫୦ରୁ ଊର୍ଦ୍ଧ୍ୱ ରନ୍‌ର ଇନିଂସ୍ ଖେଳିଛନ୍ତି । ସେ ପ୍ରଥମେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ୫୪ ବଲ୍‌ରୁ ୭୩ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ । ଏହା ବ୍ୟତୀତ ୩୬ ବର୍ଷୀୟ ବ୍ୟାଟର୍ ରାଜସ୍ଥାନ ବିପକ୍ଷରେ ୬୨ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ବିପକ୍ଷରେ ୫୯ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ । ଏହି ମ୍ୟାଚ୍‌ରେ ବିରାଟ ଆଉ ଏକ ଉପଲବ୍ଧି ମଧ୍ୟ ହାସଲ କରିଛନ୍ତି । ସେ ଆଇପିଏଲ୍‌ରେ କୌଣସି ଏକ ଟିମ୍ ବିପକ୍ଷରେ ସର୍ବାଧିକ ୫୦+ ସ୍କୋର୍ କରିବାରେ ପ୍ରଥମ ବ୍ୟାଟର୍ ହୋଇଛନ୍ତି । ସେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୧ ଥର ୫୦ରୁ ଊର୍ଦ୍ଧ୍ୱ ରନ୍ କରିଛନ୍ତି । ଏହି ମାମଲାରେ ସେ ଡେଭିଡ୍ ୱାର୍ଣ୍ଣର୍‌ଙ୍କୁ ପଛରେ ପକାଇଛନ୍ତି । ୱାର୍ଣ୍ଣର୍ ଆର୍‌ସିବି ବିପକ୍ଷରେ ୧୦ ଥର ଏହି କାରନାମା କରିଥିଲେ । ଅବଶ୍ୟ ଏହି ମାମଲାରେ ୱାର୍ଣ୍ଣର୍ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ୧୩ ଥର ୫୦ରୁ ଊର୍ଦ୍ଧ୍ୱ ରନ୍ କରି ଶୀର୍ଷରେ ରହିଛନ୍ତି ।

# ଲିଭରପୁଲ୍‌କୁ ଇଂଲିଶ ପ୍ରିମିୟର୍ ଲିଗ୍ ଟାଇଟଲ୍

### ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଟୋଟନ୍‌ହମ୍‌କୁ ୫-୧ରେ ହରାଇଲା

**ଲଣ୍ଡନ,୨୮।୪/ଏଜେନ୍ସି:** ଲିଭରପୁଲ୍ ରବିବାର ଇଂଲିଶ ପ୍ରିମିୟର୍ ଲିଗ୍ ୨୦୨୪-୨୫ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଟୋଟନ୍‌ହମ୍ ହଟ୍‌ସ୍ପର୍‌କୁ ଏକତରଫା ଭାବେ ୫-୧ ଗୋଲ୍‌ରେ ହରାଇ ଦେଇଛି । ଏହା ସହିତ ପଏଣ୍ଟ୍ ଟେବଲ୍‌ର ଶୀର୍ଷରେ ପହଞ୍ଚି ଟାଇଟଲ୍ ନିଜ ନାମରେ କରିଛି । ଲିଭରପୁଲ୍‌ର ଏହା ୨୦ଶ ଇଂଲିଶ ପ୍ରିମିୟର୍ ଲିଗ୍ ଟାଇଟଲ୍ । ଏହା ସହିତ ସର୍ବାଧିକ ଟାଇଟଲ୍ ଜିତିବାରେ ଟିମ୍ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ସମକକ୍ଷ ହୋଇଛି ।

ଲିଭରପୁଲ୍ ପ୍ରଥମାର୍ଦ୍ଧରେ ପଛୁଆ ରହିବା ପରେ ପ୍ରତ୍ୟାବର୍ତ୍ତନ କରିଥିଲା । ୧୨ଶ ମିନିଟ୍‌ରେ ଜେମ୍ସ ମାଡିସନ୍‌ଙ୍କ କର୍ଣ୍ଣର୍‌ରେ ଡୋମିନିକ୍ ସୋଲାଙ୍କେ ଚମତ୍କାର ହେଡର୍ ଜରିଆରେ ଗୋଲ୍ କରି ଟୋଟନ୍‌ହମ୍‌କୁ ୧-୦ରେ ଅଗ୍ରଣୀ କରିଥିଲେ । ମାତ୍ର ଏହାର ଚାରି ମିନିଟ୍ ପରେ ଲୁଇସ୍ ଡିୟାଜ୍‌ଙ୍କ ଗୋଲ୍ ବଳରେ ଲିଭରପୁଲ୍ ସ୍ଥିତି ବରାବର କରିଥିଲା । ଡୋମିନିକ୍ ସୋଜ୍‌ବୋସ୍ଲାଇଙ୍କ କ୍ରସ୍‌ରେ ଡିଆଜ୍ ଏହି ଗୋଲ୍ କରିଥିବା ବେଳେ ରେଫରି ଏହାକୁ ଅଫ୍‌ସାଇଡ୍



ଦେଇଥିଲେ । ମାତ୍ର ରିଭ୍ୟୁରେ ଏହା ଠିକ୍ ଥିବାରୁ ସ୍କୋର୍ ୧-୧ ହୋଇଥିଲା । ଏହାପରେ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର୍ ୨୪ତମ ମିନିଟ୍‌ରେ ଚମତ୍କାର ଗୋଲ୍ କରି ଲିଭରପୁଲ୍‌କୁ ୨-୧ରେ ଆଗୁଆ କରିଥିଲେ । ପରେ କୋଡି ଗାକପୋ ୩୪ତମ ମିନିଟ୍‌ରେ ତୃତୀୟ ଗୋଲ୍ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଲିଭରପୁଲ୍ ଅଗ୍ରଣୀ ୩-୧ରେ କରିଥିଲେ ।

ଦ୍ୱିତୀୟାର୍ଦ୍ଧରେ ଲିଭରପୁଲ୍ ନିଜ ଆଧିପତ୍ୟ ବଜାୟ ରଖି ଦୁଇଟି ଗୋଲ୍ ଦେଇଥିଲା । ଡୋମିନିକ୍ ସୋଜ୍‌ବୋସ୍ଲାଇଙ୍କ ପାସ୍‌ରେ ଟପ୍ ସ୍କୋରର୍ ମହମ୍ମଦ ସାଲାହ ୬୩ତମ ମିନିଟ୍‌ରେ ଏକ ଚମତ୍କାର ଗୋଲ୍‌କରି ସ୍ଥିତି ୪-୧ରେ ପହଞ୍ଚାଇଥିଲେ । ଏହାପରେ ୭୦ତମ ମିନିଟ୍‌ରେ ଟୋଟନ୍‌ହମ୍‌ର ଡେଷ୍ଟିନୀ ଓଡ଼ୋଗିରଙ୍କ ଆତ୍ମଘାତୀ ଗୋଲ୍ ଲିଭରପୁଲ୍‌କୁ ୫-୧ ଆଗୁଆ କରାଇବା ସହିତ ଟୋଟନ୍‌ହମ୍‌ର ପ୍ରତ୍ୟାବର୍ତ୍ତନ ଦ୍ୱାର ମଧ୍ୟ ବନ୍ଦ କରିଦେଇଥିଲା । ଏହି ବିଜୟ ସହ ଲିଭରପୁଲ୍‌ର ୩୪ ମ୍ୟାଚ୍‌ରେ ୮୨ ପଏଣ୍ଟ୍ ହୋଇଛି ଏବଂ ଟିମ୍ ଦ୍ୱିତୀୟ ସ୍ଥାନରେ ଥିବା ଆର୍ସେନଲ୍‌ଠାରୁ ୧୫ ପଏଣ୍ଟ୍ ଆଗରେ ରହିଛି । ଲିଭରପୁଲ୍ ଖେଳାଳି ୨୦୨୦ ପରେ ପ୍ରିମିୟର୍ ଲିଗ୍‌ର ପ୍ରଥମ ଟାଇଟଲ୍ ଜିତାଇଥିବା କୋଚ୍ ଆର୍ନେ ସ୍ଲଟ୍‌ଙ୍କ ସହ ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ସାଲାହ ପ୍ରଶଂସକଙ୍କ ସହ ସେଲ୍‌ଫି ଉଠାଇଥିଲେ ।

### ଦକ୍ଷିଣ ଏସୀୟ ଯୁବ ଟିଟି ଚାମ୍ପିଅନ୍‌ଶିପ୍

# ଭାରତକୁ ୧୩ ସ୍ୱର୍ଣ୍ଣ ପଦକ

**କାଠମାଣ୍ଡୁ,୨୮।୪/ଏଜେନ୍ସି:** ଦକ୍ଷିଣ ଏସୀୟ ଯୁବ ଟେବଲ୍ ଟେନିସ୍ ଚାମ୍ପିଅନ୍‌ଶିପ୍‌ରେ ଚମତ୍କାର ପ୍ରଦର୍ଶ କରି ଭାରତ ୧୩ ସ୍ୱର୍ଣ୍ଣ ଏବଂ ତିନି ରୌପ୍ୟ ସମେତ ମୋଟ ୧୬ ପଦକ ଜିତିଛି । ଯୁବ ଏସୀୟ ଚାମ୍ପିଅନ୍‌ଶିପ୍‌ର ଏହି କ୍ୱାଲିଫିକେସନ୍ ଟୁର୍ଣ୍ଣାମେଣ୍ଟ୍‌ରେ ରବିବାର ଭାରତୀୟ ପ୍ରତିଯୋଗୀମାନେ ବିଭିନ୍ନ ଶ୍ରେଣୀରେ ଆଧିପତ୍ୟ ବିସ୍ତାର କରିଥିଲେ । ଭାରତୀୟ ଟିମ୍ ଅଣ୍ଡର-୧୯ ବାଳିକା, ଅଣ୍ଡର-୧୫ ବାଳକ ଏବଂ ଅଣ୍ଡର-୧୫ ବାଳିକା ବର୍ଗରେ ତିନି ସ୍ୱର୍ଣ୍ଣ ପଦକ ଜିତିଛି । ସେହିପରି ଅଣ୍ଡର-୧୯ ଓ ଅଣ୍ଡର-୧୫ ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ଇଭେଣ୍ଟ୍ ସହିତ ସମସ୍ତ ୬ ପଦକ ମଧ୍ୟ ଜିତିଛନ୍ତି । ଏହା ବ୍ୟତୀତ ଭାରତ ଅଣ୍ଡର-୧୯ ବାଳକ ଓ ବାଳିକାର ସିଙ୍ଗଲ୍ସ ମୁକାବିଲାରେ ୪ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଟିମ୍ ଇଭେଣ୍ଟ୍‌ରେ ପୃଥା ବର୍ତ୍ତିକାର, ଅନନ୍ୟା ଚନ୍ଦେ, ହାର୍ଡି ପଟେଲ୍ ଓ ଦୀୟା ବ୍ରହ୍ମଚାରୀ ନେପାଳକୁ ୩-୧ରେ ହରାଇ ଅଣ୍ଡର-୧୯ ବାଳିକା ବିଭାଗର ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିପରି ଅଣ୍ଡର-୧୫ ବାଳିକା ବର୍ଗରେ ପ୍ରତୀତି ପାଲ୍, ଆରୁଷି ନନ୍ଦୀ, ଅଦ୍ୱିକା ଅରୱାଲ୍ ଓ ତନ୍ମୟୀ ସାହା ଶ୍ରୀଲଙ୍କାକୁ ୩-୦ରେ ମାତ୍ ଦେଇ ସ୍ୱର୍ଣ୍ଣ ପଦକ କବ୍‌ଜା କରିଛନ୍ତି । ଅଣ୍ଡର-୧୯ ବାଳିକ ସିଙ୍ଗଲ୍ସ ଫାଇନାଲ୍‌ରେ କୁଶାଳ ଚୋପ୍ରା ସାଥୀ ଭାରତୀୟ ଆର୍. ବଲା ମୁରୁଗନ୍‌ଙ୍କୁ ୩-୧ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଫଳରେ ଭାରତ ଶୀର୍ଷ ଦୁଇ ସ୍ଥାନ ହାସଲ କରିଛି । ସେହିପରି ଅଣ୍ଡର-୧୯ ବାଳିକା ସିଙ୍ଗଲ୍ସରେ ଅନନ୍ୟା ଚନ୍ଦେ ୩-୧ରେ ପୃଥା ବର୍ତ୍ତିକାରଙ୍କୁ ହରାଇବା ଫଳରେ ଶୀର୍ଷ ଦୁଇଟି ସ୍ଥାନ ଭାରତୀୟଙ୍କ ନାମରେ ରହିଛି ।

# ସୋଏବ୍ ଅଖ୍‌ତରଙ୍କ ୟୁ-ଟ୍ୟୁବ୍ ଚ୍ୟାନେଲ୍ ଭାରତରେ ବ୍ୟାନ୍

**ନୂଆଦିଲ୍ଲୀ,୨୮।୪/ଏଜେନ୍ସି:** ପହଲଗାମ୍ ଆତଙ୍କୀ ଆକ୍ରମଣର ରିର୍ପୋଟିଂକୁ ନେଇ ଭାରତ ସୋମବାର କେତେକ ପାକିସ୍ତାନୀ ୟୁ-ଟ୍ୟୁବ୍ ଚ୍ୟାନେଲ୍‌କୁ ବ୍ୟାନ୍ କରିଛି । ଗୃହ ମନ୍ତ୍ରଣାଳୟର ସୁପାରିସକ୍ରମେ ଭାରତ ସରକାର ୧୬ ପାକିସ୍ତାନୀ ୟୁ-ଟ୍ୟୁବ୍ ଚ୍ୟାନେଲ୍ ଉପରେ ବ୍ୟାନ୍ ଲଗାଇଛନ୍ତି । ଯେଉଁ ୟୁ-ଟ୍ୟୁବ୍ ଚ୍ୟାନେଲ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେଗୁଡ଼ିକ ମଧ୍ୟରେ ଡନ୍ ନ୍ୟୁଜ୍, ସମା ଟିଭି ଏବଂ ଜିଓ ନ୍ୟୁଜ୍ ବ୍ୟତୀତ କେତେକ ପୂର୍ବତନ ପାକ୍ କ୍ରିକେଟର୍‌ଙ୍କ ଚ୍ୟାନେଲ୍ ମଧ୍ୟ ସାମିଲ । ରାୱଲପିଣ୍ଡି ଏକ୍ସପ୍ରେସ୍ ନାମରେ ବିଖ୍ୟାତ ସୋଏବ୍ ଅଖ୍‌ତର, ପୂର୍ବତନ ପାକିସ୍ତାନୀ କ୍ୟାପ୍ଟେନ୍ ବାସିତ୍ ଅଲୀ, ରଶିଦ୍ ଲତିଫ୍ ଏବଂ ବରିଷ୍ଠ ସାମ୍ବାଦିକ ନୌମାନ୍ ନିୟାଜ୍‌ଙ୍କ ଚ୍ୟାନେଲ୍ ସମେତ ପୂର୍ବତନ ଫାଷ୍ଟ ବୋଲର୍ ତନବୀର ଅହମଦଙ୍କ ଚ୍ୟାନେଲ୍ ମଧ୍ୟ ସାମିଲ । ସରକାରୀ ସୂତ୍ର ଅନୁସାରେ ଏହି ଚ୍ୟାନେଲ୍‌ଗୁଡ଼ିକ ଭାରତ, ଭାରତୀୟ ସେନା ଏବଂ ସୁରକ୍ଷା ଏଜେନ୍ସିଙ୍କ ବିରୋଧରେ ଉତ୍ତେଜନାମୂଳକ, ସାମ୍ପ୍ରଦାୟିକ ଏବଂ ଭ୍ରମାତ୍ମକ ଖବର ପ୍ରସାରଣ କରୁଥିବା ଅଭିଯୋଗ ହୋଇଛି ।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra